ବର୍ଷ-୫୪ : ସଂଖ୍ୟା-୫ ମେ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ··· | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଅଭିମାନରୁ ମୁକ୍ତ ହେବା | ··· | ଶ୍ରୀମା | ··· | ୬ |
| ଭାରତର ନିୟତି ଓ ଶ୍ରୀଅରବିନ୍ଦ | ··· | ଶେଖ ଅବଦୁଲ କାଶମ | ··· | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୮) | ··· | ··· | ··· | ୧୨ |
| ମେ ଚାରି ତାରିଖ ଦର୍ଶନ (୪.୫.୬୭) | ··· | ରାମକୃଷ୍ଣ ଦାସ | ··· | ୧୬ |
| ଶ୍ରୀଅରବିନ୍ଦ ଓ ଭାରତର ଆଧ୍ୟାତ୍ମିକ ପରମ୍ପରା | ··· | ପ୍ରପତ୍ତି | ··· | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୩) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| ଅଫେରା ଜୀବନ (କବିତା) | ··· | ସନ୍ତୋଷ ରଥ | ··· | ୨୭ |
| ଦ୍ୱୀପାନ୍ତରର କଥା (ଚତୁର୍ଥ ପରିଚ୍ଛେଦ) ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୮ |
| ଶ୍ରୀମାଙ୍କ କବି ପୂଜାଲାଲ | ··· | ନୀରଦବରଣ | ··· | ୩୦ |
| ସନାତନ ଧର୍ମ (୬) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୩ |
| ସ୍ମିତହାସ୍ୟ ଯା'ର ଧାରା କରୁଣାର (କବିତା) | ··· | ପର୍ଶୁରାମ ମଲ୍ଲିକ | ··· | ୩୯ |
| ବେଷ୍ଟ ଟେନ୍‌ର ମୋହ | ··· | ପ୍ରସାଦ ତ୍ରିପାଠୀ | ··· | ୪୦ |
| ମା' ଓ ସନ୍ତାନ (୨) | ··· | ଗୟାଧର ଦାଶ | ··· | ୪୩ |
| ଆସ୍ପୃହା (କବିତା) | ··· | ଜ୍ୟୋସ୍ନାରାଣୀ ଦାଶ | ··· | ୪୬ |
| ଏକଲବ୍ୟର ସାଧନା (୯) | ··· | ··· | ··· | ୪୭ |
| ଶାକାହାରୀ ଓ ମାଂସାହାରୀ ବାଚାଳତା | ··· | ମନୋଜ ଦାସ | ··· | ୫୧ |
| ପ୍ରେମର ପ୍ରତୀକ ରାମସେତୁ | ··· | ଧର୍ମକୁମାର ଶତପଥୀ | ··· | ୫୩ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ | ··· | ··· | ··· | ୫୪ |
| ଗ୍ରହାନ୍ତରେ ଜୀବ ଜଗତର ସମ୍ଭାବନା | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ହେ ଦିବ୍ୟପ୍ରେମ, ପରମ ଜ୍ଞାନ, ପୂର୍ଣ୍ଣ ଐକ୍ୟ, ଦିବସର ପ୍ରତି ମୁହୂର୍ତ୍ତରେ ମୁଁ ତୁମକୁ ଡାକୁଛି ଯେମିତିକି ଏକମାତ୍ର ତୁମ ବ୍ୟତିରେକେ ମୁଁ ଆଉ କିଛିହିଁ ହେବି ନାହିଁ !

ଏ ଯନ୍ତ୍ରଟି ଯେପରି ତୁମରି ସେବା କରିବ, ଯନ୍ତ୍ର ବୋଲି ସଚେତ ରହି, ଏବଂ ମୋର ସମୁଦାୟ ଚେତନା ତୁମରି ଅଙ୍ଗୀଭୂତ ହୋଇ ଯେପରି ତୁମରି ଦିବ୍ୟଦୃଷ୍ଟି ଯୋଗେହିଁ ସବୁକିଛି କରୁଥିବ ଅନୁଧ୍ୟାନ ।

ହେ ପ୍ରଭୁ, ପ୍ରଭୁ, ତୁମ ସାର୍ବଭୌମ ଶକ୍ତି ପ୍ରତିଭାତ ହେଉ – ଏହାହିଁ କର ଅନୁମୋଦନ; ତୁମ କାର୍ଯ୍ୟ ସମ୍ପନ୍ନ ହୋଇପାରିବ ଏବଂ ତୁମ ସେବକ ତୁମରି ସେବାରେ ଏକାନ୍ତଭାବେ ଉତ୍ସର୍ଗିତ ରହିବ, ଏହାହିଁ କର ଅନୁମୋଦନ ।

ଏ 'ମୁଁ' ଯେପରି ଚିରତରେ ହେଉ ଅଦୃଶ୍ୟ, ଯେପରି ବର୍ତ୍ତି ରହିଥାଉ ଏକମାତ୍ର ଯନ୍ତ୍ରଟି ।

ମେ ୩, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

When one tries to meditate, there is a pressure to go inside, lose the waking consciousness and wake inside, in a deep inner consciousness. But at first the mind takes it for a pressure to go to sleep, since sleep is the only kind of inner consciousness to which it has been accustomed. In Yoga by meditation sleep is therefore often the first difficulty – but if one perseveres then gradually the sleep changes to an inner conscious state.

(CWSA, Vol. 29, p. 319) – Sri Aurobindo

ଯେତେବେଳେ ଜଣେ ଏକ ଗଭୀର ଆନ୍ତର ଚେତନା ମଧ୍ୟରେ ଧ୍ୟାନ କରିବାକୁ ଚେଷ୍ଟା କରେ ସେତେବେଳେ ଅନ୍ତର ମଧ୍ୟକୁ ପ୍ରବେଶ କରିବା ଲାଗି ଏକ ଚାପ ପଡ଼ିଥାଏ । ସେ ଜାଗ୍ରତ୍ ଚେତନାରୁ ଅପସରି ଯାଏ ଏବଂ ଏକ ଆନ୍ତର ଚେତନା, ଏକ ଗଭୀର ଆନ୍ତର ଚେତନାରେ ଜାଗି ଉଠେ । କିନ୍ତୁ ଆରମ୍ଭ ଅବସ୍ଥାରେ ମନ ଏହାକୁ ନିଦ୍ରା ଯିବା ନିମନ୍ତେ ଏକ ଚାପ ରୂପେ ଗ୍ରହଣ କରିଥାଏ, କାରଣ ନିଦ୍ରା ହେଉଛି ଏକମାତ୍ର ଆନ୍ତର ଚେତନା ଯାହା ସହ ଏହା ଅଭ୍ୟସ୍ତ ହୋଇ ଆସିଛି । ତେଣୁ ଧ୍ୟାନ ମାଧ୍ୟମରେ ଯୋଗ-ସାଧନା କ୍ଷେତ୍ରରେ ଅଧିକାଂଶ ସମୟରେ ନିଦ୍ରା ପ୍ରଥମ ବାଧା ରୂପେ ଦେଖା ଦେଇଥାଏ – କିନ୍ତୁ ଯଦି ତୁମେ ଲାଗି ରୁହ, ତେବେ ନିଦ୍ରା ଧୀରେ ଧୀରେ ଏକ ଆନ୍ତର ଚେତନାର ଅବସ୍ଥାରେ ପରିଣତ ହୁଏ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

(୧୨୮)

## ଶ୍ରୀଅରବିନ୍ଦ

A suicidal rash expenditure
Creating the world by a mystery of self-loss
Has poured its scattered works
on empty Space;
Late shall the self-disintegrating Force
Contract the immense expansion it has made:
Then ends this mighty and unmeaning toil,
The Void is left bare, vacant as before.

ଏକ ଆତ୍ମଘାତୀ ଅପରିଣାମଦର୍ଶୀ ଅପବ୍ୟୟ ଆତ୍ମକ୍ଷୟର ଏକ ରହସ୍ୟ ଦ୍ୱାରା ଜଗତ୍ ସର୍ଜନା କରି ରିକ୍ତଗର୍ଭ ଅନ୍ତରୀକ୍ଷରେ ଢାଳି ଦେଇଛି ତା'ର ବିକ୍ଷିପ୍ତ କର୍ମାବଳୀ; ଆତ୍ମବିଭାଜନକାରୀ ସେଇ ମହାଶକ୍ତି ବିଳମ୍ବରେ ଦିନେ ଆପଣାକୃତ ବିପୁଳ ବିସ୍ତାରକୁ ସଙ୍କୁଚିତ କରି ଆଣିବ : ତେବେ ଯାଇ ଅନ୍ତ ହେବ ଏହି ବିଶାଳ ଓ ଅନର୍ଥକ କ୍ଳେଶଯୁକ୍ତ ଶ୍ରମ, ମହାଶୂନ୍ୟ ହେବ ପୂର୍ବବତ୍ ଅନାବୃତ ଓ ଶୂନ୍ୟ ।

Thus vindicated, crowned,
the grand new Thought
Explained the world and mastered all its laws,
Touched the dumb roots, woke veiled
tremendous powers;
It bound to service the unconscious djinns
That sleep unused in Matter's ignorant trance.

ଏଇ ଭାବେ ସମର୍ଥନପ୍ରାପ୍ତ, ମୁକୁଟମଣ୍ଡିତ, ଭବ୍ୟ ନବୀନ ଭାବନା ଜଗତର ବ୍ୟାଖ୍ୟା ପ୍ରଦାନ କଲା ଏବଂ ତାହାର ବିଧାନ ସକଳକୁ ଆୟତ୍ତ କରିନେଲା, ମୂକ ମୂଳଗୁଡ଼ିକୁ ସ୍ପର୍ଶ କଲା, ଅବଗୁଣ୍ଠିତ ପ୍ରଚଣ୍ଡ ଶକ୍ତିରାଜିକୁ ଜଗାଇ ଦେଲା; ଜଡ଼ର ଅଜ୍ଞାନ ସମାଧି ମଧ୍ୟରେ ଅବ୍ୟବହୃତ ହୋଇ ଶୋଇ ରହିଥିବା ଅଚେତନ ଦୈତ୍ୟମାନଙ୍କୁ ନେଇ ତାହା ସେବା ନିବଦ୍ଧ କଲା ।

All was precise, rigid, indubitable.

ସବୁକିଛି ହିଁ ଥିଲା ସୁନିର୍ଦ୍ଦିଷ୍ଟ, ଅନମନୀୟ, ନିଃସନ୍ଦିଗ୍ଧ ।

But when on Matter's rock of ages based
A whole stood up firm and clear-cut and safe,
All staggered back into a sea of doubt;
This solid scheme melted in endless flux:
She had met the formless Power inventor of
forms;
Suddenly she stumbled upon things unseen:
A lightning from the undiscovered Truth
Startled her eyes with its perplexing glare
And dug a gulf between the Real and Known
Till all her knowledge seemed an ignorance.

କିନ୍ତୁ ଯେତେବେଳେ ଜଡ଼ର ଯୁଗଯୁଗାନ୍ତର ସୃଷ୍ଟ ଆଧାରଶିଳା ଉପରେ ସୁଦୃଢ଼, ସୁସ୍ପଷ୍ଟ, ନିରାପଦ ଭାବରେ ଉଭା ହେଲା ଏକ ସମଗ୍ରତାର ମୂର୍ତ୍ତି, ସେତେବେଳେ ସବୁକିଛି ଟଳମଳ ହୋଇ ଗଳି ପଡ଼ିଲା ସଂଶୟର ସମୁଦ୍ର ମଧ୍ୟକୁ; ଏହି କଠୋର ଯୋଜନା ବିଗଳିତ ହେଲା ଅନ୍ତହୀନ ପରିବର୍ତ୍ତନ-ପ୍ରବାହରେ : ରୂପାବଳୀର ଉଦ୍ଭାବକ ଅରୂପ ମହାଶକ୍ତିର ସାକ୍ଷାତ୍ ସିଏ ଲାଭ କରିଥିଲା; ଅପ୍ରତ୍ୟାଶିତ ଭାବେ ସହସା ସେ ଅଦୃଶ୍ୟ ବସ୍ତୁରାଜିକୁ ଆବିଷ୍କାର କଲା : ଅନାବିଷ୍କୃତ ସତ୍ୟରୁ ବିଦ୍ୟୁଲ୍ଲେଖାଟିଏ ଆସି ଆପଣା ବିସ୍ମୟବିମୂଢ଼କାରୀ ପ୍ରଖର ରଶ୍ମିରେ ଝଲସାଇ ଚକିତ କରିଦେଲା ତାହାର ନୟନଯୁଗଳ ଏବଂ ତାହାର ସମସ୍ତ ଜ୍ଞାନ ଏକ ଅଜ୍ଞାନତା ବୋଲି ପ୍ରତୀତ ହେବା ଯାଏ ପରମ ସଦ୍‌ବସ୍ତୁ ଓ ଜ୍ଞାତବସ୍ତୁ ମଧ୍ୟରେ ଖନନ କଲା ବିଚ୍ଛେଦର ଗୋଟିଏ ଗହ୍ୱର ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଅଭିମାନରୁ ମୁକ୍ତ ହେବା

## ଶ୍ରୀମା

### (୧)

*ପ୍ରଶ୍ନ : ଆମେ କିପରି ଅଭିମାନରୁ* ମୁକ୍ତ ହୋଇ ପାରିବୁ ?*

**ଶ୍ରୀମା :** ଆଃ, କି ଚମତ୍କାର କଥା ! ସର୍ବପ୍ରଥମେ ଦେଖ ଏହା କିପରି ସଂପୂର୍ଣ୍ଣ କ୍ଷତିକାରକ : ଏହା ଭାରି ହୀନବସ୍ତୁ, କ୍ଷତିକାରକ; ଏବଂ ତା'ପରେ ଆଗକୁ ପାଦଟିଏ ପକାଇ ନିଜକୁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ ଧରି ରଖ ଯେପର୍ଯ୍ୟନ୍ତ ନିଜ କଥା ଭାବି ନିଜ ପ୍ରତି ବିଦ୍ରୁପର ଭାବ ନ ଆସିଛି, ତା'ପରେ ଦେଖିବ କେତେ ପରିମାଣରେ ତୁମେ ହାସ୍ୟାସ୍ପଦ । ତେବେ ଏହି ବାଟରେ ତୁମେ ଏଥିରୁ ମୁକ୍ତ ହୋଇ ପାରିବ । ଯେପର୍ଯ୍ୟନ୍ତ ତୁମେ ଅଭିମାନକୁ ଗୁରୁତ୍ୱ ଦେଉଥିବ, ଯେପର୍ଯ୍ୟନ୍ତ ଏହାର ଗତିବୃତ୍ତିର ଯାଥାର୍ଥ୍ୟ ପ୍ରତିପାଦନ କରୁଥିବ, ସେପର୍ଯ୍ୟନ୍ତ ମନ ମଧ୍ୟରେ କେଉଁଠି ଏକ ଧାରଣା ଥିବ, ''ଯାହା ବି ହେଉ, ଏହା ଏକେବାରେ ସ୍ୱାଭାବିକ କଥା, ମୋ ପ୍ରତି ଦୁର୍ବ୍ୟବହାର କରାଯାଇଛି ଏବଂ ମୋତେହିଁ ସେହି ଦୁର୍ବ୍ୟବହାରକୁ ଭୋଗିବାକୁ ପଡୁଛି'', ତେବେ କଥା ସରିଗଲା, ଏହା କେବେ ବି ଯିବ ନାହିଁ । କିନ୍ତୁ ତୁମେ ଯଦି ବୁଝିବାକୁ ଆରମ୍ଭ କରିବ ଯେ ଏହା ଏକ ଦୁର୍ବଳତାର, ଏକ ହୀନମନ୍ୟତାର ଲକ୍ଷଣ – ସ୍ୱାଭାବିକ ରୂପେ ବୁଝାଯିବ ଯେ ଏହା ଏକ ମସ୍ତବଡ଼ ଅହଂକାରର,ଏକ ମାନସିକ ସଂକୀର୍ଣ୍ଣତାର ଏବଂ ସର୍ବୋପରି ଏକ କ୍ଷୁଦ୍ରାଶୟତାର, କ୍ଷୁଦ୍ର ହୃଦୟର ଲକ୍ଷଣ, ତେବେ ତୁମେ ଏହା ସହ ଯୁଦ୍ଧ କରିପାରିବ । କିନ୍ତୁ ତୁମର ଚିନ୍ତା ଏଥିସହ ଏକମତ ହେବା ଆବଶ୍ୟକ । ଯଦି ସେଠାରେ ଏକ ମନୋଭାବ ଥାଏ ଯେ : ''ମୁଁ ଆଘାତ ପାଇଛି, ମୋତେ କଷ୍ଟ ଲାଗୁଛି, ମୁଁ କଷ୍ଟ ପାଉଛି ବୋଲି ଦେଖାଇବାକୁ ଯାଉଛି'', ତେବେ ଏହା ସେହିପରି ରହିଥିବ ।

* ଆହତ ଗର୍ବ, ହୀନମନ୍ୟତା : କାରଣ ଜଣେ ନିଜକୁ ଅସମ୍ମାନିତ ବୋଧ କରେ ।

### (୨)

କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ ଭିତରେ ଗୋଟିଏ ପ୍ରତିହିଂସାର ମନୋଭାବ ପୋଷଣ କରିଥା'ନ୍ତି : ସେମାନେ କହନ୍ତି,''ମୋତେ ସମସ୍ତେ ଜଳେଇ ପୋଡ଼େଇ ମାରିଛନ୍ତି, ମୁଁ ବି ସମସ୍ତଙ୍କୁ ଜଳେଇ ପୋଡ଼େଇ ମାରିବି ।'' ଏହା ଅତ୍ୟନ୍ତ କୁତ୍ସିତ ମନୋଭାବ । ପ୍ରକୃତରେ ଲୋକମାନଙ୍କ ଦୃଷ୍ଟିରେ ଏହା ପଡ଼େ ଓ ଏପରି ମନୋଭାବ ଆଦୌ ରହିବା ଉଚିତ ନୁହେଁ, – ଯଦିଓ ଏହାକୁ ରୋକିବା ସବୁବେଳେ ସହଜ ନୁହେଁ । ଏହା ଜଣାଇ ଦିଏ ଯେ ତୁମ ପ୍ରକୃତିରେ ଅତ୍ୟନ୍ତ କ୍ଷୁଦ୍ରତା ରହିଛି । ଏଇ ମନୋଭାବ ଖୁବ୍ ଆବେଗମୂଳକ ହୋଇପାରେ, ଉତ୍ତେଜନାମୂଳକ ହୋଇପାରେ, ଏପରିକି ଗଭୀର ମଧ୍ୟ ହୋଇପାରେ; କିନ୍ତୁ ଏହା ଅତି କ୍ଷୁଦ୍ର ମନୋଭାବ । ଏହା ତୁମ ନିଜ ଉପରକୁ ଫେରିଆସେ । ସେ ଯାହା ହେଉ ଏହା ଅତ୍ୟନ୍ତ କ୍ଷୁଦ୍ରତା, ତୁମ ପ୍ରକୃତିର ଏହା ଏକ ଛୋଟପଣିଆ । ...

ଏପରି ମନୋଭାବ ଆସିଲେ ତୁମେ ତୁମର ବିଚାର ଶକ୍ତି ପ୍ରୟୋଗ କରିବ ଏବଂ ଏ ବିଷୟରେ ପ୍ରକୃତ ସତ କଥାଟି କହି ନିଜକୁ ବୁଝାଇବ : କଥାଟି ହେଲା – ଆମର ସତ୍ତାରେ ଯେଉଁ ଅହଂକାର ଲୁଚି ରହିଛି, ତାହାହିଁ ସବୁବେଳେ କଷ୍ଟ ପାଉଥାଏ । ଅହଂକାର ନ ଥିଲେ ଦୁଃଖ ମିଳନ୍ତା ନାହିଁ । ତୁମେ ଯଦି ଆଧ୍ୟାତ୍ମିକ ଜୀବନ ଚାହଁ, ତେବେ ତା'ର ଅହଂକାରରୁ ମୁକ୍ତ ହେବା ଉଚିତ । ଏପରି ଅବସ୍ଥାରେ ତୁମର ପ୍ରଥମ କରଣୀୟ ହେଲା ତୁମେ ଯେଉଁ କଷ୍ଟ ଅନୁଭବ କରୁଛ, ତା'ର କାର୍ଯ୍ୟ-କାରଣକୁ ସିଧା ଭାବେ ଦେଖ । ତେବେ ତୁମେ ଦେଖି ପାରିବ ଯେ ପୂରାପୂରି ଏହା ଏକ କ୍ଷୁଦ୍ର  ଅହଂରହିଁ ପ୍ରକାଶ । ତା'ପରେ ସେ ସ୍ଥାନକୁ ଓଳାଇ ସଫା କର । ପରିଷ୍କାର ଜାଗାଟିଏ କରି ରଖ, ନିଜକୁ  କୁହ – ''ନା, ମୁଁ ଏ ମଇଳା ଚାହେଁ ନାହିଁ, ମୋ ଆନ୍ତର ପ୍ରକୋଷ୍ଠଟିକୁ ସଫା କରିବାକୁ ଯାଉଛି ।''

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଭାରତର ନିୟତି ଓ ଶ୍ରୀଅରବିନ୍ଦ

## ଶେଖ ଅବଦୁଲ କାଶମ

ଏହା ଏକ ଅବଧାରିତ ସତ୍ୟ ଯେ କୌଣସି ସାମାଜିକ ବ୍ୟବସ୍ଥା ବା ଭୌତିକ ଉପାୟ ଦ୍ୱାରା ମାନବ ସମାଜର ମୌଳିକ ସମସ୍ୟାସବୁର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ । ଆଧ୍ୟାତ୍ମିକତା ଉପରେ ଆଧାରିତ ନହେଲେ କୌଣସି ପରିବର୍ତ୍ତନ ଚୂଡ଼ାନ୍ତ ଓ ସ୍ଥାୟୀ ହୋଇ ପାରିବ ନାହିଁ । ସୁତରାଂ ସମଗ୍ର ଜୀବନକୁ ଆଧ୍ୟାତ୍ମିକତାର ଆଲୋକରେ ଆଲୋକିତ ଓ ପରିପୁଷ୍ଟ କରିବା ଏକାନ୍ତ ଆବଶ୍ୟକ । ଏହି କାର୍ଯ୍ୟରେ ଭାରତହିଁ ଅଗ୍ରଣୀ ଭୂମିକା ଗ୍ରହଣ କରିବ ଏବଂ ପୃଥିବୀକୁ ଯଥାର୍ଥ ମାର୍ଗ ଦେଖାଇବ ବୋଲି ଶ୍ରୀଅରବିନ୍ଦ କହିଛନ୍ତି । ତାଙ୍କ ମତରେ ଭାରତ ହେଉଛି ''ଆଧ୍ୟାତ୍ମିକ ପରୀକ୍ଷଣର ବିରାଟ କର୍ମଶାଳା'' (The grand workshop of spiritual experiment) ଏବଂ ''ଆତ୍ମାର ପରୀକ୍ଷାଗାର'' (laboratory of the soul) । ଭାରତ ଛଡ଼ା ଅନ୍ୟ କୌଣସି ଦେଶ ମାନବଜାତିର ଆଧ୍ୟାତ୍ମିକ ରୂପାନ୍ତର ଭଳି ମହାନ୍ କର୍ମକୁ ସମ୍ପାଦନ କରିପାରିବ ନାହିଁ । ଭାରତ ଯଦି ତାହା ସମ୍ପାଦନ କରିପାରେ ତେବେ ଅନ୍ୟ ଦେଶମାନଙ୍କ ପାଇଁ ସେଇ ସମ୍ଭାବନା ସୃଷ୍ଟି ହେବ ।

ଶ୍ରୀଅରବିନ୍ଦ ତାଙ୍କର ଚତୁର୍ଥ ସ୍ୱପ୍ନରେ ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ବୈଦିକ ଯୁଗରୁ ଆରମ୍ଭ କରି ହଜାର ହଜାର ବର୍ଷ ଧରି ଭାରତ ଆଧ୍ୟାତ୍ମିକ ଜ୍ଞାନରେ ସମୃଦ୍ଧ ହୋଇ ରହି ଆସିଛି । ତେଣୁ ଭାରତହିଁ ଏକମାତ୍ର ଦେଶ ଯିଏ ପୃଥିବୀର ଆଧ୍ୟାତ୍ମିକ ଗୁରୁ ହେବା ପାଇଁ ସମର୍ଥ । ତେବେ ଏହି ଗୁରୁ ଦାୟିତ୍ୱକୁ ସାର୍ଥକ ଭାବରେ ସମ୍ପନ୍ନ କରିବାକୁ ହେଲେ ଭାରତ ପ୍ରଥମେ ଆପଣାକୁ ସର୍ବାଙ୍ଗୀନ ଭାବରେ ଉପଯୁକ୍ତ କରି ଗଢ଼ି ତୋଳିବା ଆବଶ୍ୟକ । ସେଥିପାଇଁ ଏହାକୁ ବାହ୍ୟ ଓ ଆନ୍ତର ଦୃଷ୍ଟିରୁ ଯଥେଷ୍ଟ ଶକ୍ତି ସଞ୍ଚୟ କରିବାକୁ ହେବ । କୌଣସି ପ୍ରକାରର ତୁଚ୍ଛ କ୍ଷଣିକ ଉନ୍ମାଦନା, ମିଥ୍ୟା ଅଭିମାନ, ଆତ୍ମପ୍ରଶଂସା ଓ ଉଦ୍‌ଯୋଗହୀନ କଳ୍ପନାପ୍ରବଣତା ଭିତରେ ଆପଣାକୁ ବାନ୍ଧି ରଖିଲେ ଏ ଦେଶ କଦାପି ତା'ର ନିୟତିକୁ ସିଦ୍ଧ କରିପାରିବ ନାହିଁ । ୧୯୧୪ ମସିହାରେ ଶ୍ରୀଅରବିନ୍ଦ ଜଣେ ସାମ୍ବାଦିକଙ୍କ ଆଗରେ ପ୍ରକାଶ କରିଥିଲେ, ''ପୁରୁଣା ତୁଚ୍ଛ ପଦ୍ଧତି ଏବଂ କ୍ଷୁଦ୍ର, ସଂକୀର୍ଣ୍ଣ ଓ ଛଳନାପୂର୍ଣ୍ଣ କାର୍ଯ୍ୟକଳାପସବୁ ଅପ୍ରଚଳିତ ହୋଇ ପଡୁଛି । ଆମ ଚାରିପାଖରେ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତିତ ହେବାରେ ଲାଗିଛି ଏବଂ ଭବିଷ୍ୟତରେ ଏହା ଅଧିକ ବିରାଟ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି । ... କୌଣସି ପୁରାତନ ବାହ୍ୟିକ କାର୍ଯ୍ୟକଳାପ ଭିତରେ ନୁହେଁ ବରଂ ଅଧିକ ଗଭୀରରେହିଁ ମୁଁ ପ୍ରଗତି ଓ ଆଶାର ସଙ୍କେତ ଦେଖୁଛି ।'' ସେ ପୁଣି କହିଥିଲେ, ''ଏହି ଦେଶରେ ଅନେକ ସଭ୍ୟତା ସମ୍ମିଳିତ ହୋଇଛନ୍ତି ଯେଉଁଗୁଡ଼ିକ ମହାନ୍ ବସ୍ତୁ ଓ ଅବ୍ୟବହୃତ ସାମର୍ଥ୍ୟସବୁରେ ପରିପୂର୍ଣ୍ଣ । ଏକ କ୍ଷୁଦ୍ର, ଅଖ୍ୟାତ ପଲ୍ଲୀର ବାସିନ୍ଦାଙ୍କ ଭଳି ଚିନ୍ତା କରିବା ଅଥବା କାର୍ଯ୍ୟ କରିବା ଆମକୁ ଛାଡ଼ି ଦେବାକୁ ହେବ । ... କେବଳ ଏକ ବ୍ୟାପକ ବୌଦ୍ଧିକ ଓ ଆଧ୍ୟାତ୍ମିକ ଜାଗରଣ ଦ୍ୱାରାହିଁ ଏଇ ଜାତି ତା'ର ନିୟତିକୁ ସିଦ୍ଧ କରିପାରିବ ।''

ତେବେ ଏହି ଲକ୍ଷ୍ୟ ପଥରେ କେଉଁ ବାଧା ରହିଛି ? ଆଜି ଆମ ଦେଶରେ ଜାତୀୟତାବୋଧର ଘୋର ଅଭାବ । ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଖାଣ୍ଟି ଜାତୀୟତାବାଦୀ ବୋଲି ବହୁତ ବଢ଼େଇ ଚଢ଼େଇ କହନ୍ତି, ଭାରି ଆସ୍ଫାଳନ କରନ୍ତି, ମାତ୍ର ଦେଶର ଯଥାର୍ଥ ସେବା କରିବା ପାଇଁ ପଶ୍ଚାତ୍‌ପଦ ହୁଅନ୍ତି, ଟିକିଏ ବି ସ୍ୱାର୍ଥତ୍ୟାଗ କରିବା ଲାଗି ପ୍ରସ୍ତୁତ ନଥା'ନ୍ତି । ଦେଶକୁ ଯଥାର୍ଥରେ ଭଲ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ । ଦୁର୍ନୀତି, ଅସାଧୁତା ଓ ଭ୍ରଷ୍ଟାଚାରର ଚେର ସମାଜର ସବୁ ସ୍ତରକୁ ବ୍ୟାପି ଯାଇଛି । ଧର୍ମ, ଭାଷା, ଜାତି ଓ ଆଞ୍ଚଳିକତାକୁ ନେଇ ଜନସାଧାରଣଙ୍କ ଭିତରେ କେତେ ବିଦ୍ୱେଷ, କେତେ ସଂଘର୍ଷ ! ଯଥାର୍ଥ ଶିକ୍ଷାର ଅଭାବ ଓ କୁଶିକ୍ଷାର ପ୍ରସାର ଜନଗଣଙ୍କ ବୌଦ୍ଧିକ ତଥା ଚାରିତ୍ରିକ ପତନ ଘଟାଇବାରେ ସହାୟକ ହୋଇଛି । ଦେଶବାସୀଙ୍କ ଭିତରେ ଦେଖା ଯାଉଥିବା ଉଦାସୀନତା, ନୈରାଶ୍ୟବୋଧ, ଭୟ, ନିଶ୍ଚେଷ୍ଟତା, ତାମସିକତା, ଚିନ୍ତା କରିବାରେ ଅକ୍ଷମତା ଓ ଅନିଚ୍ଛା, କଲ୍ୟାଣକର କାର୍ଯ୍ୟ କରିବା ପରିବର୍ତ୍ତେ ଅପରର ଛିଦ୍ର ଅନ୍ୱେଷଣ ପ୍ରବୃତ୍ତି – ଏସବୁ ଏ ଜାତିକୁ ଦୁର୍ବଳ କରି ପକାଉଛି । ଅଧିକାଂଶ ବ୍ୟକ୍ତି ଆଜି ଆପଣା ସ୍ୱାର୍ଥସିଦ୍ଧି ପାଇଁ ବ୍ୟାକୁଳ, ଉଦଗ୍ର ଲୋଭର ବଶୀଭୂତ । ଏପରି ପରିସ୍ଥିତିରେ ଜାତୀୟତାର ଊର୍ଦ୍ଧ୍ୱକୁ ଉଠି ସମଗ୍ର

ମାନବସମାଜର ଉନ୍ନତି ଓ ମଙ୍ଗଳ ଚିନ୍ତା କରିବା କିପରି ସମ୍ଭବ ହେବ ? ଶ୍ରୀଅରବିନ୍ଦ ଯଥାର୍ଥରେ କହିଥିଲେ, ''ଆମର ସୀମିତ ଜ୍ଞାନ, ଆମର ପୁରାତନ ବୌଦ୍ଧିକ କାର୍ଯ୍ୟକଳାପ, ଆମର ସଂକୀର୍ଣ୍ଣ ସ୍ୱାର୍ଥ, ଆମର କ୍ଷୁଦ୍ର ପାରିବାରିକ ଲକ୍ଷ୍ୟ ଓ ସାମାନ୍ୟ ଅର୍ଥ ଉପାର୍ଜନକୁ ନେଇ ଆମର ବ୍ୟସ୍ତ ସଂକୀର୍ଣ୍ଣ ଜୀବନ ଆମକୁ ଜଗତର ପ୍ରଶସ୍ତ ଜୀବନ ଭିତରକୁ ପ୍ରବେଶ କରିବାରେ ବାଧା ଦେଉଛି ।'' ଶ୍ରୀଅରବିନ୍ଦ ଯେଉଁ ଜାତୀୟତାର ଆଦର୍ଶ ଆମ ଆଗରେ ଥୋଇଛନ୍ତି ତାହା କେଡ଼େ ମହାନ୍ ! ତାଙ୍କ ମତରେ ଜାତୀୟତାବୋଧ କହିଲେ ଦିବ୍ୟ ଏକତ୍ୱର ଉପଲବ୍ଧି ପାଇଁ ଏକ ଆବେଗମୟ ଆସ୍ପୃହାକୁହିଁ ବୁଝାଏ । ବିବିଧ ବୈଷମ୍ୟ ସତ୍ତ୍ୱେ ଏକ ମୌଳିକ ଐକ୍ୟ ଉପରେହିଁ ଏହା ବିଶ୍ୱାସ ରଖିଥାଏ । ତାଙ୍କ ଭାଷାରେ – "Nationalism is simply the passionate aspiration for the realisation of that Divine Unity in the nation, a unity in which all the component individuals, however various and apparently unequal their functions as political, social or economic factors, are yet really and fundamentally one and equal."

(CWSA, Vol. 7, pp. 679 - 680)

ଶ୍ରୀଅରବିନ୍ଦ ଭାରତୀୟ ଜାତୀୟତାକୁ ଏକ ନୂତନ ଦୃଷ୍ଟିକୋଣ ନେଇ ଗ୍ରହଣ କରିଥିଲେ । ମାନବ ସମାଜର ଭବିଷ୍ୟତ୍ ଯୋଜନାଠାରୁ ପୃଥକ୍ ଭାବରେ ନୁହେଁ, ତାହାରି ଭିତରେହିଁ ଆମର ଜାତୀୟତାକୁ ସିଦ୍ଧ କରିବାକୁ ହେବ ବୋଲି ସେ କହୁଥିଲେ । ଭାରତ ନିଜର ଜାତୀୟ ଜୀବନ ଓ ଐକ୍ୟ ପ୍ରତିଷ୍ଠା କରି ସାରିବା ପରେ ମଧ୍ୟ ବିଭିନ୍ନ ଜାତି ମଧ୍ୟରେ ଐକ୍ୟ ସ୍ଥାପନା ଦିଗରେ ସହାୟତା କରିବାର ଭୂମିକାଟିକୁ ଏହାକୁ ତୁଲାଇବାକୁ ପଡ଼ିବ । ଜୀବନବିମୁଖତା ଭାରତୀୟ ଜାତିର ଅଗ୍ରଗତିରେ ପ୍ରଧାନ ଅନ୍ତରାୟ । ଏ ବିଷୟରେ ଶ୍ରୀଅରବିନ୍ଦ ଦେଶବାସୀଙ୍କୁ ସଚେତନ କରି ଦେଇଥିଲେ – ''ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ ଭାରତୀୟ ଚିନ୍ତାଧାରା ଦାର୍ଶନିକ ମତ ପ୍ରଚାରକଙ୍କ ପ୍ରଭାବ ଭିତରୁ ବାହାରି ଆସି ଜୀବନ ସହିତ ଏହାର ସମ୍ପର୍କକୁ ନୂତନ ଭାବରେ ଗଢ଼ିବା ଉଚିତ ।'' ଜଡ଼ତା ଓ ମୃତ୍ୟୁଭୟରୁ ମୁକ୍ତ ହୋଇ ଏକ ଅର୍ଥପୂର୍ଣ୍ଣ ଓ କର୍ମମୟ ଜୀବନ ବଞ୍ଚିବା ଜାତୀୟତା କ୍ଷେତ୍ରରେ ପ୍ରଥମ ଆବଶ୍ୟକତା ବୋଲି ସେ ଭାବୁଥିଲେ । ତାଙ୍କ ଭାଷାରେ –

"... what Nationalism asks is for life first and above all things; life, life and still more life, is its cry. Let us by every means get rid of the pall of death which stifled us, let us dispel first the passivity, quiescence, the unspeakable oppression of inertia which has so long been our curse; that is the first and imperative need."

(CWSA, Vol. 7, p. 796)

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତୀୟ ଜାତୀୟତାର ଆଦର୍ଶ ହେଲା ମଣିଷ ମଣିଷ ଭିତରେ, ଜାତି ଜାତି ଭିତରେ ମୌଳିକ ସାମ୍ୟ ପ୍ରତିଷ୍ଠା କରିବା । କିନ୍ତୁ ଜାତୀୟ ଐକ୍ୟର ଅର୍ଥ ନୁହେଁ ଜାତିଗତ ଓ ଧର୍ମଗତ ଭିନ୍ନତାଗୁଡ଼ିକୁ ଧ୍ୱଂସ କରି ସମସ୍ତଙ୍କୁ ଗୋଟିଏ ଛାଞ୍ଚରେ ଗଢ଼ିବା । ସେ ଲେଖିଛନ୍ତି –

"Those who say that caste and religious differences must first of all be destroyed before India can ever rise to the status of a nation, have very hazy and confused notions regarding the character and constitution of that nation. Our history has been different in many respects from the history of other peoples."

(CWSA, Vol. 6, p. 168)

ସେ ଆହୁରି ଲେଖିଛନ୍ତି ଯେ ଏକ ବିଶାଳ ଭାରତ ଜାତି ମଧ୍ୟରେ ସମ୍ମିଳିତ ହେବା ଲାଗି ମୁସଲମାନ, ଖ୍ରୀଷ୍ଟିଆନ ବା ବୌଦ୍ଧମାନଙ୍କୁ ସେମାନଙ୍କ ଧର୍ମକୁ ତ୍ୟାଗ କରିବାକୁ ପଡ଼ିବ ନାହିଁ । କିନ୍ତୁ ଆପଣାର ଧର୍ମୀୟ ଆଦର୍ଶ ପ୍ରତି ଅନୁରକ୍ତି ରଖିବା ସହ ଅନ୍ୟ ଧର୍ମର ଆଦର୍ଶ ପ୍ରତି ସମ୍ମାନ ଓ ସହନଶୀଳତା ପ୍ରକାଶ କରିବା ନିତାନ୍ତ ଆବଶ୍ୟକ ବୋଲି ସେ ସୂଚାଇ ଦେଇଛନ୍ତି । ହିନ୍ଦୁ-ମୁସଲମାନ ସମସ୍ୟା ଆଜି ଦେଶରେ ତୀବ୍ର ଆକାର ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ମତରେ ହିନ୍ଦୁ-ମୁସଲମାନ ଏକତା ରାଜନୈତିକ ବୁଝାମଣା କିଂବା ତୋଷାମଦକାରୀ ପନ୍ଥା ଦ୍ୱାରା ସମ୍ଭବପର ହେବ ନାହିଁ । ଜନଗଣଙ୍କର ହୃଦୟ ଓ ମନର ଗଭୀର ଆନ୍ତର ପ୍ରଦେଶରେହିଁ ଏହି ଏକତାକୁ ଖୋଜା ଯାଇପାରେ । କିନ୍ତୁ ଏକତା ପ୍ରଚେଷ୍ଟା ବେଳେ କୌଣସି ପ୍ରକାର ଛଳନା, ଭୟ, ସ୍ୱାର୍ଥ ବା ଖୋସାମତକୁ

ପ୍ରଶ୍ରୟ ଦେବା ଅନୁଚିତ । ଉଭୟ ଗୋଷ୍ଠୀର ଲୋକେ ଯଥାର୍ଥ ଜ୍ଞାନ, ସହାନୁଭୂତି ଓ ପ୍ରେମ ସହ ପରସ୍ପରକୁ ବୁଝିବା ଉଚିତ । ଧର୍ମାନ୍ଧତା ସର୍ବଥା ପରିବର୍ଜନୀୟ ।

ସ୍ୱାଧୀନୋତ୍ତର ଭାରତ ଯଦି ଭୌତିକ ଦିଗରେ ସମୃଦ୍ଧି ଲାଭ କରେ ଅଥଚ ତା'ର ଆଧ୍ୟାତ୍ମିକ ଐତିହ୍ୟକୁ ଯଦି ସେ ଫୋପାଡ଼ି ଦିଏ ତେବେ ତାହା ଭାଗ୍ୟର ଦୁଃଖଦାୟକ ବିଡ଼ମ୍ବନା ହେବ ବୋଲି ଶ୍ରୀଅରବିନ୍ଦ କହିଥିଲେ । ସେ ୧୯୪୮ ମସିହାରେ ଲେଖିଥିଲେ, ''ଏତେ ବର୍ଷ ଧରି ପରାଧୀନତା ଭିତରେ ରହିବା ପରେ ଯାହା ନିହାତି ଆବଶ୍ୟକ ତାହା ହେଲା ଏକ ବିରାଟ ଆନ୍ତର ଓ ବାହ୍ୟ ମୁକ୍ତି ଏବଂ ପରିବର୍ତ୍ତନ, ଏକ ବିଶାଳ ଆନ୍ତର ଓ ବାହ୍ୟ ପ୍ରଗତି ।'' ଏହାହିଁ ଭାରତର ନିୟତିକୁ ପରିପୂର୍ଣ୍ଣ କରିବ ବୋଲି ସେ କହିଥିଲେ ।

୧୯୨୦ ମସିହା ଅଗଷ୍ଟ ମାସରେ ଶ୍ରୀଅରବିନ୍ଦ ତରୁଣମାନଙ୍କୁ ଆହ୍ୱାନ କରି କହିଥିଲେ –

"... Our call is to young India. It is the young who must be the builders of the new world, – not those who accept the competitive individualism, the capitalism or the materialistic communism of the West as India's future ideal, nor those who are enslaved to old religious formulas and cannot believe in the acceptance and transformation of life by the spirit, but all who are free in mind and heart to accept a completer truth and labour for a greater ideal..."

(CWSA, Vol. 13, p. 510)

ଅର୍ଥାତ୍, ''... ତରୁଣ ଭାରତକୁ ଆମ୍ଭେମାନେ ଆହ୍ୱାନ କରୁଛୁ । ତରୁଣମାନେହିଁ ଏହି ନୂତନ ଜଗତର ନିର୍ମାତା ହେବେ,– କିନ୍ତୁ ସେମାନେ ନୁହନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତାମୂଳକ ବ୍ୟକ୍ତିତନ୍ତ୍ର ବା ପୁଞ୍ଜିବାଦ ବା ବସ୍ତୁ ତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶ ରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ହେଉଛନ୍ତି ପୁରାତନ ଧର୍ମନୀତିର କ୍ରୀତଦାସ ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ କିଂବା ସମ୍ମତି ପ୍ରଦାନ କରନ୍ତି ନାହିଁ । ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟ ଗ୍ରହଣ କରିବାକୁ ସମର୍ଥ ହେବେ ଓ ଏକ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ ସେହିମାନେ ଏ ଜଗତର ନିର୍ମାତା ହେବେ ।''

ସ୍ୱାଧୀନ ଓ ଅଖଣ୍ଡ ଭାରତ ପ୍ରତିଷ୍ଠା ଥିଲା ଶ୍ରୀଅରବିନ୍ଦଙ୍କ ପ୍ରଥମ ସ୍ୱପ୍ନ । ଭାରତ ଶ୍ରୀଅରବିନ୍ଦଙ୍କ ୭୫ତମ ଜନ୍ମବାର୍ଷିକୀ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ କଲା । ଏହା ଥିଲା କେବଳ ରାଜନୈତିକ ସ୍ୱାଧୀନତା । ପ୍ରକୃତ ସ୍ୱାଧୀନତା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ । ଅଖଣ୍ଡ ଭାରତ ପ୍ରତିଷ୍ଠା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଶ୍ରୀଅରବିନ୍ଦ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଯେ ଯେକୌଣସି ଉପାୟରେ ହେଉ ବିଭାଜନ ନିଶ୍ଚିତଭାବେ ଦୂର ହେବ ଏବଂ ଅଖଣ୍ଡତା ଅବଶ୍ୟ ପ୍ରତିଷ୍ଠିତ ହେବ ।

ଜଣେ ଆତତାୟୀ ଦ୍ୱାରା ଗାନ୍ଧିଜୀଙ୍କ ନିଧନର ଅଳ୍ପ କେତେଦିନ ପରେ ୧୯୪୮ ମସିହା ଫେବ୍ରୁଆରୀ ୫ ତାରିଖରେ ଶ୍ରୀଅରବିନ୍ଦ ଆକାଶବାଣୀ ଜରିଆରେ ଏକ ବାର୍ତ୍ତା ଦେଇ କହିଥିଲେ –

"... the Light which led us to freedom, though not yet to unity, still burns and will burn on till it conquers. I believe firmly that a great and united future is the destiny of this nation and its peoples. ... A free and united India will be there and the Mother will gather around her her sons and weld them into a single national strength in the life of a great and united people."

(CWSA, Vol. 36, p. 497)

ଅର୍ଥାତ୍, ''... ଯେଉଁ ଦିବ୍ୟାଲୋକ ଆମ ପାଇଁ ସ୍ୱାଧୀନତା ଆଣିଦେଲା ତାହା ଯଦିଓ ଏପର୍ଯ୍ୟନ୍ତ ସଂହତି ଆଣି ଦେଇ ନାହିଁ, ତାହା ତଥାପି ଜଳୁଛି ଏବଂ ବିଜୟଲାଭ କରିବା ପର୍ଯ୍ୟନ୍ତ ଜଳିବ । ମୋର ଦୃଢ଼ ବିଶ୍ୱାସ ଯେ ଏକ ମହାନ୍ ଓ ଐକ୍ୟବଦ୍ଧ ଭବିଷ୍ୟତ୍ ହେଉଛି ଏହି ଜାତି ଓ ଏହାର ଜନସମୁଦାୟଙ୍କର ନିୟତି । ... ଭାରତ ସ୍ୱାଧୀନ ଓ ଅଖଣ୍ଡ ହୋଇଉଠିବ । ମା' ତାଙ୍କ ସନ୍ତାନମାନଙ୍କୁ ତାଙ୍କ ଚତୁଃପାର୍ଶ୍ୱରେ ଏକତ୍ରିତ କରି ସେମାନଙ୍କୁ ଏକ ମହାନ୍ ଏବଂ ସଂଗଠିତ ଜାତିର ଜୀବନରେ ଏକ ରାଷ୍ଟ୍ରୀୟ ଶକ୍ତି ରୂପରେ ଗଢ଼ି ତୋଳିବେ ।''

ଶ୍ରୀଅରବିନ୍ଦ ଆମକୁ ପୁରାତନ ଓ ଅତୀତ ପ୍ରତି ଆସକ୍ତିରୁ ମୁକ୍ତ ହୋଇଯିବାକୁ ଆହ୍ୱାନ କରିଛନ୍ତି । ସେ କହୁଛନ୍ତି, ଭିବଷ୍ୟତ୍ ଆମ ଲାଗି ମୃତ୍ୟୁ ବା ଜୀବନ ଯାହା ବି ନିର୍ଦ୍ଧାରିତ କରିଥାଉନା କାହିଁକି ଆମକୁ ତାହାର ସମ୍ମୁଖୀନ ହେବାକୁ ପଡ଼ିବ । ଭବିଷ୍ୟତ୍ ଆମକୁ ଭୟଭୀତ ନକରୁ । ଆମେ ପ୍ରାଚୀନ ନାମରୂପଗୁଡ଼ିକୁ ପରିହାର କରି ନୂତନତର ଓ ବୃହତ୍ତର ନାମରୂପଗୁଡ଼ିକ ମଧ୍ୟରେ ବାସ କରିବା ଆବଶ୍ୟକ । ଆମର ଅଗ୍ରଗତି ଅବ୍ୟାହତ ରହିବା ଉଚିତ । ଶ୍ରୀଅରବିନ୍ଦ ସ୍ପଷ୍ଟ କରିଦେଇଛନ୍ତି –

"Go on we must; for if we do not, Time itself will force us forward in spite of our fancied immobility."

(CWSA, Vol. 13, p. 129)

ଅର୍ଥାତ୍, ''ଆମକୁ ନିଶ୍ଚିତ ଭାବରେ ଆଗକୁ ଅଗ୍ରସର ହେବାକୁ ପଡ଼ିବ; କାରଣ ଯଦି ଆମେ ତାହା ନ କରୁ, ମହାକାଳ ନିଜେ ଆମର କଳ୍ପିତ ନିଶ୍ଚଳତା ସତ୍ତ୍ୱେ ଆମକୁ ଆଗକୁ ଯିବା ଲାଗି ବାଧ୍ୟ କରିବ ।''

ଅତୀତ ପରି ଭବିଷ୍ୟତରେ ମଧ୍ୟ ଭାରତର ଜୀବନରେ ମୁଖ୍ୟ ଓ ମୌଳିକ ସ୍ୱର ହେବ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତା କହିଲେ କେବଳ ସୂକ୍ଷ୍ମତତ୍ତ୍ୱ ପରାୟଣତାକୁ ବୁଝାଏ ନାହିଁ । ଅଧ୍ୟାତ୍ମ ସତ୍ୟକୁ ନିବିଡ଼ ଭାବରେ ଉପଲବ୍ଧି କରିବା ଏବଂ ତା' ସାହାଯ୍ୟରେ ଜୀବନକୁ ସଂଜୀବିତ ଓ ପୁର୍ନଗଠିତ କରିବା ହେଉଛି ଭାରତର ନିତ୍ୟ ସ୍ୱଭାବ । ଆମର ଅନ୍ତରତମ ଆତ୍ମସତ୍ତା ଏବଂ ସର୍ବବ୍ୟାପୀ ଏକତ୍ୱ ରୂପକ ଦିବ୍ୟସତ୍ତାଙ୍କୁ ଜାଣିବା ଦ୍ୱାରା ଆମେ ଜୀବନର ପ୍ରତ୍ୟେକ ଅଙ୍ଗକୁ ତାହାର ଦିବ୍ୟ ରୂପରେ ତୋଳି ଧରିବାକୁ ସମର୍ଥ ହେବା । ଶ୍ରୀଅରବିନ୍ଦ କହନ୍ତି ଭାରତର ଦୂରବସ୍ଥାର ମୂଳ କାରଣ ହେଉଛି ଏକ ଉଦାର ବିସ୍ତୃତ ଅଧ୍ୟାତ୍ମ-ପ୍ରେରଣାର ସଙ୍କୋଚନ, ମୁକ୍ତ ଓ ସଚେତ ବୁଦ୍ଧିବୃତ୍ତିର ହ୍ରାସ, ମହତ୍ ଆଦର୍ଶର କ୍ରମିକ ଅଭାବ ଓ ପ୍ରାଣଶକ୍ତିର କ୍ଷୟ । ଦେଶକୁ ଏକ ଶକ୍ତିଶାଳୀ ଅବସ୍ଥାକୁ ନେଇଯିବା ପାଇଁ ଆମକୁ ଉପରୋକ୍ତ ଦୁର୍ବଳତାଗୁଡ଼ିକରୁ ମୁକ୍ତ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଭାରତର ସାମର୍ଥ୍ୟ ବିଷୟରେ କହନ୍ତି –

"... she can, if she will, give a new and decisive turn to the problems over which all mankind is labouring and stumbling, for the clue to their solutions is there in her ancient knowledge.Whether she will rise or not to the height of her opportunity in the renaissance which is coming upon her, is the question of her destiny."

(CWSA, Vol. 20, p. 40)

ଅର୍ଥାତ୍, ''... ଭାରତ ଯଦି ସଂକଳ୍ପ କରେ, ତେବେ ମାନବଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ । ସେସବୁ ସମସ୍ୟାର ସମାଧାନର ମୂଳସତ୍ୟ ତାହାର ପ୍ରାଚୀନ ଜ୍ଞାନ ଭିତରେହିଁ ରହିଛି । ଭାରତର ନବଜନ୍ମ ଆଜି ଭାରତର ସମ୍ମୁଖରେ ଏହି ଯେଉଁସବୁ ସୁଯୋଗ ଆଣି ପହଞ୍ଚାଇଛି, ତାହା ସେ ସମ୍ପୂର୍ଣ୍ଣ ରୂପେ ନିଜର କରାୟତ୍ତ କରିପାରିବ କି ନାହିଁ, ତାହା ତା'ର ନିୟତି ନିର୍ଦ୍ଧାରଣ କରିବ ।''

ଶ୍ରୀଅରବିନ୍ଦଙ୍କ ମତରେ ଭାରତର ନବଜନ୍ମକୁ ସଫଳ କରିବାକୁ ହେଲେ ଆମକୁ ତିନୋଟି କାର୍ଯ୍ୟ କରିବାକୁ ହେବ । ସର୍ବପ୍ରଥମ କାର୍ଯ୍ୟ ହେଲା – ଭାରତୀୟ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନର ପୁନଃପ୍ରତିଷ୍ଠା । ଦ୍ୱିତୀୟ କାର୍ଯ୍ୟ ହେଲା – ଏହି ଆଧ୍ୟାତ୍ମିକତାକୁ ଦର୍ଶନ, ସାହିତ୍ୟ, ଶିଳ୍ପ, ବିଜ୍ଞାନ ଓ ସବୁପ୍ରକାର ଅନୁସନ୍ଧାନର ନୂତନ ରୂପାୟନରେ ପ୍ରବାହିତ କରିବା । ତୃତୀୟ କାର୍ଯ୍ୟ ହେଲା – ଭାରତର ଅନ୍ତରାତ୍ମାର ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଓ ନୂତନ ଭାବରେ ଆଧୁନିକ ସମସ୍ତ ସମସ୍ୟାର ସମାଧାନର ଚେଷ୍ଟା କରିବା ଏବଂ ସମାଜକୁ ଆଧ୍ୟାତ୍ମିକତାର ଜାଗ୍ରତ୍ ବିଗ୍ରହ ରୂପରେ ଗଢ଼ିବା ଲାଗି ଗୋଟାଏ ବୃହତ୍ତର ସମନ୍ୱୟ-ସୂତ୍ର ଆବିଷ୍କାର କରିବା ।

ଭାରତର ନିଜସ୍ୱ ସୃଜନଶୀଳ ସାମର୍ଥ୍ୟ ଉପରେ ଆମକୁ ଦୃଢ଼ ବିଶ୍ୱାସ ସ୍ଥାପନ କରିବାକୁ ହେବ ।

ଶ୍ରୀଅରବିନ୍ଦ କହନ୍ତି –

"India of the ages is not dead nor has she spoken her last creative word; she lives and has still something to do for herself and the human peoples."

(CWSA, Vol. 20, p. 444)

ଅର୍ଥାତ୍, ''ଯୁଗ-ଯୁଗାନ୍ତରର ଭାରତ ମରି ନାହିଁ ବା ସେ ଯେ ତା'ର ଅନ୍ତିମ ସୃଜନ ବାଣୀ ପ୍ରକାଶ କରି ସାରିଛି,

ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି।''

ଭାରତର ଚିରଞ୍ଜୀବୀ ଶକ୍ତି ଓ ବିଶ୍ୱର ଉତ୍‌ଥାନ ପାଇଁ ତା'ର ପ୍ରମୁଖ ଭୂମିକା ସମ୍ପର୍କରେ ଶ୍ରୀଅରବିନ୍ଦ ଆମକୁ ସଚେତନ କରି ଦେଇଛନ୍ତି । ସେ କହନ୍ତି – '' ଭାରତ ଧ୍ୱଂସ ହୋଇ ନ ପାରେ, ଆମ୍ଭମାନଙ୍କର ଜାତି ଲୁପ୍ତ ହୋଇ ନ ପାରେ, କାରଣ ମାନବ-ଗୋଷ୍ଠୀ ସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ହୋଇ ରହିଛି ସମଗ୍ର ମାନବ ଜାତିର ଭବିଷ୍ୟତ୍ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ସମସ୍ତ ଜଗତର ଭାବୀ-ଧର୍ମକୁ ତୋଳି ଧରିବାକୁ ହେବ; ସେହି ସନାତନ ଧର୍ମ ଯେଉଁଥିରେ ସକଳ ଧର୍ମ, ବିଜ୍ଞାନ ଏବଂ ଜୀବନର ସାମଞ୍ଜସ୍ୟ ଓ ସମନ୍ୱୟ ପ୍ରାପ୍ତ ହୁଏ, ତାହା ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ମନୁଷ୍ୟ ମଧ୍ୟରୁ ବର୍ବରତା ଦୂର କରିବା, ବିଶ୍ୱକୁ ଆର୍ଯ୍ୟ ଧର୍ମରେ ଦୀକ୍ଷିତ କରିବା । ସେଥିପାଇଁ ପ୍ରଥମେ ତାକୁ ଆର୍ଯ୍ୟ ହେବାକୁ ହେବ ।''

ଜାତିର ସମସ୍ତ ଶକ୍ତିକୁ ଉଜ୍ଜୀବିତ ଓ ସଂଗଠିତ କରିବା ଉପରେ ଜାତୀୟତାର ସଫଳତା ନିର୍ଭର କରେ ବୋଲି ଶ୍ରୀଅରବିନ୍ଦ କହିଥିଲେ । ତାଙ୍କ ମତରେ ରାଜନୈତିକ ଦୃଷ୍ଟିରୁ ଅନୁନ୍ନତ ଓ ଅଧଃପତିତ ଶ୍ରେଣୀର ଲୋକ ଯଥା : କୃଷକ, ଶିଳ୍ପୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଅବହେଳିତ ଶ୍ରେଣୀର ଲୋକଙ୍କର ଉତ୍‌ଥାନ ଘଟାଇ ସେମାନଙ୍କୁ ଜାତିର ରାଜନୈତିକ ମହାସ୍ରୋତରେ ସାମିଲ କରିବା ଆବଶ୍ୟକ । ଜଣେ ପ୍ରକୃତ ନେତା ସବୁ ଶ୍ରେଣୀର ଲୋକଙ୍କର ସମର୍ଥନ ଓ ସହଯୋଗ ହାସଲ କରି ଜାତି ଗଠନରେ ବ୍ରତୀ ହେବା ଉଚିତ । ଏକ ମହାନ୍ ଓ ଐକ୍ୟବଦ୍ଧ ଭବିଷ୍ୟତ୍ ହେଉଛି ଭାରତର ନିୟତି ।

ଶ୍ରୀଅରବିନ୍ଦଙ୍କ ମତରେ ଭାରତ ପାଇଁ ସମାଜବାଦୀ ଗଣତନ୍ତ୍ର ସ୍ପୃହଣୀୟ । ଦେଶରୁ ଦାରିଦ୍ର୍ୟ ଦୂର କରିବା ପାଇଁ ଶିଳ୍ପର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ । ସମାଜକୁ ଏକ ଉଚ୍ଚତର ସ୍ତରକୁ ଉନ୍ନୀତ କରିବାକୁ ହେଲେ ଏକ ସୁସ୍ଥ ଓ ବ୍ୟାପକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ । ପ୍ରକୃତରେ ଯଦି ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ଭାରତ ଅନୁସରଣ କରିପାରେ ତେବେ ଏହାର ଭବିଷ୍ୟତ୍ ସର୍ବାଙ୍ଗସୁନ୍ଦର ଓ ଉଜ୍ଜ୍ୱଳ ହେବା ସୁନିଶ୍ଚିତ । ଭାରତର ଏକ ମୁଖ୍ୟ ଆବଶ୍ୟକତା ହେଉଛି ଜନସାଧାରଣଙ୍କ ଭିତରେ ମହାନ୍ ହେବାର ଅଭିଳାଷ ଓ ଆସ୍ପୃହା ସୃଷ୍ଟି କରିବା, ଯେପରିକି ସେମାନେ ଶକ୍ତି ଓ ବଳ ଆହରଣ କରି ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇ ପାରିବେ । ଆଧୁନିକ କାଳରେ କୌଣସି ଜାତି କେବଳ ରାଜନୀତି ଦ୍ୱାରା ମହାନ୍ ହୋଇପାରିବ ନାହିଁ । ଶ୍ରୀଅରବିନ୍ଦଙ୍କ ମତରେ ସମସ୍ତ ଅଙ୍ଗରେ ଶକ୍ତିମନ୍ତ ହୋଇଥିବା ଏକ ସମୃଦ୍ଧ ଓ ବିବିଧତାଯୁକ୍ତ ଜୀବନ ହେଉଛି ଏକ ସୁସ୍ଥ, ବଳିଷ୍ଠ ଜାତୀୟ ଜୀବନ ପାଇଁ ଏକମାତ୍ର ସର୍ତ୍ତ ।

ଭାରତର ଏକ ମହାନ୍ ନିୟତି ରହିଛି ବୋଲି ଶ୍ରୀଅରବିନ୍ଦ ପୂର୍ଣ୍ଣ ବିଶ୍ୱାସ ରଖିଥିଲେ । ପୃଥିବୀକୁ ନେତୃତ୍ୱ ଦେବାର ସାମର୍ଥ୍ୟ ଭାରତ ପାଖରେ ରହିଛି ବୋଲି ସେ ଭଲ ଭାବରେ ଜାଣିଥିଲେ । ତେଣୁ ସେ କହିଥିଲେ – ''ଭଗବାନଙ୍କ ଭିତରେ ସକଳ ମାନବଙ୍କ ଐକ୍ୟ ନିହିତ – ଏଇ ସର୍ବୋଚ୍ଚ ଭାରତୀୟ ଧାରଣାକୁ ଅନ୍ତର ଭିତରେ ଓ ବାହାରେ ଉପଲବ୍ଧି କରିବା, ଏପରିକି ସାମାଜିକ ସମ୍ପର୍କଗୁଡ଼ିକ ଭିତରେ ତଥା ସମାଜ-ସଂଗଠନ ଭିତରେ ବି ଏହି ଧାରଣାକୁ ଅଧିକରୁ ଅଧିକ ଉପଲବ୍ଧି କରିବା – ମୁଁ ଭାବୁଛି, ଏହା ମାନବଜାତିର ପ୍ରଗତିକୁ ପରିଚାଳିତ କରିବା ପାଇଁ ବିଧିନିର୍ଦ୍ଦିଷ୍ଟ ଅଟେ । ଯଦି ଭାରତ ଚାହେଁ, ତେବେ ସେ ପୃଥିବୀକୁ ପଥ ଦେଖାଇ ପାରେ ।''

❑❑❑

ତୁମର କ୍ଷୁଦ୍ର ଅହଂମୟ ବ୍ୟକ୍ତିତ୍ୱକୁ ଅତିକ୍ରମ କର ଏବଂ ଆମ ଭାରତମାତାଙ୍କର ଏକ ଯୋଗ୍ୟ ସନ୍ତାନ ହୋଇଉଠ; ସଚ୍ଚୋଟ ଓ ନ୍ୟାୟପରାୟଣ ହୋଇ ନିଜର କର୍ତ୍ତବ୍ୟ ପୂରଣ କର ଏବଂ ଭଗବାନଙ୍କ କୃପା ଉପରେ ଦୃଢ଼ ବିଶ୍ୱାସ ରଖି ସବୁ ସମୟରେ ପ୍ରଫୁଲ୍ଲ ଓ ଆତ୍ମ-ପ୍ରତ୍ୟୟଶୀଳ ହୁଅ ।

– ଶ୍ରୀମା

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୮)

### ପରବର୍ତ୍ତୀ ଧ୍ୟାନଧାରଣା ଓ ଭକ୍ତି ନିବେଦନର ଇତିବୃତ୍ତ (୨) :

ସେଦିନ ଥିଲା ୧୯ ଅକ୍ଟୋବର ୧୯୩୧ । ପ୍ରତି ବର୍ଷ ଭଳି ଆଶ୍ରମରେ ବିଭିନ୍ନ ବିଭାଗର କାର୍ଯ୍ୟରତ ବେତନଭୋଗୀ ସ୍ଥାନୀୟ କର୍ମୀମାନେ 'ଆୟୁଧ ପୂଜା'ର ଆୟୋଜନ କରିଥା'ନ୍ତି; ଅବଶ୍ୟ ଆଶ୍ରମର ଅନ୍ତେବାସୀଗଣଙ୍କୁ ମଧ୍ୟ ସେମାନେ ନିମନ୍ତ୍ରଣ କରିଥା'ନ୍ତି ଏବଂ ପ୍ରତ୍ୟେକଙ୍କୁ କିଛି ଉପହାର ମଧ୍ୟ ଦେଇଥା'ନ୍ତି । ଏହି ଉତ୍ସବରେ ସେମାନେ ଶ୍ରୀମା'ଙ୍କୁ ମଧ୍ୟ ପ୍ରତିଟି କର୍ମକ୍ଷେତ୍ରକୁ ପରିଦର୍ଶନରେ ଆସିବାକୁ ଅନୁରୋଧ କରିଥା'ନ୍ତି । ... ଏଥର ମଧ୍ୟ ଶ୍ରୀମା ଆଶ୍ରମର ଏସବୁ ବିଭାଗ ପରିଦର୍ଶନ କରି ନିଜ କକ୍ଷକୁ ଫେରିବା ପରେ ବେଶ୍ ଅସୁସ୍ଥ ହୋଇ ପଡ଼ିଲେ । ...

ଦଶ ପନ୍ଦର ଦିନ ପରେ ଟିକିଏ ସୁସ୍ଥ ହୋଇ ଶ୍ରୀମା ତାଙ୍କର ପୁତ୍ର ଆଁନ୍ଦ୍ରେଙ୍କୁ ଲେଖିଥିଲେ : ''...ଓଃ, ମିଥ୍ୟାଚାର ଓ ବିଭୀଷିକା ସମଗ୍ର ଜଗତରେ ବିସ୍ତାର ଲାଭ କରିଛି, ନିଜର ଅନ୍ଧକାରପୂର୍ଣ୍ଣ ନିୟମରେ ପୃଥିବୀକୁ ଶାସନ କରି ଚାଲିଛି ! ମୋର ବିଶ୍ୱାସ ଯେ ଏହି ପ୍ରଭୁତ୍ୱ ବେଶ୍ କିଛି କାଳ ଧରି ରହି ଆସିଛି; ଏବେ ଆମେ ଏହି ଅଧୀଶ୍ୱରର ସେବକ ହେବାକୁ ନିଶ୍ଚିତ ରୂପେ ଅଗ୍ରାହ୍ୟ କରିବୁ । ଏଇଟି ହେଉଛି ଅସାଧାରଣ ସାମର୍ଥ୍ୟ ବିଶିଷ୍ଟ ଏକମାତ୍ର ସୁମହାନ୍ ପ୍ରତିକାର ।...''

(MCW, Vol. 16, p. 7)

*(ଏ ସମ୍ବନ୍ଧରେ ଶ୍ରୀମା'ଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକର ୨୪ ନଭେମ୍ବର ୧୯୩୧ର ପ୍ରାର୍ଥନାଟି ଅବଶ୍ୟ ପଠନୀୟ ।)*

୧୬ ନଭେମ୍ବର ୧୯୩୧ରେ ଆଶ୍ରମର ତଦାନୀନ୍ତନ ସେକ୍ରେଟାରୀ ନଳିନୀକାନ୍ତ ଆଶ୍ରମ ନୋଟିସ ବୋର୍ଡ଼ରେ ଶ୍ରୀଅରବିନ୍ଦଙ୍କର ସ୍ୱହସ୍ତ ଲିଖିତ ନୋଟିସ ଲଗାଇ ଦେଲେ — ''ଶ୍ରୀମା'ଙ୍କର ସକାଳ ପ୍ରଣାମ ୧୭ ନଭେମ୍ବର ୧୯୩୧ରୁ ପୁନରାରମ୍ଭ ହେବ ।'' ଇତିପୂର୍ବରୁ (ଆମେ ଜାଣିଛୁ) ଶ୍ରୀମା'ଙ୍କର ସକାଳର ପ୍ରଣାମ ଓ ପୁଷ୍ପ ବିତରଣ ଆଶ୍ରମ ଅଗଣାର ପୂର୍ବ ପଟରେ ଥିବା ଶିଡ଼ି ପାହାଚକୁ ଲାଗିଥିବା ଏକ କକ୍ଷରେ ଅନୁଷ୍ଠିତ ହେଉଥିଲା । ଏବେ କିନ୍ତୁ ସକାଳ ୭ଟାରେ ଧ୍ୟାନ ଓ ପ୍ରଣାମ 'ମେଡ଼ିଟେସନ୍ ହାଉସ୍'ର ତଳ ମହଲା ହଲ୍‌ରେ ଅନୁଷ୍ଠିତ ହେଲା ।

ଏହି ପ୍ରଥମ ଦିନର ପ୍ରଣାମ ସମ୍ବନ୍ଧରେ ଦ୍ୟୁମାନ୍ ଲିପିବଦ୍ଧ କରିଛନ୍ତି : ''ପରମା ଅସୀମା ଦିବ୍ୟଚେତନା ସଶରୀରେ ବିରାଜିତା । ଆଜି ଦିନର ଏହି ସମବେତ ଧ୍ୟାନଟି ହୋଇ ଉଠିଥିଲା ଏକ ଅତ୍ୟୁଜ୍ଜ୍ୱଳ ଧ୍ୟାନ ଯାହାକି ଇତିପୂର୍ବରୁ ସାଧକଗଣ ସମବେତ ଧ୍ୟାନରେ କେବେ ବି ପ୍ରତ୍ୟକ୍ଷ ଭାବେ ଅନୁଭବ କରି ନଥିଲେ ।''

ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ୧୯୩୨ରେ ଆଶ୍ରମକୁ ଆସି ତଳ ମହଲାର 'ମେଡ଼ିଟେସନ୍ ହଲ୍'ରେ ଅନୁଷ୍ଠିତ ସକାଳର ସମବେତ ଧ୍ୟାନରେ ଉପସ୍ଥିତ ରହୁଥିଲେ । ଅମୃତଙ୍କର ଅଫିସ ସାମନାରେ ଦୁଇଭାଗରେ ବିଭକ୍ତ ହଲ୍‌ଟିକୁ ଏବେ ବି ସାଧାରଣତଃ 'ମେଡ଼ିଟେସନ୍ ହଲ୍' କୁହାଯାଏ । ସେତେବେଳେ କେତେକେ ଏହି ସ୍ଥାନକୁ 'ପ୍ରଣାମ ହଲ୍' ବୋଲି କହୁଥିଲେ । ଏ ସମ୍ବନ୍ଧରେ ନାରାୟଣ ପ୍ରସାଦଙ୍କର ବର୍ଣ୍ଣନାରୁ : ''... ଅନ୍ତେବାସୀଙ୍କ ବସିବା ସକାଶେ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପିତ ହୋଇଥିଲା । ଦର୍ଶନାର୍ଥୀଗଣ ଖୋଲା ବାରଣ୍ଡାରେ ବା ପାର୍ଶ୍ୱ ଅଗଣାରେ ବସୁଥିଲେ । 'ମେଡ଼ିଟେସନ୍ ହଲ୍'ର ପଶ୍ଚିମ ପଟକୁ ଗଦିଥିବା ଏକ ଅନୁଚ୍ଚ ଆସ୍ଥାନରେ (ଏବେ ଯେଉଁଠି ଶ୍ରୀମା'ଙ୍କର ମହାପ୍ରୟାଣ ସମୟର ଶଯ୍ୟାଟି ସୁସଜ୍ଜିତ ଭାବରେ ସ୍ଥାପିତ) ଶ୍ରୀମା ସେଠାରେ ପଦ୍ମାସନରେ ଉପବେଶନ କରୁଥିଲେ । ତାଙ୍କର ଦକ୍ଷିଣ ପାଦଟି ଆଂଶିକ ଭାବରେ ଅନାବୃତ ରହିଥାଏ । ଧ୍ୟାନ ପରେ ଆମେ ଜଣଙ୍କ ପରେ ଜଣେ ତାଙ୍କର ସେଇ ଅନାବୃତ ପାଦପଦ୍ମରେ ମସ୍ତକ ଥାପି ଆମର ପ୍ରଣତି ଜଣାଉ ଥିଲୁ, ତାଙ୍କର ବରଦହସ୍ତ ସ୍ପର୍ଶରେ ଆଶୀର୍ବାଦ ଲାଭ କରୁଥିଲୁ । ପ୍ରଣାମ କରିବା ପୂର୍ବରୁ ଓ ପ୍ରଣାମ ପରେ ଶ୍ରୀମା ଆମର ଆଖିକୁ କିଛି କ୍ଷଣ ସକାଶେ ଅନାଇ ରହୁଥିଲେ । ଆଶୀର୍ବାଦ ଦେବା ବେଳେ ଶ୍ରୀମା କେତେକଙ୍କ ମସ୍ତକରେ ତାଙ୍କର ହସ୍ତଦ୍ୱୟ ସ୍ଥାପନ କରି ଆଶୀର୍ବାଦ

କରୁଥିଲେ । ସୁଦୃଶ୍ୟ ବସ୍ତ୍ରରେ ଆଚ୍ଛାଦିତ ଏକ ଚୌକିରେ ଗୋଟିଏ ବଡ଼ ଥାଳିରେ ସୁନ୍ଦର ଭାବେ ସୁସଜ୍ଜିତ ବିଭିନ୍ନ ପୁଷ୍ପସବୁ ତାଙ୍କର ଦକ୍ଷିଣ ପାର୍ଶ୍ୱରେ ରହିଥାଏ । ଆଶୀର୍ବାଦ ଦେଇ ସାରି ସେ ସେଇ ଥାଳିରୁ ଗୋଟିଏ ପୁଷ୍ପ ଉଠାଇ ଆଣି ଆମ ପ୍ରତ୍ୟେକଙ୍କର ପ୍ରସାରିତ ଆଞ୍ଜୁଳାରେ ରଖିଦେଉଥିଲେ । ସକାଳର ଏହି ଅନୁଷ୍ଠାନଟି ଘଣ୍ଟାଏ କି ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଚାଲୁ ରହୁଥିଲା । ସେଇ ଦିନମାନଙ୍କରେ ଆମେ ତାଙ୍କୁ ପ୍ରଣାମ କରୁଥିବା ମୁହୂର୍ତ୍ତରେ ଯାହା ଲାଭ କରୁଥିଲୁ, ଏବେ ବି ସେସବୁ ଆମର ଅନ୍ତଃକରଣରେ ଅମ୍ଳାନ ରହିଛି ।''

('Life of Sri Aurobindo Ashram' : p. 60)

୧୯୩୧ ନଭେମ୍ବରରୁ ଶ୍ରୀମା ତାଙ୍କର ସକାଳର ଧ୍ୟାନ ଓ ପ୍ରଣାମର ପୁନରାରମ୍ଭ କଲେ ସତ; କିନ୍ତୁ ତାଙ୍କର ଅନ୍ୟାନ୍ୟ ସମବେତ କ୍ରିୟାକଳାପ ବନ୍ଦ ରହିଲା — ତନ୍ମଧ୍ୟରୁ ସାଧକମାନଙ୍କ ସହିତ ତାଙ୍କର ନିୟମିତ ସାକ୍ଷାତ୍‌କାର, ଗ୍ରାମାଞ୍ଚଳକୁ ତାଙ୍କର ସାନ୍ଧ୍ୟ ଭ୍ରମଣ, ପ୍ରସ୍ପେରିଟି ହଲ୍‌ରେ ଅନ୍ତେବାସୀଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ଓ ସୁପ୍ ବିତରଣ କାର୍ଯ୍ୟ ଇତ୍ୟାଦି । ଉପରୋକ୍ତ ଶେଷ ଦୁଇଟି କାର୍ଯ୍ୟ ଆଉ କେବେ ବି ଅନୁଷ୍ଠିତ ହୋଇ ନଥିଲା । କେବଳ ରହିଲା ତଳ ମହଲା ମେଡ଼ିଟେସେନ୍ ହଲରେ ସକାଳର ସମବେତ ଧ୍ୟାନ ଓ ପ୍ରଣାମ । ଇତିପୂର୍ବରୁ ସାଧକମାନେ ଅକ୍ଲେଶରେ ଯେମିତି ତାଙ୍କର ସାନ୍ନିଧ୍ୟ ଲାଭ କରୁଥିଲେ, ସେସବୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା । ଯଦିଓ ବିଶେଷ ପରିସ୍ଥିତିରେ ଅନୁମତି ପ୍ରାପ୍ତ ସାଧକମାନଙ୍କ ସହ ସାକ୍ଷାତ୍‌କାର ହେଉଥିଲା କିଂବା ବ୍ୟକ୍ତିଗତ ଭାବରେ କେହି କେହି ସାଧକ ତାଙ୍କ ସାନ୍ନିଧ୍ୟରେ ଧ୍ୟାନ କରିବାର ସୁଯୋଗ ପାଇ ପାରୁଥିଲେ ।

ଏହି ସମୟରେ କିନ୍ତୁ ଅନ୍ୟ ଏକ ଅଭିନବ ଧାରାରେ ଅନ୍ତେବାସୀଗଣ ଶ୍ରୀମା'ଙ୍କ ଉପସ୍ଥିତିରେ ସମବେତ ଧ୍ୟାନ କରିବାର ଅପୂର୍ବ ସୁଯୋଗ ଲାଭ କଲେ — ସେଇଟି ଥିଲା ସନ୍ଧ୍ୟାରେ ଅନୁଷ୍ଠିତ ସମବେତ ଧ୍ୟାନ । ଏହାର ସୂତ୍ରପାତ ଏହିପରି ଭାବରେ ଘଟିଥିଲା — ଶ୍ରୀମା ତାଙ୍କର ଅସୁସ୍ଥତାରୁ ଆରୋଗ୍ୟ ହୋଇ ଉଠିବାର ଅବ୍ୟବହିତ ପରେ ସେ ତାଙ୍କ କକ୍ଷ (ସାଲୋଁ) ସଂଲଗ୍ନ ଖୋଲା ଛାତ (ଅର୍ଥାତ୍ ଦ୍ୟୁମାନ୍‌ଙ୍କର ରୁମ୍ ଓ ମାଧବ ପଣ୍ଡିତଙ୍କର ଅଫିସ ରୁମ୍ ଉପରେ ଥିବା ଖୋଲା ଛାତ, ଟେରାସ୍)ରେ ସନ୍ଧ୍ୟା ସମୟରେ ଅଳ୍ପ ଅଳ୍ପ କରି ଚଲାବୁଲା ଆରମ୍ଭ କଲେ । ଶ୍ରୀମା'ଙ୍କର ଏହି ପଦଚାରଣ କରିବା ସମ୍ବନ୍ଧେ ଆଶ୍ରମବାସୀମାନେ ପ୍ରଥମେ ପ୍ରଥମେ ପ୍ରାୟ ସେତେଟା ଅବଗତ ନଥିଲେ । ଖୁବ୍ ଶୀଘ୍ର ଶ୍ରୀମା ଯେତେବେଳେ ମାଧବ ପଣ୍ଡିତଙ୍କର ଛାତରେ ଥିବା ଶିଡ଼ି ପାହାଚ ଚଢ଼ି ଦୁଇ ମହଲାର ଖୋଲା ଛାତରେ ପଦଚାରଣ କରିବାକୁ ଆରମ୍ଭ କଲେ ସେତେବେଳେ ସେ ଛାତ ଉପରୁ ଗୋଧୂଳିର ଉନ୍ମୁକ୍ତ ଆକାଶ ତଳେ ପଣ୍ଡିଚେରୀ ସହରର ପ୍ରାକୃତିକ ଦୃଶ୍ୟ ଉପଭୋଗ କରୁଥିଲେ ସତ; କିନ୍ତୁ ଆଶ୍ରମର ତଳ ରାସ୍ତାରେ ଛିଡ଼ା ହୋଇ ସାଧକମାନେ ଯୋଡ଼ ହସ୍ତରେ ତାଙ୍କ ଉପରେ ଏକାଗ୍ର ହେବାକୁ ଆରମ୍ଭ କଲେ ଏବଂ ଅନେକେ ଆଶ୍ରମର ଅଗଣାର ବିଭିନ୍ନ କୋଣରେ ଥିବା ଶିଡ଼ି ପାହାଚରେ ଏକତ୍ରିତ ହୋଇ ଶ୍ରୀମା'ଙ୍କୁ ଦର୍ଶନ କରିବାକୁ ଲାଗିଲେ । ଶ୍ରୀମା ମଧ୍ୟ ସେମାନଙ୍କ ଉପରେ ଏକାଗ୍ର ହେବାକୁ ଆରମ୍ଭ କଲେ । ତେଣୁ ନିତି ସନ୍ଧ୍ୟାରେ ଶ୍ରୀମା ତାଙ୍କ ପଦଚାରଣରେ ବ୍ୟାଘାତ ଘଟାଇ ଦୁଇ ମହଲା ଛାତରେ କିଛି ସମୟ ଏବଂ ପରେ ମାଧବ ପଣ୍ଡିତଙ୍କର ଛାତରେ କିଛି ସମୟ ଛିଡ଼ା ହୋଇ ତଳେ ଉପସ୍ଥିତ ଥିବା ଅନ୍ତେବାସୀଙ୍କ ସହିତ ଏକାଗ୍ର ହେବାକୁ ଆରମ୍ଭ କଲେ । ସେତେବେଳେ ଏହି ଅନୁଷ୍ଠାନକୁ ''ଛାତରୁ ଶ୍ରୀମାଙ୍କର ସାନ୍ଧ୍ୟ ଧ୍ୟାନ'' ବୋଲି କୁହାଯାଉଥିଲା । ଏହା ୧୯୩୨ରୁ ଆରମ୍ଭ ହୋଇ ୧୯୩୪ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଏହି ସମୟକାଳର କତିପୟ ଅନ୍ତେବାସୀଙ୍କର ଲିପିବଦ୍ଧ ବିବରଣୀରୁ ପଦେଅଧେ :

ଶ୍ରୀଅରବିନ୍ଦଙ୍କୁ ସାଧିକା ସାହାନାଙ୍କର ଲିଖିତ ପତ୍ର :

ସାହାନା : ଏଇ ଅଳ୍ପ କିଛି ଦିନ ପୂର୍ବରୁ ମୁଁ ଲକ୍ଷ୍ୟ କଲି ଯେ ପ୍ରତି ସନ୍ଧ୍ୟାରେ ଶ୍ରୀମା ଟେରାସ୍‌ରୁ ତଳକୁ ଓହ୍ଲାଇ ଆସିବା ପୂର୍ବରୁ ସେ ସେଠାରେ ବେଶ୍ କିଛି ସମୟ ଧରି ଛିଡ଼ା ହୋଇ ରହନ୍ତି । ମୁଁ ଅନୁଭବ କଲି ଯେ ସେ ଏହି ସମୟରେ ଆମମାନଙ୍କୁ ସ୍ୱତନ୍ତ୍ର କିଛି ଦିଅନ୍ତି । ତେଣୁ ମୁଁ ଏକାଗ୍ର ରହିଲି ସେଇଟିକୁ ଗ୍ରହଣ କରିବାକୁ ଏବଂ ସେ ଯାହା ଦିଅନ୍ତି ସେଇଟିକୁ ଅନୁଭବ କଲି ମଧ୍ୟ । କିନ୍ତୁ ଆଜି ସନ୍ଧ୍ୟାରେ ଯେତେବେଳେ ତାଙ୍କୁ ଅନାଇ ଏକାଗ୍ର ରହିଥିଲି, ହଠାତ୍ ଦେଖିଲି ଛାତ ଉପରେ ତାଙ୍କର ଭୌତିକ ଶରୀରଟି କୁଆଡ଼େ ଉଭେଇଗଲା; ତାଙ୍କ ଶରୀରର କୌଣସି ଚିହ୍ନବର୍ଣ୍ଣ ନଥିଲା, ଯେମିତି ସେ ସେଠାରେ ମୁହୂର୍ତ୍ତକ ସକାଶେ ନଥିଲେ । ତା'ପରେ ଅଳ୍ପ କେଇ ସେକେଣ୍ଡ ପରେ ତାଙ୍କ ଭୌତିକ ଆକୃତିର ପୁନଃପ୍ରକାଶ ଘଟିଲା । ସେଇ ମୁହୂର୍ତ୍ତରେ ମୁଁ ଅନୁଭବ କଲି ଯେ ତାଙ୍କର ସେଇ ଅଦୃଶ୍ୟ ହୋଇ

ଉଠିବାର ସମୟତକ ସେ ମହାଶୂନ୍ୟରେ ବ୍ୟାପ୍ତ ହୋଇ ଜଗତର ପ୍ରତ୍ୟେକଟି ବସ୍ତୁରେ ଏକାତ୍ମ ଲାଭ କରିଥିଲେ । ମୁଁ ଏମିତି କାହିଁକି ଦେଖିଲି ?

ଶ୍ରୀଅରବିନ୍ଦ : ଶ୍ରୀମା (ଏହି ସମବେତ ଧ୍ୟାନ ସମୟରେ) ନିତି ପ୍ରାର୍ଥନାପୂର୍ବକ ଏକ ଆହ୍ୱାନ ବା ଆସ୍ପୃହା କରନ୍ତି ଏବଂ ସ୍ଥିର ଭାବରେ ଦଣ୍ଡାୟମାନ ରହିଥା'ନ୍ତି ଯେତେବେଳ ପର୍ଯ୍ୟନ୍ତ ତାଙ୍କର ଏହି ପ୍ରକ୍ରିୟାଟିର ପରିସମାପ୍ତି ଘଟି ନଥାଏ । ଗତ କାଲି କିଛି ସମୟ ସକାଶେ ସେ ତାଙ୍କର ଭୌତିକ ଶରୀରର ଇନ୍ଦ୍ରିୟାନୁଭୂତିକୁ ଅତିକ୍ରମି ଯାଇଥିଲେ ଏବଂ ବୋଧହୁଏ ତାଙ୍କର ଏହି ସ୍ଥିତିହିଁ ତୁମ ସାମନାରେ ସେହିପରି ଭାବରେ ପ୍ରତିଭାତ ହୋଇ ଉଠିଥିଲା ।

(29 August, 1931) (SABCL, Vol. 25, p. 91)

ଡା. ମନୁଭାଇ ନାୟକ ତାଙ୍କର ଡାଏରିରେ ଲିପିବଦ୍ଧ କରିଥିଲେ : ଲଳିତା (ଜନୈକ ସାଧିକା) ମୋତେ ଜଣାଇଲେ ଯେ ଶ୍ରୀମା ଉପର ଛାତରୁ ତଳ ଛାତକୁ ଓହ୍ଲାଇ ଆସି ସେଠାରେ ଛିଡ଼ା ହୁଅନ୍ତି ଏବଂ ଅଗଣାରେ ଉପସ୍ଥିତ ଥିବା ସମସ୍ତଙ୍କ ସହିତ ଧ୍ୟାନସ୍ଥ ହୁଅନ୍ତି । ମୋତେ ଏକଥା ଜଣାଇ ଦେଇଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ; ନଚେତ୍ ମୁଁ ଏ ସମ୍ବନ୍ଧରେ କେବେ ବି ଜାଣିପାରି ନ'ଥାନ୍ତି । ... ମୁଁ ତା' ପରଠୁ ସନ୍ଧ୍ୟା ସମୟରେ ସେଠାରେ ଉପସ୍ଥିତ ରହିଲି । ସେଇ ଧ୍ୟାନ ସମୟରେ ମୁଁ ଅନୁଭବ କଲି ଯେ ଏକ ଗଭୀର ଶାନ୍ତି ଏବଂ ପବିତ୍ରତା ସମଗ୍ର ବାତାବରଣରେ ଭରି ଉଠୁଛି । (୩ ଡିସେମ୍ବର, ୧୯୩୩)

ଆଶ୍ରମ ଅନ୍ତେବାସୀ ସାଧକ ମନୋଧର ତାଙ୍କର ଡାଏରିରେ ଶ୍ରୀଅରବିନ୍ଦଙ୍କୁ ଲେଖି ଜଣାଇଥିଲେ : ଯେତେବେଳେ ଶ୍ରୀମା (ଉପର) ଛାତରୁ ଓହ୍ଲାଇ ଆସି (ତଳ ଛାତରେ ଛିଡ଼ା ହୋଇ) ନିତି ଆମମାନଙ୍କ ଉପରେ ଏକାଗ୍ର ହୁଅନ୍ତି, ମୁଁ ସେତେବେଳେ ଶକ୍ତିରାଜିର ଅବତରଣଜନିତ ଚାପ ଅନୁଭବ କରେ; ପ୍ରକୃତରେ ସେହି ଶକ୍ତିରାଜି ସେତିକି ବେଳେ ଅବତରଣ କରିବାକୁ ଆରମ୍ଭ କରେ ଯେଉଁ ମୁହୂର୍ତ୍ତରେ ଆପଣ ସେଠାରେ ଉଭା ହୁଅନ୍ତି । ମୁଁ ସେତେବେଳେ ଅନୁଭବ କରେ ଯେ ସେସବୁ ପ୍ରତ୍ୟକ୍ଷ ଭାବରେ ଆପଣଙ୍କଠାରୁହିଁ ଅବତରଣ ଘଟେ । ଏହା ଏପରି ଘଟେ ନାହିଁ କି ?

ଶ୍ରୀଅରବିନ୍ଦ : ହଁ ।

ଏହା ପରେ ଆମେ ତିନୋଟି ଉଲ୍ଲେଖଯୋଗ୍ୟ ଘଟଣାର ବିବରଣୀ ଦେବୁ ଯାହାକି ସେହି ସମୟରେ ଘଟିଥିଲା –

ପ୍ରଥମତଃ, ଦ୍ୟୁମାନ୍ ୨୪ ଜୁଲାଇ ୧୯୩୪ରେ ସାନ୍ଧ୍ୟ ଧ୍ୟାନ ସମୟରେ ବର୍ଷା ହେବାରୁ ଶ୍ରୀମା'ଙ୍କୁ ଲେଖିଥିଲେ : ''ମା, ଧ୍ୟାନ ସମୟରେ ଏମିତି ବର୍ଷା ହେଲେ ତଳେ ଅଗଣାରେ ଉପସ୍ଥିତ ଥିବା ଭକ୍ତବୃନ୍ଦ ନୀରବରେ 'ପ୍ରଣାମ ହଲ୍' (ବା ମେଡ଼ିଟେସନ୍ ହଲ୍)କୁ ଆସି ଏକତ୍ରିତ ହେବେ । ଆପଣ ଆସି ପ୍ରଣାମ ହଲ୍‌ରେ ଥିବା ଶିଡ଼ି ପାହାଚରେ ଛିଡ଼ା ହେବେ, ହଲ୍‌କୁ ଓହ୍ଲାଇ ଆସିବା ଦରକାର ନାହିଁ । ସେଇଠି ଛିଡ଼ା ହୋଇ ଦର୍ଶନ ଦେବେ, ଧ୍ୟାନସ୍ଥ ହେବେ ଏବଂ ସେଇଠୁ ନିଜ କକ୍ଷକୁ ଫେରିଯିବେ । ମା, ମୋର ଏ ପ୍ରସ୍ତାବଟିକୁ ଆପଣଙ୍କ ଉପରେ ଛାଡ଼ି ଦେଲି ।''

ଏହା ପାଠ କରି ଶ୍ରୀମା'ଙ୍କର ମନ୍ତବ୍ୟ ଥିଲା, 'ଏକ ଅତ୍ୟନ୍ତ ସୁନ୍ଦର ପ୍ରସ୍ତାବ' ('a very good idea') । କିନ୍ତୁ ଏହା ୨୮ ଅକ୍ଟୋବର ୧୯୩୪ରୁ କାର୍ଯ୍ୟକାରୀ ହୋଇଥିଲା । ଏହାକୁ ''ମେଡ଼ିଟେସନ୍ ହଲ୍‌ର ଶିଡ଼ି ପାହାଚରୁ ଶ୍ରୀମା'ଙ୍କର ସମବେତ ଧ୍ୟାନ'' ବୋଲି କୁହାଯାଉଥିଲା – ଏହା ୧୯୩୪ରୁ ଆରମ୍ଭ ହୋଇ ୧୯୪୨ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

ଏହି ଧ୍ୟାନାନୁଷ୍ଠାନ ସମ୍ବନ୍ଧରେ ନୀରଦବରଣଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''ଶ୍ରୀମା ସାଧାରଣତଃ ତଳ ମହଲାର ଶିଡ଼ି ପାହାଚର ମଝିରେ ଆସି ଦଣ୍ଡାୟମାନ ହେଉଥିଲେ ଏବଂ ତଳେ ବାରଣ୍ଡାରେ ବସିଥିବା ସମସ୍ତଙ୍କ ସହିତ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ନୀରବ ଧ୍ୟାନ କରୁଥିଲେ । (ବର୍ତ୍ତମାନ ମେଡ଼ିଟେସନ୍ ହଲ୍‌କୁ ପ୍ରବେଶ କରିବା ମାତ୍ରେ ବାମ ପାର୍ଶ୍ୱରେ ଶିଡ଼ି ପାହାଚକୁ ଲାଗି ଶ୍ରୀମା'ଙ୍କର ଯେଉଁ ବଡ଼ ଫଟୋଗ୍ରାଫ୍‌ଟି ଶୋଭା ପାଉଛି, ସେହି ଫଟୋର ଠିକ୍ ପଶ୍ଚାତରେ ଥିବା ପାହାଚରେ ଆସି ଶ୍ରୀମା ସେତେବେଳେ ଧ୍ୟାନ ସମୟରେ ଦଣ୍ଡାୟମାନ ହେଉଥିଲେ ।) ଖୁବ୍ ସମ୍ଭବତଃ, ଏହା ସନ୍ଧ୍ୟା ୭ଟାରୁ ୮ଟା ମଧ୍ୟରେ ଅଧଘଣ୍ଟା ଧରି ସଂଗଠିତ ହେଉଥିଲା ।''

ଏବେ ତତ୍‌କାଳୀନ ଜନୈକ ଦର୍ଶନାର୍ଥୀ ସୁରେନ୍ଦ୍ରନାଥ ଜୋହରଙ୍କ ବର୍ଣ୍ଣନାରୁ : ''ନିର୍ଦ୍ଦେଶ ମୁତାବକ ଆମେ ସନ୍ଧ୍ୟା ୭ଟାରେ ମେଡ଼ିଟେସନ୍ ହଲ୍‌ରେ ଯାଇ ପହଞ୍ଚିଲୁ । ଚଟାଣରେ ଧାଡ଼ି ଧାଡ଼ି ହୋଇ ସାଧକ-ସାଧିକାଗଣ ଆଖି ବନ୍ଦ କରି ଅଳ୍ପ ମଥା ନୁଆଁଇ ନୀରବରେ ବସିଥିଲେ । ହଲ୍‌ଟିର ସମସ୍ତ ବିଜୁଳି ଆଲୁଅ ଲିଭାଇ ଦିଆ ଯାଇଥାଏ । ସେହି ପ୍ରାୟାନ୍ଧକାର ଭିତରେ ଏକ କ୍ଷୀଣାଲୋକର ଆଭାସ ମିଳୁଥିଲା ମାତ୍ର । ପରିବେଶଟି ଥିଲା ଅତ୍ୟନ୍ତ ସ୍ଥିର, ନୀରବ ! ଧ୍ୟାନ ସମାହିତ ଆବହାଉଆଟି ଥିଲା ବେଶ୍ ସଂକ୍ରମଣକାରୀ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ

ପ୍ରୋତ୍ସାହିତ ହୋଇ ସେଥିରେ ଯୋଗ ଦେଲି । ଆଖି ବନ୍ଦ କରିବାକୁ ତୀବ୍ର ଭାବରେ ପ୍ରେରଣା ପାଉଥିବା ସତ୍ତ୍ୱେ ମୁଁ ଚାହିଁ ରହିଲି, କାରଣ ମୁଁ ଜାଣିବାକୁ ଚାହୁଁଥିଲି କ'ଣ ହେବାକୁ ଯାଉଛି, କିପରି ଭାବରେ ଏହା ଅନୁଷ୍ଠିତ ହେବାକୁ ଯାଉଛି । ତେଣୁ ଉଦ୍ଦେଶ୍ୟମୂଳକ ଭାବରେ ନୀରବରେ ସତର୍କ ଦୃଷ୍ଟି ରଖିଲି ।

''ଏବେ ସମଗ୍ର ପରିବେଶଟିରେ ସମ୍ପୂର୍ଣ୍ଣତଃ ଉତ୍କଣ୍ଠିତ ନିସ୍ତବ୍ଧତାର ତୀବ୍ର ସ୍ପନ୍ଦନ ଅନୁଭୂତ ହେଲା । ତା'ପରେ ଇଏ କ'ଣ ! ଆଶ୍ଚର୍ଯ୍ୟ !! ମୋ ଆଖି ସାମନାରେ ହଠାତ୍ ଉଭା ହେଲେ ସ୍ୱପ୍ନରେ ଅବଲୋକନ କରିବା ସଦୃଶ ପରମା ଅପରୂପା ମହିମମୟୀ ରୂପମାଧୁରୀ । ଏକ ସୌନ୍ଦର୍ଯ୍ୟମୟୀ, ଜ୍ୟୋତିର୍ମୟୀ କୃଶାଙ୍ଗୀ ମୂର୍ତ୍ତି ଚାରୁକଳାପୂର୍ଣ୍ଣ ବସ୍ତ୍ରାବୃତା, ସୁବର୍ଣ୍ଣ ମୁକୁଟମଣ୍ଡିତା ହୋଇ ସୁନ୍ଦର ଭାବରେ ଗାଲିଚା ବିଛା ଯାଇଥିବା ଶିଡ଼ି ପାହାଚରେ ଧୀର ପଦକ୍ଷେପରେ ତଳକୁ ଓହ୍ଲାଇ ଆସୁଛନ୍ତି । ତାଙ୍କର ପଦଚାରଣର ଭଙ୍ଗୀ ଥିଲା ଗରିମାମୟ, ତାଙ୍କର ମୁଖମଣ୍ଡଳରେ ଭରି ରହିଥିଲା ସ୍ନିଗ୍ଧ ଭାସ୍ୱର କରୁଣା ଏବଂ ତାଙ୍କ ନେତ୍ରଯୁଗଳରେ ପ୍ରତିଭାତ ହେଉଥିଲା ଦୀପ୍ତିଯୁକ୍ତ ରଶ୍ମି ଯାହାକି ତଳେ ଓ ଚତୁଃପାର୍ଶ୍ୱରେ ବିରାଜି ଥିବା ପ୍ରାୟାନ୍ଧକାରକୁ ତୀକ୍ଷ୍ଣ ଭାବେ ଭେଦି ଯାଉଥିଲା । ମୋର ଦୃଷ୍ଟି ଅପଲକ ନୟନରେ ଏହି ପରୀ ସଦୃଶ ମୂର୍ତ୍ତିଟି ଉପରେ ନିବଦ୍ଧ ହୋଇ ରହିଲା, ଯାହାଙ୍କର ଥିଲା ସ୍ଥିର, ପ୍ରଶାନ୍ତ, ଅପରୂପ ଏବଂ ଏକ ଆଲୋକ ବିକିରଣକାରୀ ମୁଖମଣ୍ଡଳ ଏବଂ ଯାହାଙ୍କର ଅବତରଣର ପ୍ରତିଟି ପଦପାତ ମନେ ହେଉଥିଲା ଯେପରି ସ୍ୱର୍ଗରୁ ପରୀଟିଏ ଅବତରି ଆସୁଛନ୍ତି ।

''ଶିଡ଼ି ପାହାଚର ମଝିରେ ସେ ଛିଡ଼ା ହେଲେ । ମୁହୂର୍ତ୍ତକ ମଧ୍ୟରେ ହଲ୍‌ଟିର ଏପ୍ରାନ୍ତରୁ ସେପ୍ରାନ୍ତ ପର୍ଯ୍ୟନ୍ତ ତାଙ୍କର ସୁଦୂର ପ୍ରସାରୀ ନେତ୍ରଯୁଗଳରେ ସର୍ବେକ୍ଷଣ କଲେ । ପରମୁହୂର୍ତ୍ତରେ ସେ ଧ୍ୟାନସ୍ଥ ହୋଇ ଉଠିଲେ, ଏହି ସ୍ଥିତିରେ ସେ ଅଧିକତର ଆନନ୍ଦମୟୀ ପ୍ରତିଭାତ ହେଉଥିଲେ । ସେ ସେହି ସ୍ଥାନରେ ପ୍ରତିମା ସଦୃଶ ଦଣ୍ଡାୟମାନ ରହିଥିବା ବେଳେ ମୁଁ ଅନୁଭବ କଲି ଯେ ସେ ହଠାତ୍ ଉର୍ଦ୍ଧ୍ୱଗାମୀ ହେଲେ । ଯଦିଓ ସେତେବେଳେ ତାଙ୍କର ଆଖିପତା ପରସ୍ପରକୁ ଆଲିଙ୍ଗନ କରିବା ସଦୃଶ ଛନ୍ଦି ହୋଇ ରହିଥିଲା, ତଥାପି ମୁଁ ଦେଖିଲି – ଅନୁଭବ ବା ଉପଲବ୍ଧି କରି ହେଉଥିବା ଭଳି କୌଣସି ଅଜ୍ଞାତ ବା ପ୍ରଭାବଶାଳୀ କୌଣସି ଦିବ୍ୟ-ସତ୍ତାଙ୍କ ସହିତ ତାଙ୍କର ସୁମଧୁର ବାକ୍ୟାଳାପ ଚାଲୁ ରହିଛି ଏବଂ ପରସ୍ପରଙ୍କ ମଧ୍ୟରେ ଦୃଷ୍ଟି ବିନିମୟ ହେଉଛି । ତାଙ୍କର ସମ୍ପୂର୍ଣ୍ଣ ଅବୟବ ମନେ ହେଉଥିଲା ସୁସଙ୍ଗତିରେ ପୂର୍ଣ୍ଣ । ବହୁରଙ୍ଗରେ ଶୋଭା ପାଉଥିବା ଇନ୍ଦ୍ରଧନୁ ସମ ଏକ ଆଲୋକ ବୃତ୍ତାକାରରେ ତାଙ୍କ ଚତୁଃପାର୍ଶ୍ୱକୁ ଆବେଷ୍ଟନ କରିଥିଲା । ସ୍ଥିରତା ଓ ଦେବତ୍ୱର ଅପରୂପ ଶୋଭାସମ୍ଭାର ଭଳି ଏହା ଦୃଶ୍ୟ ହେଉଥିଲା । ଏହା ମୋର ସୂକ୍ଷ୍ମଦର୍ଶନରେ ଲାଭ କରୁଥିବା ସାଙ୍କେତିକ ପ୍ରତିରୂପର ସୂଚନା ଦେଉଥିଲା ।

''ଏହା ପରେ ଉଷାକାଳର ରବି କିରଣ ସଦୃଶ ହଠାତ୍ ତାଙ୍କ ଓଷ୍ଠାଧରରେ ସ୍ମିତହାସ୍ୟ ଫୁଟି ଉଠିଲା ଏବଂ ତଡ଼ିତ୍ ବେଗରେ ଏହା କ୍ରମଶଃ ତାଙ୍କର ଗଣ୍ଡଦେଶ, ନୟନଯୁଗଳ ଏବଂ ସମଗ୍ର ମୁଖକମଳରେ ଉଦ୍ଭାସିତ ହୋଇ ଉଠିଲା । ଧୀରେ ଧୀରେ ପାଖୁଡ଼ା ମେଲି ସକାଳର ପୁଷ୍ପ ପ୍ରସ୍ଫୁଟିତ ହୋଇ ଉଠିବା ସଦୃଶ ତାଙ୍କର ସେହି ସ୍ମିତହାସ୍ୟର ଆଶୀର୍ବାଦ ଓ କରୁଣାବାରି ଉପସ୍ଥିତ ଧ୍ୟାନରତ ଭକ୍ତବୃନ୍ଦଙ୍କ ଉପରେ ବର୍ଷଣ ହେବାକୁ ଲାଗିଲା । ସେମାନେ ଗଭୀର କୃତଜ୍ଞତା ସହ ମସ୍ତକ ଉତ୍ତୋଳନ କରି ତାଙ୍କୁ ଅପଲକ ନୟନରେ ଅନାଇ ରହିଲେ, କେବଳ ଏତିକି ଅବଲୋକନ କରିବା ସକାଶେ ଯେ – ମୁହୂର୍ତ୍ତକ ପରେ ସେ ତାଙ୍କର ନିତ୍ୟଧାମକୁ ଅପସରି ଯିବେ । ତାଙ୍କର ଆବିର୍ଭାବ ମୁହୂର୍ତ୍ତଟି ଯେମିତି ଆନନ୍ଦଘନ ଓ ରହସ୍ୟମୟ ଥିଲା, ତଦନୁରୂପ ଥିଲା ତାଙ୍କର ଏହି ପ୍ରସ୍ଥାନ-ମୁହୂର୍ତ୍ତ । ଖରସ୍ରୋତା ନଦୀଧାର ସମ ତାଙ୍କର ପ୍ରତି ମୁହୂର୍ତ୍ତର ଗତିବିଧିକୁ ନିରୀକ୍ଷଣ କରିବା ସକାଶେ ମୋର ତୀକ୍ଷ୍ଣ ଦୃଷ୍ଟି ନିବଦ୍ଧ ରହିଥିବା ସତ୍ତ୍ୱେ ଅଳ୍ପକ୍ଷଣରେ ସେଇ ଅପରୂପା ଦିବ୍ୟ-ମୂର୍ତ୍ତିଟି ଯେଉଁ ମାର୍ଗରେ ଅପସରି ଗଲେ, ସେଇଟିକୁ ସଂଦର୍ଶନ କରିବାରୁ ବଞ୍ଚିତ ହେଲି । ସାନ୍ଧ୍ୟକାଳର ଏହି ଏକାଗ୍ରତା ପର୍ବର ପରିସମାପ୍ତି ହେବା ଉତ୍ତାରୁ ଆମେ ଜାଣିଲୁ ଯେ ସିଏ ହେଉଛନ୍ତି ଶ୍ରୀମା ।...''

(ଡିସେମ୍ବର ୧୯୩୯)

('His Life, Work and Thought', pp. 79 - 80)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଜଣେ କ'ଣ କରୁଛି ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଜଣେ ନିଜେ କ'ଣ ସେଇଟା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

– ଶ୍ରୀମା

# ମେ ଚାରି ତାରିଖ ଦର୍ଶନ

## (୪.୫.୬୭)

## ରାମକୃଷ୍ଣ ଦାସ

ମେ ୪ ତାରିଖରେ ମା କାହିଁକି ଦର୍ଶନ ଦେଉଛନ୍ତି ? ଏହାର ବିଶେଷତ୍ୱ କ'ଣ ? ଏହି ପ୍ରଶ୍ନ ପତ୍ର ଦ୍ୱାରା ବହୁତ ବ୍ୟକ୍ତି ପଚାରୁଛନ୍ତି ଏବଂ ଏଠାକୁ ଆସିବା ବ୍ୟକ୍ତି ପ୍ରଥମେ ଏହି ସମସ୍ୟା ଉପସ୍ଥାପନ କରୁଛନ୍ତି । ଏହି ବିଷୟଟି ଆଲୋଚନା କରିବା ପୂର୍ବରୁ ଏହା ସ୍ପଷ୍ଟ ରୂପେ କହିଦେବା ଉଚିତ ହେବ,– ମା ଯେକୌଣସି କାର୍ଯ୍ୟ କରନ୍ତି, ସେଥିରେ ଥାଏ ମହତ୍ତ୍ୱପୂର୍ଣ୍ଣ ରହସ୍ୟ ତଥା ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହେବାର ଉପାୟ । ଏହି ଅତିମାନସ ଶକ୍ତିକୁ ଗ୍ରହଣ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତରିତ ହେବ, ସେ ଜରା-ରୋଗ-ମୃତ୍ୟୁ ଅଧୀନରୁ ମୁକ୍ତ ହେବ, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହାରି ପ୍ରଭାବରେ ସଂସାରରୁ ସମସ୍ତ ପ୍ରକାର ଅନ୍ୟାୟ ଦୂର ହେବ । ଏହି ପୃଥିବୀରେ ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠିତ ହେବ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ଉଦ୍ଦେଶ୍ୟରେ ଭଗବାନ୍ ସଂସାର ସର୍ଜନା କରିଛନ୍ତି । ଭଗବାନଙ୍କର ସେହି ସଂକଳ୍ପ ସିଦ୍ଧ ହେବାର ସମୟ ଆସିଛି । ସଂସାର ସର୍ଜନା ହେବା ସମୟରୁ ଜ୍ଞାତ ବା ଅଜ୍ଞାତ ଭାବରେ ସମସ୍ତ ପ୍ରାଣୀ, ମୁନି, ଋଷି ଯେଉଁ ସମୟର ଶୁଭାଗମନକୁ ଅପେକ୍ଷା କରି ଆସୁଛନ୍ତି, ସେହି ସମୟ ଏହି ବର୍ଷ ଆରମ୍ଭ ହୋଇଛି । ଏହି ବର୍ଷ ଯୁଗ ପରିବର୍ତ୍ତନର ପ୍ରାଥମିକ ଅବସ୍ଥା । ପୃଥିବୀରେ ସତ୍ୟ-ସ୍ଥାପନାର ପ୍ରଥମ ପଦକ୍ଷେପ । ବର୍ତ୍ତମାନ ରୂପାନ୍ତରକାରୀ ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ବିଦ୍ୟମାନ । ପୂର୍ବ ପରି ବ୍ୟକ୍ତି ଅନ୍ୟାୟ-ଅସତ୍ୟ ଆଚରଣରେ ବହୁତ ଦିନ ସଫଳତା ପାଇପାରିବ ନାହିଁ । ସେହି ସକାଶେ ମା ଏହି ନବବର୍ଷର ଆରମ୍ଭରେ ଘୋଷଣା କରିଛନ୍ତି : ''ମନୁଷ୍ୟ, ଦେଶ, ମହାଦେଶସକଳ ! ବାଛିନିଅ – ଅନ୍ୟ ପନ୍ଥା ନାହିଁ – ପୂର୍ଣ୍ଣସତ୍ୟ ଅଥବା ରସାତଳ !''

ଶ୍ରୀଅରବିନ୍ଦ ଶରୀର ଧାରଣ କରି ଏହି ପୃଥିବୀକୁ ଆସିବା ଦିନରୁ ଯେବେ ଯେବେ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ପୃଥିବୀରେ ଅତିମାନସ ସ୍ଥାପନ କାର୍ଯ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ବା ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟି ଅଛି ।

୧.୨.୩୪ – ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୩୪ ସାଲରେ । ସେତେବେଳେ ଶ୍ରୀଅରବିନ୍ଦଙ୍କର ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବାର ପ୍ରୟାସ ବା ସାଧନା । ଭଗବାନଙ୍କର ସଂକଳ୍ପ ବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧି ପୂର୍ଣ୍ଣ ରୂପେ ନିର୍ଭର କରେ ଅତିମାନସ ଶକ୍ତି ଏହି ପୃଥିବୀକୁ ଉତରି ଆସିବା ଉପରେ । ସେହି ସମୟରେ ଶ୍ରୀଅରବିନ୍ଦଙ୍କ ସାଧନାରେ ହୋଇଥିଲା ବିଶେଷ ପ୍ରଗତି । ଅତିମାନସ ଶକ୍ତି ପୃଥିବୀକୁ ସ୍ପର୍ଶ କରିବା ଭଳି ଅବସ୍ଥା କେତେ ଥର ନିକଟକୁ ଆସିଥିଲା । ପୃଥିବୀ ଏବଂ ମନୁଷ୍ୟଜାତି ସେହି ଶକ୍ତିକୁ ଗ୍ରହଣ କରିବାକୁ ଏକେବାରେ ତୟାର ନ ଥିଲେ । ଅତିମାନସର ଅବତରଣର ସମୟ ଦେଖି ଅବଚେତନାରୁ ପଥରୋଧକାରୀ ଅଶୁଦ୍ଧ ପ୍ରତିକୂଳ ଶକ୍ତିସମୂହ ପୃଥିବୀକୁ ଉଠି ଆସିବାକୁ ଚେଷ୍ଟା କଲେ । ଏହାଫଳରେ ପୃଥିବୀରେ ଅଧିକ ବିପର୍ଯ୍ୟୟ ଘଟିବା ସ୍ୱାଭାବିକ ଥିଲା । ଏହିସବୁ ଅସାଧାରଣ ବାଧା ଦୂର କରିବା ସକାଶେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବାର ପ୍ରଯତ୍ନକୁ ସ୍ଥଗିତ ରଖି ଅବଚେତନାକୁ ପରିଶୋଧିତ କରିବା ସକାଶେ ସାଧନା କରିଥିଲେ ।

୨.୩.୪୫ – ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୪୫ ସାଲରେ । ସେହି ବର୍ଷ ହୋଇଥିଲା ବିଶ୍ୱଯୁଦ୍ଧରେ ବିଜୟ । ସେହି ବିଶ୍ୱଯୁଦ୍ଧର ବିଜୟ ଉପରେ ଅଧିକ ପରିମାଣରେ ନିର୍ଭର କରିଥିଲା ଏହି ପୃଥିବୀରେ ଅତିମାନସ ଶକ୍ତିର ସ୍ଥାପନା । ଏହି କାର୍ଯ୍ୟ ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଯୋଗର ଗୋଟିଏ ପ୍ରଧାନ ଅଙ୍ଗ ଥିଲା ବିଦେଶୀ ଶାସନରୁ ଭାରତର ମୁକ୍ତି । ଭାରତରେହିଁ ସତ୍ୟ ସ୍ଥାପନା ହେବ ଏବଂ ସେହି ଭାରତ ସମସ୍ତ ପୃଥିବୀକୁ ଶିକ୍ଷା ଦେବ । ହିଟ୍ଲର ବିଜୟୀ ହୋଇଥିଲେ ଭାରତର ସ୍ୱତନ୍ତ୍ରତା ସ୍ଥଗିତ ହୋଇଥା'ନ୍ତା ଏବଂ ଅନ୍ଧକାର ଶକ୍ତି ନିଜ ପ୍ରଭାବ ବିସ୍ତାର କରିଥା'ନ୍ତା ପୃଥିବୀରେ । ଏହାରି ଦ୍ୱାରା ପୂର୍ଣ୍ଣ ରୂପେ ହୋଇଥା'ନ୍ତା ଅତିମାନସ ଶକ୍ତିର ମାର୍ଗ ରୁଦ୍ଧ । ସେହି ସକାଶେ ଶ୍ରୀମା ଏବଂ ଶ୍ରୀଅରବିନ୍ଦ ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରିଥିଲେ ବିଶ୍ୱଯୁଦ୍ଧର

ବିଜୟରେ । ପ୍ରକାଶ୍ୟରେ ମଧ୍ୟ ଯୁଦ୍ଧକୁ ଦାନ କରିଥିଲେ ଅର୍ଥ । ୧୯୪୫ ସାଲ ବିଶ୍ୱଯୁଦ୍ଧରେ ବିଜୟ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ ସିଦ୍ଧିର ମହାନ୍ ବାଧା ଦୂର ହୋଇଥିଲା ।

୩.୪.୫୬ – ଏହି କ୍ରମାନ୍ୱୟ ଚାରିଟି ଅଙ୍କ ପଡ଼ିଥିଲା ୧୯୫୬ ସାଲରେ । ସେହି ବର୍ଷ ଅତିମାନସ ଶକ୍ତିର ଅବତରଣ ଘଟିଥିଲା ପୃଥିବୀରେ । ମା ବାଣୀ ଦେଇଥିଲେ :

"Lord, Thou hast willed, and I execute.
A new light breaks upon the earth.
A new world is born.
The things that were promised are fulfilled."

''ହେ ପ୍ରଭୋ, ତୁମେ ସଂକଳ୍ପ କରିଛ ଏବଂ ମୁଁ ତାହା କାର୍ଯ୍ୟରେ ପରିଣତ କରିଛି । ଗୋଟିଏ ନୂତନ ଜ୍ୟୋତିଃ ପୃଥିବୀପୃଷ୍ଠରେ ଅବତରଣ କରିଛି । ଗୋଟିଏ ନୂତନ ଜଗତ୍ ଜନ୍ମ ଲାଭ କରିଛି । ଯାହାସବୁ ତୁମର ସଂକଳ୍ପ ଥିଲା, ସେସବୁ ସମ୍ପନ୍ନ ହୋଇଛି ।''

ପୁଣି ଅନ୍ୟ ବାଣୀ ଦେଇଥିଲେ ମା :

"The manifestation of the Supramental upon earth is no more a promise, but a living fact, a reality.

"It is at work here, and one day will come when the most blind, the most unconscious even the most unwilling shall be obliged to recognise it."

(24.04.56) – The Mother

''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ବର୍ତ୍ତମାନ ଏହା ଏକ ବାସ୍ତବ ସତ୍ୟ, ଏକ ଜୀବନ୍ତ ଘଟଣା ।

''ବର୍ତ୍ତମାନ ଏଠାରେ ଏହା କାର୍ଯ୍ୟ କରୁଛି ଓ ଦିନ ଆସିବ ଯେତେବେଳେ କି ସବୁଠୁ ଅନ୍ଧ, ସବୁଠୁ ଅଚେତନ, ଏପରିକି ସବୁଠୁ ଅନିଚ୍ଛୁକ ବ୍ୟକ୍ତି ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ୍ୟ ହେବ ।''

(୨୪-୦୪-୫୬) – ଶ୍ରୀମା

(*During the common meditation on wednesday, the 29th Feb. 1956.*)

"This evening the Divine Presence, concrete and material, was there present amongst you. I had a form of living gold, bigger than the universe, and I was facing a huge and massive golden door which separated the world from the Divine.

"As I looked at the door, I knew and willed, in a single movement of consciousness, that *"the time has come"*, and lifting with both hands a mighty golden hammer I struck one blow, one blow, one single blow on the door and the door was shattered to pieces.

"Then the supramental Light and Force and Consciousness rushed down upon earth in an uninterrupted flow."

– The Mother

(*୧୯୫୬ ସାଲ ଫେବ୍ରୁଆରୀ ୨୯, ବୁଧବାରର ସମବେତ ଧ୍ୟାନରେ*)

''ଆଜି ସନ୍ଧ୍ୟାରେ ଭଗବାନଙ୍କ ସାନ୍ନିଧ୍ୟ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖା ଦେଇଥିଲେ । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣ ଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଛି, ଯାହା ଜଗତକୁ ଭଗବାନଙ୍କ ଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣି ପାରିଲି ଏବଂ ସଂକଳ୍ପ କଲି – ଯାହା ଏକହିଁ ଚେତନାରେ ଯୁଗପତ୍ କ୍ରିୟା – '*ଏଥର ସମୟ ଆସିଛି*' – ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ଦୁଇ ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି, ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସମ୍ପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେହି ମୁହୂର୍ତ୍ତରୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।''

– ଶ୍ରୀମା

୧୯୫୬ ସାଲ ଫେବ୍ରୁଆରୀ ୨୯ ତାରିଖ ବୁଧବାର ସମବେତ ଧ୍ୟାନ ସମୟରେ ଅତିମାନସ ଶକ୍ତି ପୃଥିବୀରେ

ଅଭିବ୍ୟକ୍ତ ହୋଇଥିଲା ଏବଂ ସ୍ଥାୟୀ ରୂପେ ପ୍ରତିଷ୍ଠା ହେବା ସକାଶେ ପୃଥିବୀ ବାତାବରଣରେ କ୍ରମଶଃ କ୍ରିୟା କରିବାକୁ ଆରମ୍ଭ କରିଥିଲା । ସ୍ଥାୟୀ ହୋଇପାରିଲା ୧୯୬୭ ସାଲରେ । ଏହି ବିଷୟ ମା ତାଙ୍କ 'ବାଣୀ'ରେ ପ୍ରକାଶ କରିଛନ୍ତି ।

ଶ୍ରୀଅରବିନ୍ଦ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ପୃଥିବୀ ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କରିଥିଲେ । ସେହି ଅତିମାନସ ଶକ୍ତି ପୃଥିବୀରେ ପ୍ରକାଶିତ ହୋଇଥିଲା ୨୯ ଫେବ୍ରୁଆରୀ ୧୯୫୬ ସାଲରେ । ଏହା ସ୍ପଷ୍ଟ ହୋଇଅଛି ମା'ଙ୍କ 'ବାଣୀ'ରେ । ଯେଉଁ ଅତିମାନସ ଶକ୍ତି ସମ୍ବନ୍ଧେ ମା 'ବାଣୀ' ଦେଇଛନ୍ତି ତାହା ଘଟିଛି ଆମ୍ଭମାନଙ୍କ ସ୍ଥୂଳ ଦୃଷ୍ଟିର ପଶ୍ଚାତରେ । କିନ୍ତୁ ଆମ୍ଭେମାନେ ଯଦି ଅର୍ଥହୀନ ତାର୍କିକ ବୁଦ୍ଧିର ପଶ୍ଚାତକୁ ଯାଇ ନିରପେକ୍ଷ ବିଚାର କରିବା ତେବେ ବାହ୍ୟ ଜାଗତିକ ଘଟଣାରେ ବି କୌଣସି ଅଦୃଶ୍ୟ ଶକ୍ତିର ହସ୍ତକ୍ଷେପ ବୁଝି ପାରିବା ।

୧୯୫୦ରୁ ଅତିମାନସ ଶକ୍ତି ପୃଥିବୀ ବାତାବରଣରେ ଆସିବା ଦିନଠାରୁ ଦୁଇଟି ଶକ୍ତିର କ୍ରିୟା ସ୍ପଷ୍ଟଭାବେ ବୁଝା ଯାଉଛି,– ପ୍ରଥମଟି ଅନ୍ଧକାର ଶକ୍ତିର ଓ ଅନ୍ୟଟି ଜ୍ୟୋତିର୍ମୟୀ ଅତିମାନସ ଶକ୍ତିର । ଅତିମାନସ ଶକ୍ତିର ପଥରୋଧ କରିବା ସକାଶେ ଅନ୍ଧକାର ଶକ୍ତି ପୂର୍ଣ୍ଣ ପରାକ୍ରମରେ ଦଳବଳ ସହ ପୃଥିବୀ ଧ୍ୱଂସ କରିବାକୁ ଚାହୁଁଅଛି ଏବଂ ଅସତ୍ୟର ବୃଦ୍ଧି କରୁଅଛି । ଅନ୍ୟ ପକ୍ଷରେ ବିଭିନ୍ନ ଦେଶରେ ଧ୍ୱଂସକାରୀ ଅସ୍ତ୍ର ଥିବା ସତ୍ତ୍ୱେ ଭାଗବତୀ ଶକ୍ତି ଧ୍ୱଂସରୁ ରକ୍ଷା କରୁଛି । ଏହା ସ୍ପଷ୍ଟଭାବେ ଦେଖାଯାଏ ସୁଏଜ୍ କେନାଲ୍, କ୍ୟୁବା, ଚୀନ୍-ଭାରତ, ପାକିସ୍ତାନ-ଭାରତ, ଭିଏତ୍‌ନାମ୍ ଯୁଦ୍ଧରେ । ଏହି ଘଟଣା ସଂସାରରେ ଯେପରି ଘଟୁଛି, ବ୍ୟକ୍ତି ମଧ୍ୟରେ ମଧ୍ୟ ସେହିପରି ଘଟୁଛି ।

ବହୁତ କମ୍ ବ୍ୟକ୍ତି, ସଂଖ୍ୟାରେ ଖୁବ୍ କମ୍ – ଯେଉଁମାନଙ୍କର ଆତ୍ମା ଜାଗ୍ରତ୍ ହୋଇଛି, ଭାଗବତୀ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଛି; ଏହି ସଂସାରରେ ଅସତ୍ୟ, ଅନ୍ୟାୟ ମହାନ୍ ପ୍ରବଳ ଥିବା ଅବସ୍ଥାରେ ବି ସେହିମାନଙ୍କ ଆଧାରରେ ଅତିମାନସ ଶକ୍ତି କ୍ରିୟା କରୁଅଛି । ସେହିମାନେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହେବା ମାର୍ଗରେ ଅଗ୍ରସର ହେଉଛନ୍ତି ।

ଯେଉଁ ବ୍ୟକ୍ତିର ସ୍ୱଭାବତଃ ଅନ୍ୟାୟ ପ୍ରବୃତ୍ତି, ତା'ର ସତ୍ତାକୁ ପୂର୍ଣ୍ଣରୂପେ ଅଧିକାର କରିବାକୁ ଚେଷ୍ଟା କରୁଛି ଅନ୍ଧକାର ଶକ୍ତି ଏବଂ ତାକୁ ଯନ୍ତ୍ର କରି ସତ୍ୟର ପ୍ରତିକୂଳ କାର୍ଯ୍ୟ କରାଉଛି । ତା'ର ଆଧାର ଆବୃତ ହୋଇଛି ଅନ୍ଧକାର ଶକ୍ତି ଦ୍ୱାରା । ତଥାପି ଅତିମାନସ ଶକ୍ତିର ପ୍ରଭାବ କ୍ରମଶଃ ଅଧିକାଧିକ ସଂସାର ବାତାବରଣରେ ପ୍ରତିଷ୍ଠିତ ହେବାରୁ ପ୍ରତ୍ୟେକ ବ୍ୟକ୍ତି ଶ୍ୱାସପ୍ରଶ୍ୱାସ ଦ୍ୱାରା ଗ୍ରହଣ କରୁଅଛନ୍ତି ଅତିମାନସ ଶକ୍ତିର ପ୍ରଭାବ । ତାହା ସ୍ପର୍ଶ କରୁଛି ବ୍ୟକ୍ତିର ଆତ୍ମାକୁ । ଏହି ସ୍ପର୍ଶ ଯୋଗୁଁ ବ୍ୟକ୍ତି ଅନ୍ୟାୟ-ଅସତ୍ୟ ଆଚରଣ କରି ପୂର୍ବ ପରି ସନ୍ତୋଷ ଲାଭ କରିପାରୁ ନାହିଁ । ସେମାନେ ଅଶାନ୍ତି, ଦ୍ୱନ୍ଦ୍ୱ, ବିଶୃଙ୍ଖଳା, ଅଭାବ ଅନୁଭବ କରୁଛନ୍ତି ଏବଂ ଅଜ୍ଞାତରେ ନୂତନ କିଛି ଚାହୁଁଛନ୍ତି ।

ଯେଉଁ ବ୍ୟକ୍ତିର ସତ୍ତା ଟିକିଏ ମାତ୍ର ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୋଇଛି ତା'ର ଅନ୍ୟାନ୍ୟ ବିଭିନ୍ନ ସତ୍ତା ଅସତ୍ୟରେ ପ୍ରବୃତ୍ତ ହୋଇ ଅନ୍ୟାୟ ଅସତ୍ୟ ପଥରେ ଅର୍ଥ ସଂଗ୍ରହ ଆଦି କୁକର୍ମ କରୁଥିବା ସତ୍ତ୍ୱେ ତାହାର ଭଗବତ୍ ପ୍ରାପ୍ତି ପ୍ରତି ଆଗ୍ରହ ଜନ୍ମିଛି । ଏହି କାରଣରୁ କେତେକ ବ୍ୟକ୍ତି ଜ୍ଞାତ ଭାବରେ ବା ଅଜ୍ଞାତ ଭାବରେ ଭିନ୍ନ ଭିନ୍ନ କାରଣବଶତଃ ଭଗବତ୍ ଅଭିମୁଖୀ ହେଉଛନ୍ତି । ଏହି ତିନି ପ୍ରକାର ବ୍ୟକ୍ତିଙ୍କୁ ଯନ୍ତ୍ର କରିବା ସକାଶେ ଉଭୟ ଶକ୍ତି ପ୍ରଯତ୍ନଶୀଳ ହୋଇଛନ୍ତି । ଘୋର ଅନ୍ଧକାର ମଧ୍ୟରେ କ୍ଷୀଣ ଜ୍ୟୋତିଃଶିଖା ସଦୃଶ ସଂସାର ଏବଂ ବ୍ୟକ୍ତିର ଅସତ୍ୟ-ଅନ୍ୟାୟଯୁକ୍ତ ଆଧାରରେ ଭଗବତ୍ ଶକ୍ତିର ପ୍ରଭାବ ପଡ଼ୁଛି । ସଂସାର ଅସତ୍ୟର ଚରମସୀମାରେ ପହଞ୍ଚି ଥିବା ସତ୍ତ୍ୱେ ଖୁବ୍ ଅଳ୍ପ ସଂଖ୍ୟକ ବ୍ୟକ୍ତି ସତ୍ୟର ଆଶ୍ରୟ ନେଇଛନ୍ତି ।

ଅନ୍ଧକାର ଶକ୍ତିର ଅଦିବ୍ୟ ବା ଅସତ୍ୟ ପ୍ରଭାବ ଏବଂ ଅତିମାନସ ଶକ୍ତିର ଦିବ୍ୟ ପ୍ରଭାବ ପ୍ରତି ଉନ୍ମୁକ୍ତତା – ଏହି ଉଭୟ କାର୍ଯ୍ୟ ବ୍ୟକ୍ତିର ସମର୍ଥନ ଅନୁସାରେ ୧୯୫୦ରୁ ଏହି ୧୯୬୭ ପର୍ଯ୍ୟନ୍ତ କ୍ରମଶଃ ଦ୍ରୁତ ଗତିରେ ବୃଦ୍ଧି ଲାଭ କରି ଆସୁଛି । ଏପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ପ୍ରୟାସ ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା ହେବାକୁ ନ ଦେବା ଏବଂ ତା'ର ପଥରୋଧ କରି ସଂସାରରୁ ତାକୁ ବିତାଡ଼ିତ କରିଦେବା । ଏପର୍ଯ୍ୟନ୍ତ ପ୍ରବଳତା ବା ଆଧିପତ୍ୟ ଥିଲା ଅନ୍ଧକାର ଶକ୍ତିର । ବ୍ୟକ୍ତି ଅସତ୍ୟ-ଅନ୍ୟାୟ କରି ସହଜରେ ସଫଳତା ଲାଭ କରି ପାରୁଥିଲା । ସତ୍ୟ ଆଚରଣ କରୁଥିବା ବ୍ୟକ୍ତିର ସଫଳତା ଲାଭ ହେଉଥିଲା ଯଦ୍ୟପି ଶେଷରେ, ତଥାପି ମାର୍ଗରେ ପଦେ ପଦେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିଲା ।

କିନ୍ତୁ ବର୍ତ୍ତମାନ ସେସମୟର ପରିବର୍ତ୍ତନ ହୋଇ ସାରିଛି । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ଲାଭ କରିଛି । ଅନ୍ଧକାର ଶକ୍ତିର ପ୍ରଭାବ ମ୍ଳାନ, ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର କ୍ରମଶଃ ଖୁବ୍ କମ୍ ମାତ୍ରାରେ ଆରମ୍ଭ ହୋଇଛି । ଆଉ ଅନ୍ୟାୟ-

ଅସତ୍ୟର ସଫଳତା ହୋଇପାରୁ ନାହିଁ । ଏହି ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଛି ଏହି ୧୯୬୭ରୁ । ବର୍ତ୍ତମାନ ଯଦିଓ ଅସତ୍ୟ-ଅନ୍ୟାୟ ପୂର୍ବର ଅନ୍ଧକାର ସଦୃଶ ଘନୀଭୂତ ପ୍ରତୀତ ହେଉଛି, ତଥାପି ଏହା ପଛରେ ରହିଛି ଅତିମାନସ-ସୂର୍ଯ୍ୟ । ଏହି ବର୍ଷକୁ ନୂତନ ଯୁଗର ଆଗମନ ବା ଉଷାକାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସକାଶେ ଏହି ବର୍ଷ (୧୯୬୭) ବିଶେଷ ମହତ୍ତ୍ୱପୂର୍ଣ୍ଣ । ଏହି କାରଣରୁ ମା ମେ ୪ରେ ଦର୍ଶନ ଦେଉଛନ୍ତି ।

ସଂସାରର ବିଭିନ୍ନ ଘଟଣାରୁ ଏହା ଅନୁମେୟ ଯେ ଅଧିକାଂଶ ବା କେତେକ ସାଧାରଣ ଜନତାଙ୍କ ଉପରେ ସତ୍ୟର ଗୋଟିଏ ଅସ୍ପଷ୍ଟ ପ୍ରଭାବ ଦୂରରୁ ପଡ଼ିଅଛି । ସେମାନେ ଅର୍ଥ ଲୋଭ ବା ଅନ୍ୟାନ୍ୟ ସୁଖସୁବିଧା ଲାଳସାରେ ନ ପଡ଼ି ଅଜ୍ଞାତ ଭାବରେ ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଅନ୍ୟାୟ, ମିଥ୍ୟାଚାରର ପ୍ରଲୋଭନକୁ ବର୍ଜନ କରିବାକୁ ଚେଷ୍ଟା କରୁଛନ୍ତି ।

ପୂର୍ବେ ଅନ୍ୟାୟ-ଅସତ୍ୟ ଆଚରଣରେ ବ୍ୟକ୍ତି ଯେପରି ରାଜନୀତି, ସମାଜନୀତି ତଥା ବିଚାର ବିଭାଗରେ ଆଧିପତ୍ୟ ବିସ୍ତାର କରି ପାରୁଥିଲା, ବାଣିଜ୍ୟ ବ୍ୟବସାୟ ତଥା ଅନ୍ୟାନ୍ୟ କାର୍ଯ୍ୟରେ ଅସତ୍ୟ ଆଚରଣରେ ଲାଭବାନ୍ ହୋଇ ପାରୁଥିଲା, ବର୍ତ୍ତମାନ ଆଉ ସେପରି ହେବ ନାହିଁ । ଯେପର୍ଯ୍ୟନ୍ତ ରାଜନୀତି, ସମାଜନୀତି, ବିଚାର ବିଭାଗ ତଥା ବ୍ୟବସାୟ ବାଣିଜ୍ୟ ସତ୍ୟ ଉପରେ ପ୍ରତିଷ୍ଠା ନ ହେବ, ସତ୍ୟର ଆଶ୍ରୟ ନ ନେବ ସେପର୍ଯ୍ୟନ୍ତ ବର୍ତ୍ତମାନ ସଦୃଶ ଚକଟାମଣ୍ଡା ଦ୍ୱନ୍ଦ୍ୱବିରୋଧ ଚାଲିଥିବ । କୌଣସି ସଂସ୍ଥା ସ୍ଥାୟୀ ହୋଇ ନିରାପଦରେ ତିଷ୍ଠି ପାରିବ ନାହିଁ । ବ୍ୟକ୍ତି ତଥା ସଂସ୍ଥା ଏବଂ ସମାଜ ବାଧ ହୋଇ ସତ୍ୟକୁ ଗ୍ରହଣ କରିବେ । ତେବେ ସୁଖ, ଶାନ୍ତିରେ ରହି ପାରିବେ । ଏହାଛଡ଼ା ଆଉ ଅନ୍ୟ ଉପାୟ ନାହିଁ । ଏହି ନୂତନ ବର୍ଷର ମା'ଙ୍କ 'ବାଣୀ'ରେ ଏହାହିଁ ସୁସ୍ପଷ୍ଟ :

"Men, countries, continents !
The choice is imperative :
Truth or the abyss."

ଅର୍ଥାତ୍ :

''ମନୁଷ୍ୟ, ଦେଶ, ମହାଦେଶସକଳ !
ବାଛିନିଅ – ଅନ୍ୟ ପନ୍ଥା ନାହିଁ
ପୂର୍ଣ୍ଣସତ୍ୟ ଅଥବା ରସାତଳ !''

ପୂର୍ବେ କୁହା ହୋଇଛି ଯେ ଯେଉଁ ବର୍ଷ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ବା ସେହି କାଳ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଅତିମାନସ ପ୍ରତିଷ୍ଠା କାର୍ଯ୍ୟ ବିଶେଷ ରୂପେ ଅଗ୍ରଗତି ଲାଭ କରିଛି ଏବଂ ବିଶେଷ ଘଟଣା ଘଟିଛି । ଏବେ ସେହି କ୍ରମାନ୍ୱୟ ଅଙ୍କ ୪.୫.୬୭ ପଡ଼ିଛି, ଏହି ମେ ମାସ ଚାରି ତାରିଖରେ । ଏହି ଦିନଟି ସକାଶେ ଏହି ବର୍ଷଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିଛି । ଏହି ବର୍ଷର ମହତ୍ତ୍ୱ ସମ୍ବନ୍ଧେ ଶ୍ରୀମା ଶ୍ରୀଅରବିନ୍ଦ ଯାହା ଘୋଷଣା କରିଥିଲେ ତାହା ନିମ୍ନରେ ପ୍ରଦତ୍ତ ହେଲା ।

୧୯୬୩ ସାଲ ମାର୍ଚ୍ଚ ମାସରେ ମା'ଙ୍କ ସଙ୍ଗେ ଜଣେ ବ୍ୟକ୍ତିଙ୍କର ସାକ୍ଷାତ୍ ସମୟରେ ସେ ମା'ଙ୍କୁ ନିମ୍ନୋକ୍ତ ପ୍ରଶ୍ନ କରିଥିଲେ :

''ମା, ୧୯୪୫ ସାଲ ଅଗଷ୍ଟ ୩୦ ତାରିଖରେ ଆପଣ କହିଥିଲେ, '' 'ବର୍ତ୍ତମାନର ମାନବ-ସଭ୍ୟତାକୁ ରକ୍ଷା କରିବା ଯେ ଭଗବାନଙ୍କ ଇଚ୍ଛା, ମୁଁ ତୁମକୁ ଏ ପ୍ରତିଶ୍ରୁତି ଦେଇ ପାରିବି ନାହିଁ ।' ('I can not promise you that the Divine's will is to preserve the present human civilisation.') ବର୍ତ୍ତମାନ କ'ଣ ଆପଣ କହିବେ ଯେ ଭଗବାନ୍ ବର୍ତ୍ତମାନର ମାନବ-ସଭ୍ୟତାକୁ ରକ୍ଷା କରିବା ପାଇଁ ସ୍ଥିର କରିଛନ୍ତି ?''

ଏହି ପ୍ରଶ୍ନ ଶୁଣି ମା ଦୀର୍ଘ ସମୟ ଧରି ଚକ୍ଷୁ ବନ୍ଦ କରି ଏକାଗ୍ର ରହିଲେ ଏବଂ ତା'ପରେ ଚକ୍ଷୁ ଉନ୍ମୀଳିତ କରି ସ୍ପଷ୍ଟ କଣ୍ଠରେ କହିଲେ, ''ଏହା ୧୯୬୭ରେ **ସ୍ଥିର** ହେବ ।'' ("It will be settled in 1967") । ମା ଏହି ସ୍ଥିର (settled) ଶବ୍ଦ ଉପରେ ବିଶେଷ ଜୋର୍ ଦେଲେ ଏବଂ ପୁଣି ଥରେ କହିଲେ, ''ମୋ ବାକ୍ୟରେ କୌଣସି ପରିବର୍ତ୍ତନ କରିବ ନାହିଁ, ଏହା ୧୯୬୭ରେହିଁ **ସ୍ଥିର** ହେବ ।'' ("Do not change my words : it will be settled in 1967") ।

୧୯୫୮ ସାଲରେ ମା ଘୋଷଣା କରିଥିଲେ :

"This new realisation is following its course with a thundering rapidity, so to say, for, if we consider time in the ordinary way, only two years have passed, a little more than two years, between the time when the supremental substance penetrated the earthly atmosphere and the time when this change has been brought about in earth's atmosphere.

"If things continue to move at this speed, it is more than possible it is almost, evident what Sri Aurobindo wrote in a letter would be a prophetic announcement : 'The Supramental Consciousness will enter a phase of realising power in 1967'."

– The Mother

''କହିବାକୁ ଗଲେ, ଏହି ନୂତନ ସିଦ୍ଧି ବିଦ୍ୟୁତ୍ ଭଳି ପ୍ରଖର ଗତିରେ ତା'ର କାର୍ଯ୍ୟ କରି ଚାଲିଛି । କାରଣ ଯଦି ଆମ୍ଭେମାନେ ସାଧାରଣ ଅର୍ଥରେ ସମୟକୁ ଧରୁ, ତେବେ ଏହି ପାର୍ଥିବ ପରିବେଶ ମଧ୍ୟରେ ଅତିମାନସ ଦିବ୍ୟ ତତ୍ତ୍ୱ ଯେବେ ପ୍ରବେଶ କରିଛି, ତାହା ଦୁଇ ବର୍ଷ, ଦୁଇ ବର୍ଷରୁ କିଛି ଅଧିକ ହେବ; ଏହା ଭିତରେ ପାର୍ଥିବ ବାତାବରଣରେ ଯେଉଁସବୁ ପରିବର୍ତ୍ତନ ଦେଖାଦେଇଛି ।

''ଯଦି ଏହି ପରିବର୍ତ୍ତନ ଏହିପରି ଗତିରେ ଅଗ୍ରସର ହୁଏ, ତେବେ ଏହା ନିଶ୍ଚୟ ସମ୍ଭବ ଓ ଏହା ଏକେବାରେ ସୁସ୍ପଷ୍ଟ ଯେ ଯାହା ଶ୍ରୀଅରବିନ୍ଦ ଗୋଟିଏ ପତ୍ରରେ ଲେଖିଥିଲେ, ତାହା ହେବ ଏକ ଦିବ୍ୟ ଘୋଷଣା : 'ଅତିମାନସ ଚେତନା ୧୯୬୭ ସାଲରେ ନିଜକୁ ସଂସିଦ୍ଧ ବା ପ୍ରତିଷ୍ଠା କରିବାର ସାମର୍ଥ୍ୟର ପର୍ଯ୍ୟାୟରେ ଉପନୀତ ହେବ ।' ''

— ଶ୍ରୀମା

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଶ୍ରୀଅରବିନ୍ଦ
# ଓ ଭାରତର ଆଧ୍ୟାତ୍ମିକ ପରମ୍ପରା

ପ୍ରପତ୍ତି

''ମୁଁ କହିପାରେ ଯେ ଭବିଷ୍ୟତରେ ମାନବ ସମାଜ ପାଇଁ କୌଣସି ନୂତନ ବା ପୁରାତନ ଧର୍ମ ପ୍ରତିଷ୍ଠା କରିବା ମୋ ଉଦ୍ଦେଶ୍ୟଠାରୁ ବହୁ ଦୂରରେ । ଏ ବିଷୟରେ ମୋର ଉଦ୍ଦେଶ୍ୟ ହେଲା କୌଣସି ନୂତନ ଧର୍ମ ପ୍ରଚାର ନୁହେଁ, ଏପର୍ଯ୍ୟନ୍ତ ବନ୍ଦ ଥିବା ଏକ ମାର୍ଗର ଉନ୍ମୋଚନ କରିବାହିଁ ପ୍ରଧାନ କଥା ।''

— ଶ୍ରୀଅରବିନ୍ଦ

*

''ମୁଁ ପୃଥିବୀ ବିଷୟରେହିଁ ସମ୍ପୃକ୍ତ, — ଊର୍ଦ୍ଧ୍ୱସ୍ଥ ଅନ୍ୟାନ୍ୟ ଜଗତ୍ ବିଷୟରେ କେବଳ ସେମାନଙ୍କ ନିଜ ସକାଶେ ମୋର କୌଣସି ଆଗ୍ରହ ନାହିଁ, ମୁଁ ଏକ ପାର୍ଥିବ ଉପଲବ୍ଧି ଚାହୁଁଛି । ସୁଦୂର ଶିଖରକୁ ଉଠିଯିବା ମୋର ଲକ୍ଷ୍ୟ ନୁହେଁ । ଅନ୍ୟ ସମସ୍ତ ଯୋଗ ଏହି ପାର୍ଥିବ ଜୀବନକୁ ଏକ ଭ୍ରମ ବା ଏକ କ୍ଷଣସ୍ଥାୟୀ ବିଷୟ ବୋଲି ଭାବିଥିଲେ, ଏକମାତ୍ର ଅତିମାନସ ଯୋଗହିଁ ଏହାକୁ କ୍ରମବିକାଶଶୀଳ ଅଭିବ୍ୟକ୍ତି ନିମନ୍ତେ ଭଗବାନଙ୍କ ଦ୍ୱାରା ସୃଷ୍ଟ ବୋଲି ବିଚାର କରେ ଏବଂ ଜୀବନ ଓ ଶରୀରର ପୂର୍ଣ୍ଣତାକୁ ନିଜର ଲକ୍ଷ୍ୟ ବୋଲି ଗ୍ରହଣ କରେ ।''

— ଶ୍ରୀଅରବିନ୍ଦ

*

''ମୋର ଯୋଗରେ ଆଧ୍ୟାତ୍ମିକ ଜଗତ୍ ଓ ଜଡ଼ ଜଗତ୍ ଉଭୟକୁ ମୋ ଲକ୍ଷ୍ୟର ଅନ୍ତର୍ଭୁକ୍ତ କରିଛି ଏବଂ ମଣିଷର ହୃଦୟରେ ଓ ସଂସାର ଜୀବନରେ ଦିବ୍ୟଚେତନା ଓ ଦିବ୍ୟଶକ୍ତିକୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛି — ନିଜର ବ୍ୟକ୍ତିଗତ ମୁକ୍ତି ପାଇଁ ନୁହେଁ, କିନ୍ତୁ ଏଠାରେ ଦିବ୍ୟଜୀବନ ସ୍ଥାପନା ପାଇଁ ।''

— ଶ୍ରୀଅରବିନ୍ଦ

*

ଭାରତର ଆଧ୍ୟାତ୍ମିକ ପରମ୍ପରା ବହୁ ପ୍ରାଚୀନ, ତାହାର ସାଧନା ଓ ଉପଲବ୍ଧି ବିଶ୍ୱ-ବିଶ୍ରୁତ । ଆଧ୍ୟାତ୍ମିକ ପ୍ରତିଭା, ତପୋବଳ, ଐଶ୍ୱର୍ଯ୍ୟ ଓ ସିଦ୍ଧି ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନ୍ତର୍ନିହିତ ମୂଳ ସତ୍ୟ । ବେଦ, ଉପନିଷଦ୍, ତନ୍ତ୍ର, ପୁରାଣ, ମହାକାବ୍ୟ ଓ ଯୋଗ-ଶାସ୍ତ୍ରମାନଙ୍କରେ ବହୁ ଯୋଗୀ, ଋଷି, ସନ୍ଥ, ସାଧୁ ପୁରୁଷ, ବିଭୂତି ଓ ଅବତାରମାନଙ୍କ ଉପଲବ୍ଧି ଓ କାବ୍ୟ-ଦର୍ଶନର ବିଷୟ ଉଲ୍ଲେଖ ଅଛି । ବହୁ ଗଭୀର ତତ୍ତ୍ୱ ଓ ସତ୍ୟର ଅନୁଭୂତି ବହୁ ଦିଗରୁ ସାକ୍ଷାତ୍କାର କରାଯାଇଛି । ଋଷିଗଣ ଦ୍ରଷ୍ଟା ଥିଲେ, ସେମାନେ ଦୃଶ୍ୟମାନ ବସ୍ତୁର ଅନ୍ତରାଳସ୍ଥ ପରମ ରହସ୍ୟକୁ ଉଦ୍‌ଘାଟନ କରି ପାରିଥିଲେ । ବିଶ୍ୱସୃଷ୍ଟି ପଶ୍ଚାତରେ ନିହିତ ନିଗୂଢ଼ ସତ୍ୟ ସେମାନେ ଆବିଷ୍କାର କରିଥିଲେ । ବେଦାନ୍ତ ଦର୍ଶନରେ ଆଧ୍ୟାତ୍ମିକତାର ଅର୍ଥ ହେଲା ଏହିପରି : ଏହି ପରିଦୃଶ୍ୟମାନ ଜଗତର ଅନ୍ତରାଳରେ (୧) ଏକ ପରମ ସଦ୍‌ବସ୍ତୁ (୨) ଏକ ମହତୀ ଚିତ୍-ତପସ୍ ବା ଦିବ୍ୟ ଶକ୍ତି ଏବଂ (୩) ଏକ ଅକ୍ଷୟ ଅବିନାଶୀ ଆନନ୍ଦ ନିହିତ ଅଛି । ଏହାହିଁ ହେଲେ 'ସଚ୍ଚିଦାନନ୍ଦ' । ଏହି ସଦ୍‌ବସ୍ତୁ, ପରମାଶକ୍ତି ଓ ଅଖଣ୍ଡ ଆନନ୍ଦହିଁ ସୃଷ୍ଟିର ପରିଚାଳକ, ନିୟାମକ ଓ ବିଧାୟକ । ଏହାଙ୍କର ନିର୍ଦ୍ଦେଶ ଓ ଚାଳନାହିଁ ବିଶ୍ୱର ଚାଳନା ଓ ନିର୍ଦ୍ଦେଶ । ଆତ୍ମ ଜୀବନର ଲକ୍ଷ୍ୟ ହେଲା ଏହି ପରମତତ୍ତ୍ୱ ଓ ପରମସତ୍ୟକୁ ପ୍ରାପ୍ତ ହେବା ଏବଂ ଜୀବନକୁ ସାର୍ଥକ ଓ ସଫଳ କରିବା । ଏହି ସତ୍ୟର ସାକ୍ଷାତ୍କାର ବା ତତ୍ତ୍ୱ ଦର୍ଶନହିଁ ମୁକ୍ତି ବା ମୋକ୍ଷ ନାମରେ ଅଭିହିତ ହୋଇଛି । ଏହି ଆଧ୍ୟାତ୍ମିକ ସାଧନାର ଧାରା ନାନା ଭାବରେ, ଅସଂଖ୍ୟ ଧାରାରେ ଭାରତୀୟ ଚିନ୍ତା ମଧ୍ୟରେ ପ୍ରବେଶ କରିଛି । ତେବେ ଏହି ପ୍ରାଚୀନ, ଆଧ୍ୟାତ୍ମିକ ସାଧନା, ସିଦ୍ଧି ଓ ଉପଲବ୍ଧିର ଲକ୍ଷ୍ୟ କ'ଣ ଥିଲା ଏବଂ ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ କ'ଣ ଏବଂ ଶେଷୋକ୍ତ ସାଧନାରେ ନୂତନତ୍ୱ କ'ଣ — ଏହି ବିଷୟରେ, ଏହି ପ୍ରବନ୍ଧରେ ସଂକ୍ଷେପରେ ଆଲୋଚନା କରିବା ।

ସକଳ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ଲକ୍ଷ୍ୟ ଅତୀତରେ ଥିଲା ମୁକ୍ତି ବା ନିର୍ବାଣ । ବହୁ ଭାବରେ ଏହି ବିଷୟ ବ୍ୟାଖ୍ୟାତ ହୋଇଛି । ଆମ୍ଭେମାନେ ଭାରତର ସକଳ ଆଧ୍ୟାତ୍ମିକ ସାଧନାର ଧାରାକୁ ମୁଖ୍ୟତଃ ଦୁଇଟି ପ୍ରଧାନ ଭାଗରେ ବିଭକ୍ତ କରିପାରିବା । ଗୋଟିଏ ହେଲା ନିରାକାର, ନିର୍ବିଶେଷ, ନିରଞ୍ଜନ ବ୍ରହ୍ମଙ୍କର

ଉପଲବ୍ଧି; ସଂସାର, କର୍ମ ଓ ଜୀବନରୁ ପଳାୟନ ଏବଂ ସେହି ନିର୍ବିଶେଷ ତତ୍ତ୍ୱରେ ବିଲୟ । ଏହି ଧାରାର ପଥ ପ୍ରଦର୍ଶକ ହେଲେ ବୁଦ୍ଧ ଓ ଶଙ୍କର । ବୁଦ୍ଧଙ୍କର ନିର୍ବାଣ ସିଦ୍ଧି ଓ ଉପଲବ୍ଧିରେ ବ୍ୟକ୍ତି ସତ୍ତା ଓ ସଂସାରରୁ ପଳାୟନ ଏବଂ ମହାଶୂନ୍ୟରେ ବିଲୁପ୍ତି । ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ସିଦ୍ଧିରେ ମଧ୍ୟ ସେହି ପରାତ୍ପର, ଅକ୍ଷୟ, ଅବ୍ୟୟ, ଶାଶ୍ୱତ, ନିରଞ୍ଜନ ବ୍ରହ୍ମରେ ବିଲୀନ ହୋଇଯିବା । ବୁଦ୍ଧଦେବ ସଂସାରର ପ୍ରହେଳିକାକୁ ଦୁଃଖର ଭୂମି ବୋଲି ବର୍ଣ୍ଣନା କରିଛନ୍ତି, ଶଙ୍କର ଏହାକୁ ମାୟା ବୋଲି ବର୍ଜନ କରିଛନ୍ତି । ଫଳାଫଳ ହୋଇଛି ଏକ – ଉଭୟେ ସଂସାର କ୍ଷେତ୍ରରୁ ପଳାୟନ କରିଛନ୍ତି । ଏ ବିଶ୍ୱର ମୂଳ ସତ୍ୟ ଉଦ୍‌ଘାଟିତ ହୋଇ ନାହିଁ । ଦୁଃଖ, ଅନ୍ଧକାର, ମୃତ୍ୟୁ ଓ ଶୋକ ମଧ୍ୟରେ ପୃଥିବୀ ରହି ଯାଇଛି । ଅନ୍ୟ ପକ୍ଷରେ ଯେଉଁମାନେ ନିର୍ବାଣ ବା ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଛନ୍ତି ସେମାନେ ଦୁଃଖ, କଷ୍ଟ ଓ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇଛନ୍ତି । ଏହାହିଁ ପ୍ରାଚୀନ ଆଧ୍ୟାତ୍ମିକ ସାଧନାର ଗୋଟିଏ ଧାରା ।

ଅନ୍ୟ ଗୋଟିଏ ମୁଖ୍ୟ ଆଧ୍ୟାତ୍ମିକ ଧାରା ହେଲା ବୈଷ୍ଣବମାନଙ୍କର ଓ ତାନ୍ତ୍ରିକମାନଙ୍କର । ବୈଷ୍ଣବମାନେ, ଦ୍ୱୈତବାଦୀମାନେ, ବିଶିଷ୍ଟାଦ୍ୱୈତ୍ୱବାଦୀମାନେ ଏ ସଂସାର ଜୀବନ ଓ ବିଶ୍ୱକୁ ଭଗବାନଙ୍କର ଲୀଳା ବୋଲି ସ୍ୱୀକାର କରିଛନ୍ତି ଏବଂ ଏଠାରେ ସେହି ପରାତ୍ପର ଦିବ୍ୟତତ୍ତ୍ୱ ପ୍ରକାଶିତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି ଏବଂ ସମଗ୍ର ବିଶ୍ୱ ମଧ୍ୟରେ ସେହିଁ ବିଦ୍ୟମାନ; କିନ୍ତୁ ଏହି ଇହ ସଂସାରରେ ନୁହେଁ, ଏହି ଜୀବନରେ ନୁହେଁ ବରଂ ବୈକୁଣ୍ଠରେ, ଗୋଲୋକ ବା ସାକେତରେ ବ୍ୟକ୍ତିର ମୁକ୍ତି ସମ୍ଭବ ଏବଂ ଭଗବାନଙ୍କ ସହ ପୂର୍ଣ୍ଣ ବା ନିତ୍ୟ ଲୀଳା ସମ୍ଭବ । ଏହି ମୁକ୍ତିର ନାମ ସାଲୋକ୍ୟ ବା ସାମୀପ୍ୟ । ଅତଏବ ଏହି ଜୀବନର ସ୍ଥୂଳ ପରିଧି ମଧ୍ୟରେ ଭଗବାନଙ୍କୁ ପରିସ୍ଫୁଟ କରିବା ସମ୍ଭବ ନୁହେଁ । ତାନ୍ତ୍ରିକଗଣ ଭଗବାନଙ୍କର ଶକ୍ତିର ରୂପକୁ ଗ୍ରହଣ କରି ପ୍ରେମର ଦିଗକୁ ଗୌଣ କରି ଦେଇଛନ୍ତି । ଏହି ମହାଶକ୍ତିଙ୍କର ବା ଆଦ୍ୟାଶକ୍ତିଙ୍କର ସାମର୍ଥ୍ୟ ବଳରେ ପୃଥିବୀରେ କର୍ତ୍ତୃତ୍ୱ ସ୍ଥାପନାର ବିଷୟ କଳ୍ପନା କରିଛନ୍ତି । ଅନ୍ଧକାର ଓ ଅବିଦ୍ୟାର ଉପରେ ବିଜୟ ହାସଲ କରିଛନ୍ତି କିନ୍ତୁ ଏଠାରେ ମଧ୍ୟ ସେହି ପରମା ଦିବ୍ୟଶକ୍ତିଙ୍କଠାରେ ଲୀନ ହୋଇଯିବା ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ବୋଲି ନିର୍ଦ୍ଧାରିତ ହୋଇଛି । ଏହି ସଂସାରରେ ଭାଗବତୀ ଶକ୍ତିର ବିଜୟ କଥା ତନ୍ତ୍ର ଉଲ୍ଲେଖ କରିଛି, ମାତ୍ର କାର୍ଯ୍ୟତଃ ଏହି ଅଦିବ୍ୟ ସଂସାରକୁ ଛାଡ଼ି ଦେଇଛି । ବୈଷ୍ଣବଗଣ ଭଗବାନଙ୍କର ଲୀଳା, ପ୍ରେମ, ଆନନ୍ଦ, ଭାବ ଓ ରସର ଦିଗକୁ ନେଉଛନ୍ତି; କିନ୍ତୁ ଶକ୍ତି, ତେଜ, ସାମର୍ଥ୍ୟ, ବଳ ଓ ବୀର୍ଯ୍ୟର ଦିଗକୁ ଛାଡ଼ି ଦେଇଛନ୍ତି । ତାନ୍ତ୍ରିକଗଣ ଭଗବାନଙ୍କର ଶକ୍ତି, ବଳ, ତେଜ ଓ ସାମର୍ଥ୍ୟର ଦିଗକୁ ନେଇଛନ୍ତି; କ୍ରିୟାତ୍ମିକା ଶକ୍ତିର ପ୍ରକାଶକୁ ଗ୍ରହଣ କରିଛନ୍ତି; ମାତ୍ର ପ୍ରେମ, ଲୀଳା, ଆନନ୍ଦ ଓ ଆବେଶର ଦିଗକୁ ଛାଡ଼ି ଦେଇଛନ୍ତି । କିନ୍ତୁ ଭଗବାନ୍ ଅନନ୍ତ ଗୁଣସମ୍ପନ୍ନ; – ସେ ଏକାଧାରରେ ଯେପରି ପରମ-ଆନନ୍ଦ, ପରମପ୍ରେମ, ସେହିପରି ପରମାଶକ୍ତି, ଅମିତବୀର୍ଯ୍ୟ ଓ ସାମର୍ଥ୍ୟବାନ୍ । କିନ୍ତୁ ଉଭୟ ବୈଷ୍ଣବ ଓ ତାନ୍ତ୍ରିକଗଣ ବ୍ରହ୍ମର ସାକାର ଓ ସକ୍ରିୟ ଦିଗକୁ ନେଇଥିଲେ ମଧ୍ୟ ସଂସାର ଜୀବନରୁ ମୁକ୍ତିକୁ ସାରକଥା ବୋଲି ସାବ୍ୟସ୍ତ କରିଛନ୍ତି । ବୌଦ୍ଧ ଓ ଅଦ୍ୱୈତବାଦୀଗଣ ବ୍ରହ୍ମର ନିଷ୍କ୍ରିୟ ଓ ନିରାକାର ଦିଗକୁ ଗ୍ରହଣ କରି ସେହି ମୁକ୍ତି ବା ନିର୍ବାଣହିଁ ଶେଷ କଥା ବୋଲି ପ୍ରତିପାଦିତ କରିଛନ୍ତି । ଅବଶ୍ୟ ଏହି ମୁକ୍ତିର ଗୁଣ ଧର୍ମରେ ପ୍ରଚୁର ପାର୍ଥକ୍ୟ ଓ ବିଭେଦ ରହିଛି ।

ତେବେ, ସର୍ବତ୍ର ଏକଥା ସ୍ପଷ୍ଟ ହୋଇ ଉଠିବ ଯେ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ଲକ୍ଷ୍ୟ ହେଲା ଏହି ଅନ୍ଧକାରମୟ, ପ୍ରପଞ୍ଚ ସଂସାର ମଧ୍ୟରୁ ବିଦାୟ ନେଇ ଭଗବାନଙ୍କଠାରେ ମିଳିତ ହେବା । ତଦ୍ୱାରାହିଁ ଜୀବନର ସାର୍ଥକତା । ଅବଶ୍ୟ ଭଗବଦ୍ ଗୀତାରେ ସଂସାର ଜୀବନରେ ରହି ମଧ୍ୟ ଭାଗବତ ସଙ୍କଳ୍ପ ଦ୍ୱାରା ପରିଚାଳିତ ହୋଇ, କର୍ମ ସମ୍ପାଦନ କରି ମୁକ୍ତି ସମ୍ଭବ ହୋଇଛି, ମାତ୍ର ଇହ ଜୀବନରେ ଭାଗବତ ରାଜ୍ୟ ପ୍ରତିଷ୍ଠିତ ହୋଇ ନାହିଁ । ଗୀତା ପୁରୁଷୋତ୍ତମ ତତ୍ତ୍ୱ ଉପରେ ଜୋର୍ ଦେଇଛି, କର୍ମରେ ସମର୍ପଣ, କର୍ମ ମଧ୍ୟରେ ମୁକ୍ତିର ବିଷୟ ବର୍ଣ୍ଣନା କରିଛି, ମାତ୍ର ପରାତ୍ପରା ଦିବ୍ୟଶକ୍ତି ଦ୍ୱାରା ସଂସାର ଓ ଜୀବନର ରୂପାନ୍ତର କଥା ଉଲ୍ଲେଖ କରି ନାହିଁ । ସେ ଯାହାହେଉ ଏହି ସକଳ ଆଧ୍ୟାତ୍ମିକ ଧାରାକୁ ଆମ୍ଭେମାନେ ସ୍ଥିତିଶୀଳ (Static) ଆଧ୍ୟାତ୍ମିକତା ବୋଲି ନାମ ଦେଇପାରୁ । ଏହାଠାରୁ ଭିନ୍ନ ଅନ୍ୟ ଏକ ଅଧ୍ୟାତ୍ମବାଦ ଅଛି ଯାହାକୁ ଆମ୍ଭେମାନେ ଗତିଶୀଳ (Dynamic) ଆଧ୍ୟାତ୍ମିକତା ବୋଲି କହିପାରୁ । ଏହି ଶେଷୋକ୍ତ ଧାରାହିଁ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ-ଧାରା ।

ଏକଥା ହୁଏତ ସମସ୍ତଙ୍କୁ ଜଣା ଯେ ଶ୍ରୀଅରବିନ୍ଦ ପଣ୍ଡିଚେରୀକୁ ୧୯୧୦ ମସିହାରେ ଆସିବା ପୂର୍ବରୁ ଭାରତର ପାରମ୍ପରିକ ସାଧନାର ଯେଉଁ ଦୁଇଟି ମହାନ୍ ସିଦ୍ଧି ଓ ଉପଲବ୍ଧି ତାହା ସେ ପ୍ରାପ୍ତ କରି ସାରିଥିଲେ । ୧୯୦୪ ମସିହାରେ ସେ

ବରୋଦାରେ ଥିବା ସମୟରେ ବୁଦ୍ଧଙ୍କର ନିର୍ବାଣର ସିଦ୍ଧି ବା ଶଙ୍କରଙ୍କର ନିର୍ବିଶେଷ, ନିରାକାର, ନିରଞ୍ଜନ ବ୍ରହ୍ମଙ୍କର ସିଦ୍ଧିଲାଭ କରିଥିଲେ । ଏହାଛଡ଼ା ପଣ୍ଡିଚେରୀକୁ ଆସିବା ପୂର୍ବରୁ ତାଙ୍କର ବହୁ ଆଧାତ୍ମିକ ଉପଲବ୍ଧି ହୋଇଥିଲା । ଅତଏବ ଶ୍ରୀଅରବିନ୍ଦ ଯେତେବେଳେ ପଣ୍ଡିଚେରୀରେ ଗଭୀର ଅଧାତ୍ମ ସାଧନାରେ ରତ ହେଲେ ସେ ସେହି ପ୍ରାଚୀନ ଉପଲବ୍ଧି ଓ ସିଦ୍ଧିକୁ ଅପେକ୍ଷା କରି ନଥିଲେ । ପୂର୍ବରୁ ସେ ସେହିସବୁ ସିଦ୍ଧିକୁ ହାସଲ କରି ତାହାର ଉର୍ଦ୍ଧ୍ୱତନ ଏକ ମହାନ୍ ଦିବ୍ୟ-ଭାଗବତୀ ଶକ୍ତିର ସାକ୍ଷାତ୍କାର କରିବାକୁ ଅଗ୍ରସର ହେଲେ । ସେ ଏହି ଶକ୍ତିର ଅବତରଣ କରାଇ ପୃଥିବୀରେ ଏକ ନୂତନ ସୃଷ୍ଟି ସମ୍ଭବ କରାଇବେ ବୋଲି ନିଶ୍ଚିତ ଭାବେ ଘୋଷଣା କରିଛନ୍ତି । ଏହି ଅତିମାନସ ଶକ୍ତି ହେଲା ବେଦୋକ୍ତ 'ଋତ୍-ଚିତ୍' ବା ଉପନିଷଦ୍‌ରେ କଥିତ ବିଜ୍ଞାନ-ଭୂମି । ଏହାହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି, ପୂର୍ଣ୍ଣ-ଆନନ୍ଦର ଭୂମି । ଏଠାରେ 'ଏକ' ସଙ୍ଗେ 'ବହୁ'ର ମିଳନ ଘଟେ । ସାକାର ଓ ନିରାକାର ଉଭୟ ତତ୍ତ୍ୱକୁ ଏକ ସଙ୍ଗେ ଉପଲବ୍ଧି କରି ହୁଏ । ଏହି ସତ୍ୟର ପ୍ରତିଷ୍ଠା ଫଳରେ ପୃଥିବୀ ଓ ଭଗବାନଙ୍କ ମଧ୍ୟରେ ସେତୁ ନିର୍ମିତ ହୁଏ ଏବଂ ପୃଥିବୀରେ ଦିବ୍ୟ ରୂପାନ୍ତରକାରିଣୀ ଶକ୍ତି କ୍ରିୟାଶୀଳ ହୁଏ । ଏହା ଦ୍ୱାରା ବ୍ୟକ୍ତି ଓ ସମଷ୍ଟି ଉଭୟର ରୂପାନ୍ତର ସାଧିତ ହୁଏ । ଯେପରି ମାନସଶକ୍ତିର ପ୍ରତିଷ୍ଠା ଫଳରେ ମାନବଜାତିର ଉଦ୍‌ଭବ ହେଲା, ସେହିପରି ଅତିମାନସ ଶକ୍ତିର ଅବତରଣ ଫଳରେ ଅତିମାନବ ଜାତିର ପ୍ରତିଷ୍ଠା ହେବ । ସୁତରାଂ ଅତିମାନସ ତତ୍ତ୍ୱରେ ସକଳ ଆଧାତ୍ମିକ ସତ୍ୟର ଯଥାର୍ଥତା ପ୍ରାପ୍ତି ଓ ତାହା ସଙ୍ଗେ ସଙ୍ଗେ ତାହାର ଉର୍ଦ୍ଧ୍ୱଗମନ ହେବ ।

ଶ୍ରୀଅରବିନ୍ଦ ତାଙ୍କର ସାଧନାର ବୈଶିଷ୍ଟ୍ୟ ଓ ନୂତନତ୍ୱ କ'ଣ ସେ ସମ୍ବନ୍ଧରେ ନିଜେ ଉଲ୍ଲେଖ କରି କହୁଛନ୍ତି –

(୧) ପୁରାତନ ଯୋଗଗୁଡ଼ିକ ତୁଳନାରେ ଏହି ଯୋଗ ନୂତନ, କାରଣ ଏହା ଜୀବନ ବା ସଂସାର ପରିତ୍ୟାଗ କରି କୌଣସି ସ୍ୱର୍ଗ ବା ନିର୍ବାଣ ମଧ୍ୟକୁ ଚାଲିଯିବାକୁ ଚାହେଁ ନାହିଁ । ଏହା ଚାହେଁ ଜୀବନ ଓ ଅସ୍ତିତ୍ୱର ପରିବର୍ତ୍ତନ । କୌଣସି ଆନୁଷଙ୍ଗିକ ଲକ୍ଷ୍ୟ ରୂପେ ନୁହେଁ ବରଂ ତାହାହିଁ ହେଉଛି ଏହାର ସ୍ପଷ୍ଟ ଓ ପ୍ରଧାନ ଲକ୍ଷ୍ୟ । ପୁରାତନ ଯୋଗରେ ଆରୋହଣ ଶେଷ କଥା କିନ୍ତୁ ଏହି ଯୋଗରେ ଏହା ଏକ ସୋପାନ ଏବଂ ଅବତରଣ ପାଇଁ ଏହା ଏକ ଉପାୟ । ଆରୋହଣ ଦ୍ୱାରା କରାଯାଇଥିବା ନୂତନ ଚେତନାର ଅବତରଣହିଁ ହେଉଛି ଏହି ସାଧନାର ଚିହ୍ନ – ସିଲ୍ ମୋହର ।

(୨) ଏହି ଯୋଗରେ ନୂତନ କାରଣ ଭାବେ ଯେଉଁ ଲକ୍ଷ୍ୟ ଗ୍ରହଣ କରାଯାଇଛି ତାହା କେବଳ ବ୍ୟକ୍ତିଗତ ସିଦ୍ଧି ନୁହେଁ ବରଂ ଏହି ସିଦ୍ଧି ସମଗ୍ର ପୃଥିବୀ ଚେତନା ପାଇଁ । ତେଣୁ ଜଗତର ଉର୍ଦ୍ଧ୍ୱରେ କେବଳ ଅତିଲୌକିକ ସିଦ୍ଧି ନୁହେଁ, ଇହଲୋକରେ ଜାଗତିକ ସିଦ୍ଧି ହେଉଛି ଏହାର ଲକ୍ଷ୍ୟ ।

(୩) ଏହାର ଲକ୍ଷ୍ୟ ଯେପରି ଭିନ୍ନ, ଏହି ଯୋଗର ପଦ୍ଧତି ମଧ୍ୟ ଭିନ୍ନ । ଏହାର ଲକ୍ଷ୍ୟ ତୁଲ୍ୟ ପଦ୍ଧତି ମଧ୍ୟ ସାମଗ୍ରିକ ଏବଂ ସର୍ବାଙ୍ଗୀନ । ଏଥିରେ ପୁରାତନ ପଦ୍ଧତି ଆଂଶିକ ସହାୟକ ହୋଇପାରେ । ଏହି ଆଧାତ୍ମିକ ସାଧନା ଏକ ଦୁଃସାହସିକ ଅଭିଯାନ । ଏହା ଚାଲେ ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ ଦ୍ୱାରା; କୌଣସି ପାରମ୍ପରିକ ରୀତି, ନୀତି ବା ଶିକ୍ଷା ଦ୍ୱାରା ନୁହେଁ । ଏହାଛଡ଼ା ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି ଯେ ଏଠାରେ ଯେଉଁ ରୂପାନ୍ତର ସଂଘଟିତ ହେବ ତାହା ଗୋଟାଏ ସଂସ୍କାର ବା ଶୁଦ୍ଧିକରଣ ନୁହେଁ – ଏହା ଏକ ମୂଳଗତ ପରିବର୍ତ୍ତନ । ନୂତନ ସତ୍ୟ-ଚେତନାର ଭୂମିରେ ଏହି ରୂପାନ୍ତର ସଂଘଟିତ ହେବ ।

ଏହି ଅତିମାନସ ସତ୍ୟ, ତାହାର ଅବତରଣ ଓ ଧରାପୃଷ୍ଠରେ ତାହାର କ୍ରିୟା ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏକେବାରେ ସ୍ପଷ୍ଟ ଥିଲେ ଏବଂ ଏହି ସତ୍ୟ ତାଙ୍କର ବ୍ୟକ୍ତିଗତ ଶରୀରରେ ୧୯୫୦ ମସିହାରେ ଅବତରଣ କଲା । ୧୯୫୬ ସାଲରେ ଏହି ସତ୍ୟ ସାର୍ବଜନୀନ କ୍ଷେତ୍ରରେ ପୃଥିବୀରେ ବ୍ୟକ୍ତ ହେଲା ବୋଲି ଶ୍ରୀମା ଘୋଷଣା କଲେ ଏବଂ ଧୀରେ ଧୀରେ ସମସ୍ତ ପୃଥିବୀରେ ଏହାର ପ୍ରଭାବ ଅନୁଭୂତ ହେବାକୁ ଆରମ୍ଭ କରିଛି । ଶ୍ରୀଅରବିନ୍ଦ ଆଧାତ୍ମିକ ପରମ୍ପରା ଓ ସିଦ୍ଧିର ବହୁ ଉର୍ଦ୍ଧ୍ୱକୁ ଉଠି ଏକ ଅନାଗତ ଭବିଷ୍ୟତର ପଥ ପ୍ରଦର୍ଶକ ଓ ନୂତନ ଜଗତର ସ୍ରଷ୍ଟା ହୋଇଛନ୍ତି । ତାଙ୍କର ନୂତନ ସତ୍ୟ ଓ ଚେତନା ଯେ ଅଧିକ ବଳବତ୍ତର ହେବ ଏବଂ ପୃଥିବୀରେ ଅଭୂତପୂର୍ବ ପରିବର୍ତ୍ତନ ଘଟାଇବ ଏଥିରେ ସନ୍ଦେହ ନାହିଁ ।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୩)

**ମହେନ୍ଦ୍ରନାଥ ସ୍ୱାଇଁ**

**ସୂକ୍ଷ୍ମ ଅନୁଭୂତି :**

ଜାନୁଆରୀ ୩୧, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି – "EVERY morning may our thought rise fervently towards Thee, asking Thee how we can manifest and serve Thee best. At every moment in the manifold choices which we can make and which, despite their apparent insignificance, are always of great importance – since according to our decision we become subject to one category of determinisms or another – at every moment may our attitude be such that Thy divine Will may determine our choice and that thus it may be Thou who directest our entire life. According to the consciousness in which we are when taking a decision, we become subject to the determinism of the order of realities in which we are conscious; whence the consequences, often unforeseen and troublesome, that are contradictory to the general orientation of one's life and form obstacles which are sometimes terrible to overcome later. Therefore, O Lord, Divine Master of love, we want to be conscious of Thee and Thee alone, be identified with Thy supreme law each time we take a decision, each time we choose, so that it may be Thy Will which moves us, and that our life be thus effectively and integrally consecrated to Thee. In Thy Light we shall see, in Thy Knowledge we shall know, in Thy Will we shall realise."

(Prayers and Meditations, Page. 62)

''ପ୍ରତ୍ୟେକ ପ୍ରଭାତରେ ଆମ୍ଭମାନଙ୍କର ଚିନ୍ତା ଦୃଢ଼ ଭାବରେ ତୁମ ଆଡ଼କୁ ଉଠିଚାଲୁ, ତୁମକୁ ପ୍ରଶ୍ନ କରୁ ଯେ ଆମେ କିପରି ସର୍ବୋତ୍ତମ ଭାବରେ ତୁମକୁ ପ୍ରକାଶିତ କରିପାରିବୁ ଏବଂ ସେବା କରିପାରିବୁ । ପ୍ରତି ମୁହୂର୍ତ୍ତରେ ବହୁବିଧ ଚୟନ ମଧ୍ୟରୁ ଯେଉଁସବୁକୁ ଆମେ ଗ୍ରହଣ କରିପାରୁ ଏବଂ ଯେଉଁସବୁକୁ ଦେଖିଲେ ମନେହେବ ଯେପରି ସେସବୁର କାହାରି କିଛି ବିଶେଷତ୍ୱ ନାହିଁ (insignificant), କିନ୍ତୁ ବସ୍ତୁତଃ ସେଗୁଡ଼ିକର ମୂଲ୍ୟ ଅନେକ – ଯେହେତୁ ଆମ ନିଜ ସିଦ୍ଧାନ୍ତ ଅନୁସାରେ ଆମେ ଏକ ବା ଏକାଧିକ ପ୍ରକାରର ଦୃଢ଼ ନିଶ୍ଚୟତାରେ ଉପନୀତ ହୋଇଥାଉ – ପ୍ରତି ମୁହୂର୍ତ୍ତରେ ଆମର ମନୋଭାବ ଏହିପରି ହୋଇଉଠୁ ଯେ ଫଳତଃ ତୁମର ଦିବ୍ୟ-ଇଚ୍ଛା ଆମର ବାଛବିଚାର ବା ଚୟନକୁ ସ୍ଥିର କରି ଦେଉ, ନିର୍ଦ୍ଧାରଣ କରି ଦେଉ ଏବଂ ତୁମେ ଆମର ସମଗ୍ର ଜୀବନକୁ ପରିଚାଳନା କର । ଚେତନା ଅନୁସାରେ ଆମେ ଯେଉଁ ସ୍ଥାନରେ ରହି ଯେତେବେଳେ ଏକ ନିଷ୍ପତ୍ତି ଗ୍ରହଣ କରିଥାଉ ସେତେବେଳେ ଆମେ ବାସ୍ତବ ଶୃଙ୍ଖଳାର ନିର୍ଦ୍ଧାରଣ ନିମନ୍ତେ ବିଷୟବସ୍ତୁଟିଏ ହୋଇ ଉଠିଥାଉ ଯେଉଁଥିରେ ଆମେ ସଚେତନ ହୋଇ ଉଠିଥାଉ; ଯେତେବେଳେ ଏହି ପରିଣାମସକଳ, ଅଧିକାଂଶ ଅପ୍ରତ୍ୟାଶିତ ଏବଂ ଅସୁବିଧାଜନକ, ସେଗୁଡ଼ିକ ବ୍ୟକ୍ତି ଜୀବନର ସାଧାରଣ କାର୍ଯ୍ୟକଳାପରେ ବିରୋଧାଚରଣ କରି ଥାଆନ୍ତି ଏବଂ ପ୍ରତିବନ୍ଧକମାନ ସୃଷ୍ଟି କରିଥା'ନ୍ତି, ବେଳେ ବେଳେ ପରବର୍ତ୍ତୀ ସମୟରେ ସେସବୁକୁ ଅତିକ୍ରମ କରିବା ଅତ୍ୟନ୍ତ କଠିନ ଓ ଭୟଙ୍କର ହୋଇଥାଏ । ସେଥିପାଇଁ, ହେ ପ୍ରଭୁ ! ପ୍ରେମର ଦିବ୍ୟଗୁରୁ, ଆମେ ତୁମ ସମ୍ପର୍କରେ ସଚେତନ ହେବାକୁ ଇଚ୍ଛା କରୁଛୁ ଏବଂ କେବଳ ମାତ୍ର ତୁମ ସମ୍ପର୍କରେ ପ୍ରତ୍ୟେକ ଥର ଏକ ନିଷ୍ପତ୍ତି ନେବା ସମୟରେ, ପ୍ରତ୍ୟେକ ଥର କିଛି ନିର୍ବାଚନ

ବା ଚୟନ କରିବା ସମୟରେ ଆମେ ଯେପରି ତୁମର ସର୍ବୋତ୍ତମ ବିଧାନ ସହିତ ଏକାକାର ହୋଇଯାଉ, ଫଳତଃ ତୁମ ଦିବ୍ୟ-ଇଚ୍ଛା ଆମକୁ ଗତିଶୀଳ କରାଉ ଏବଂ ସେଥିପାଇଁ ଆମ ଜୀବନ ସକ୍ରିୟ ଭାବରେ ଏବଂ ପରିପୂର୍ଣ୍ଣ ଭାବରେ ତୁମ ପ୍ରତି ନିବେଦିତ ହୋଇଯାଉ ।

''ତୁମର ଦିବ୍ୟ ଆଲୋକରେ ଆମେ ସବୁକିଛି ଦେଖିପାରିବୁ, ତୁମ ଦିବ୍ୟ-ଜ୍ଞାନ ଦ୍ୱାରା ସବୁକିଛି ଜାଣିପାରିବୁ, ତୁମର ଦିବ୍ୟ-ଇଚ୍ଛାଶକ୍ତି ଦ୍ୱାରା ଆମେ ସବୁକିଛି ଅନୁଭବ କରିପାରିବୁ ।''

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଏକ ସୁଯୋଗ, ଏକ ଉନ୍ମୋଚନ, ଏକ ପରୀକ୍ଷା ଏବଂ ସମ୍ଭାବନା । ଜୀବନର ପ୍ରତ୍ୟେକ ପଦକ୍ଷେପରେ ଆମକୁ ଏକ ନିଷ୍ପତ୍ତି ନେବାକୁ ହୋଇଥାଏ ଏବଂ ଏକ ଚୟନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଜୀବନର ଆବଶ୍ୟକତା ପାଇଁ ଅନେକ ଜିନିଷ ଭିତରୁ ଗୋଟିଏକୁ ବାଛିବାକୁ ହୋଇଥାଏ । କୌଣସି ଜିନିଷ କିଂବା ଘଟଣା ତୁଚ୍ଛ ମନେ ହୋଇପାରେ କିନ୍ତୁ ତାହା ତୁଚ୍ଛ ନୁହେଁ । ଗୋଟିଏ ଛୋଟ କଥା, ଛୋଟ ଘଟଣା ମଧ୍ୟ ଆମର ନିୟତିର ପଥକୁ ନିୟନ୍ତ୍ରିତ କରି ଦେଇପାରେ । ଏକ ଅତି ସାଧାରଣ ଏବଂ କ୍ଷଣିକ ନିଷ୍ପତ୍ତି ଯାହାକୁ ଯଥେଷ୍ଟ ଚିନ୍ତା ନକରି ନିଆ ଯାଇଥାଏ ତାହା ଆମ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଏକ ବ୍ୟତିକ୍ରମ ସୃଷ୍ଟି କରିପାରେ ।

ଉଦାହରଣ ସ୍ୱରୂପ ଏକ ଦମ୍ପତି ବଜାରରେ କିଣାକିଣି କରି ସାରି ଘରକୁ ଫେରିଲେ ଏବଂ ଘରେ ବିଶ୍ରାମ ନ ନେଇ ପୁଣି ଜଣେ ସାଙ୍ଗ ଘରକୁ ବୁଲିବାକୁ ଯିବା ପାଇଁ ସ୍ଥିର କଲେ । ବାଟରେ ସେମାନେ ଏକ ଦୁର୍ଘଟଣାର ସମ୍ମୁଖୀନ ହେଲେ ଏବଂ ବହୁଦିନ ଧରି ଯନ୍ତ୍ରଣା ଭୋଗିଲେ । ଏହି ଜଗତରେ ଘଟୁଥିବା ଦୁର୍ଭାଗ୍ୟଜନକ, ସମ୍ବେଦନଶୀଳ ଘଟଣାସବୁ ଘଟୁଛି ଆମର ଗୁରୁତ୍ୱହୀନ ମନୋଭାବ ତଥା ପ୍ରାଣଶକ୍ତି ଦ୍ୱାରା ଅତ୍ୟଧିକ ପରିଚାଳିତ ହେବାର ପରିଣାମ ସ୍ୱରୂପ; ସେଗୁଡ଼ିକ ହେଲା ଏକ ଭାବବିହ୍ୱଳ ନରମ ଦୃଷ୍ଟି ବା କଟାକ୍ଷ, ଏକ ଉତ୍ତେଜନା ପ୍ରଦାନକାରୀ ସ୍ପର୍ଶ, ଏକ ମିଠା ଛଳନାପୂର୍ଣ୍ଣ କଥା ଅଥବା ପ୍ରଶଂସାଗୁଡ଼ିକ ହେଉଛନ୍ତି ଜୀବନରେ ବିପଥଗାମୀ ହେବା ନିମନ୍ତେ ଯଥେଷ୍ଟ ।

ଥରେ ଜଣେ ଯୁବକ ଆଗପଛ କିଛି ଚିନ୍ତା ନକରି କଲେଜ ଲାଇବ୍ରେରିର ବହି ଥାକରୁ ଖଣ୍ଡିଏ ବହି ଟାଣି ଆଣିଲେ; ସେହି ବହିରେ କାମ-ଉତ୍ତେଜନାପୂର୍ଣ୍ଣ ଛବିସବୁ ରହିଥିଲା ଏବଂ ବିଷୟବସ୍ତୁ ମଧ୍ୟ ସେହିପରି ଥିଲା । ପୁସ୍ତକଟିକୁ ପାଠ କରି ତାଙ୍କ ଭିତରେ ଭାବପ୍ରବଣତା ଏବଂ ଉତ୍ତେଜନା ସୃଷ୍ଟି ହେଲା; ସେହି ଉତ୍ତେଜନାରୁ ସେ ନିଜକୁ ସୁରକ୍ଷିତ କରି ରଖି ପାରିଲେ ନାହିଁ; କ୍ରମଶଃ ତାଙ୍କର କଲେଜ ଜୀବନଟି ପ୍ରଭାବିତ ହେବାକୁ ଲାଗିଲା, ଯାହାକିଛି ଶିକ୍ଷାର୍ଜନ କରିଥିଲେ ସବୁକିଛି କ୍ରମେ କ୍ରମେ ନିରର୍ଥକ ହୋଇଗଲା । ଅନ୍ୟ ପକ୍ଷରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରୁଥିବା ଝିଅଟିଏ ଶିକ୍ଷାକେନ୍ଦ୍ରର ପାଠାଗାର ଆଲମିରାରୁ ବହି ଖଣ୍ଡେ ଆଣିଲେ ଏବଂ ଦେଖିଲେ ତାହା ଉପରେ ଲେଖା ହୋଇଛି "Prayers and Meditations" by The Mother । ପୁସ୍ତକଟିକୁ ସେ ପାଠ କଲେ; କିନ୍ତୁ କିଛି ବୁଝି ପାରିଲେ ନାହିଁ । ତା' ପରଦିନ ଶିକ୍ଷାକେନ୍ଦ୍ରର ବିକ୍ରୟ କେନ୍ଦ୍ରରୁ ସେହି ପୁସ୍ତକଟି କ୍ରୟ କରି ପାଖରେ ରଖିଲେ । ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷା ସମାପ୍ତ କରି ସେ ଯୋଗ ଦେଲେ ବିଶ୍ୱବିଦ୍ୟାଳୟରେ । ଇଂରାଜୀ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ସମ୍ମାନ ପ୍ରାପ୍ତ ହୋଇ ସେ ଶିକ୍ଷା ଶେଷ କଲେ । କିନ୍ତୁ "Prayers and Meditations" ପୁସ୍ତକଟିକୁ କେବେହେଲେ ପାଖରୁ ଛାଡ଼ି ନାହାନ୍ତି । ତାଙ୍କ ଜୀବନ ଯାତ୍ରା ପଥରେ ସେହି ପୁସ୍ତକଟିକୁ ଆଲୋକବର୍ତ୍ତିକା ଭାବରେ ପାଖରେ ରଖିଛନ୍ତି ଏବଂ ଯେତେବେଳେ ତାଙ୍କୁ ଆଗକୁ ବଢ଼ିବାରେ ବାଧାବିଘ୍ନ ଦେଖାଦିଏ, 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକର ଯେକୌଣସି ପୃଷ୍ଠା ଖୋଲି ସେ ପ୍ରାର୍ଥନାଟିକୁ ପାଠ କରନ୍ତି ଏବଂ ପାଠ ଶେଷ ହେଲା ବେଳକୁ ଆଉ ପ୍ରତିବନ୍ଧକ ନଥାଏ, କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଥାଏ । ଏହି ପୁସ୍ତକଟିକୁ ତାଙ୍କ ସାଧନା ପଥର ଆୟୁଧ ଭାବରେ ସେ ଧରି ନେଇଛନ୍ତି । ସେ କହନ୍ତି, ''ଜଣେ ସାଧାରଣ ପାଠକ ନିମନ୍ତେ ଏହା କେବଳ ଏକ ପ୍ରାର୍ଥନା ପୁସ୍ତକ ହୋଇପାରେ କିନ୍ତୁ ମୋ ପାଇଁ ଏହା ଏକ ଦିବ୍ୟ-ପ୍ରେମ-କବିତାଗୁଚ୍ଛ ଯାହାର ସୁବାସ ମୋ ଅନ୍ତର ଭିତରକୁ ସ୍ୱତଃ ପ୍ରବାହିତ ହୋଇ ଆସେ ଏବଂ ମୋତେ ଆନ୍ଦୋଳିତ କରେ ।''

ଦିବ୍ୟଜନନୀ ଶ୍ରୀମା କିପରି ସମସ୍ତଙ୍କର ହୃଦୟର ଭାଷା ବୁଝିପାରନ୍ତି, କିଛି ମାଗିବାର ବହୁ ପୂର୍ବରୁ ସେ ତାହା ହାତରେ ଧରି ଠିଆ ହୋଇ ଅପେକ୍ଷା କରିଥା'ନ୍ତି, ଆମେ ପାଖାପାଖି ହୋଇଗଲେ ତାଙ୍କର ସେହି ଦିବ୍ୟ ଅଭୟ ହସ୍ତଟି ଆମ ମସ୍ତକ ଉପରକୁ ପ୍ରସାରିତ ହୋଇ ଆସେ ଏବଂ ଆମ ସାଧନା ପଥର

ସକଳ ପ୍ରକାର ବାଧାବିପତ୍ତି ତତ୍‌କ୍ଷଣାତ୍ ମିଳାଇ ଯାଇଥାଏ । ଆଶ୍ରମ ପ୍ରତିଷ୍ଠାର ପ୍ରାରମ୍ଭ କାଳରେ ଘଟିଥିବା କେତୋଟି ଘଟଣାକୁ ଆଲୋଚନା କଲେ ତାହା ସ୍ପଷ୍ଟ ହୋଇଯିବ ।

ଦ୍ୟୁମାନ୍ ଭାଇ କହନ୍ତି, ''କେତେକ କର୍ମର ଅତ୍ୟଧିକ ଚାପ ଯୋଗୁଁ ମୋର ସ୍ନାୟୁଗତ ଦୁର୍ବଳତା ଦେଖା ଦେଲା । ଯେତେବେଳେ ମୁଁ ସେଥିରୁ ମୁକ୍ତ ହେଲି, ମା' ମୋ ପାଇଁ ଏକ ଅଦ୍ୱିତୀୟ ଔଷଧ (unique medicine)ର ବ୍ୟବସ୍ଥା କଲେ । ମା' କହିଲେ, 'ଦ୍ୟୁମାନ୍, ତୁମେ ପବିତ୍ରଙ୍କ ପାଖକୁ ଯାଅ, ତାଙ୍କଠାରୁ ତାଙ୍କ ଟୋପିଟିକୁ ଉଧାର ଆଣ ଏବଂ ସେହି ଟୋପିକୁ ତୁମେ ମୁଣ୍ଡରେ ଲଗାଇ ମଧ୍ୟାହ୍ନ ସମୟରେ ଅନ୍ତତଃ ଅଧଘଣ୍ଟାଏ ପାଇଁ ଖରାରେ ବୁଲ ।' ତତ୍ପରେ ମା' ମୋତେ ପଚାରିଲେ, 'ଦ୍ୟୁମାନ୍, ମୁଁ ତୁମକୁ ଯଦି ଗୋଟିଏ ଅଣ୍ଡା ଦିଏ ତୁମେ ଖାଇବଟି ?' ('If I give an egg, will you eat it ?') ମୁଁ ଆଗରୁ କେବେହେଲେ ଅଣ୍ଡା ଖାଇ ନ ଥିଲି । ତଥାପି ଉତ୍ତର ଦେଲି, 'Yes Mother.' । କିନ୍ତୁ ମା' କେବେହେଲେ ମୋତେ ଅଣ୍ଡା ଖାଇବା ପାଇଁ ଦେଇ ନାହାନ୍ତି ।'' ସେ ସମୟରେ ଆଶ୍ରମରେ ଔଷଧ ଖାଇବା ନିମନ୍ତେ ଉତ୍ସାହିତ କରାଯାଉ ନଥିଲା । ଦ୍ୟୁମାନ୍ ଭାଇ କହନ୍ତି, ''ଆମକୁ କୁହାଯାଉଥିଲା ଉଚ୍ଚତର ଶକ୍ତି ଆଡ଼କୁ ନିଜକୁ ଖୋଲି ଧରିବା ପାଇଁ ।'' ("We are asked to open ourselves to higher forces.")

ପୁନଶ୍ଚ ଦ୍ୟୁମାନ୍ ଭାଇ କହନ୍ତି, ''ସେତେବେଳେ ଆମର ଧାରଣା ନଥିଲା ଯେ ଆଶ୍ରମ ଏତେ ବଡ଼ ହୋଇଯିବ, ବର୍ତ୍ତମାନ ଯେପରି ହୋଇଛି ସେହିପରି । ପ୍ରାରମ୍ଭରେ ଆମ୍ଭମାନଙ୍କର ଧାରଣା ଥିଲା ଯେ ଆଶ୍ରମ ଅନ୍ତେବାସୀଙ୍କ ସଂଖ୍ୟା ଅତି କମ୍‌ରେ ବାର ଜଣ କିଂବା ଅତି ବେଶୀରେ ଛତିଶ ଜଣ ହୋଇ ପାରନ୍ତି । ସୁତରାଂ ଛତିଶ ସେଟ୍ ଏନାମେଲ୍ ଡାଇନିଂ ପାତ୍ର ବା ବାସନକୁସନ ଫ୍ରାନ୍ସରୁ ମଗା ଯାଇଥିଲା । ଛତିଶଟି ଛୋଟ ଡାଇନିଂ ଟେବୁଲ (ବର୍ତ୍ତମାନ ଆମେ ଯାହାକୁ ଦେଖୁଛେ ସେହିପରି) ତିଆରି ହେଲା । କିନ୍ତୁ ସଂଖ୍ୟା ସେତିକିରେ ସୀମିତ ରହିଲା ନାହିଁ; ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାହା ବଢ଼ି ଏକଶତ-ନବେରେ ପହଞ୍ଚିଲା ।''

''ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ୧୯୩୯ ମସିହାରେ, ସେତେବେଳେ ଚଳିବା ପାଇଁ ଆମର କିଛି ଅସୁବିଧା ହେଉ ନଥିଲା; କାରଣ ଯଥେଷ୍ଟ କମ୍ ଅର୍ଥରେ ଆମେ ଭଲରେ ଚଳି ଯାଉଥିଲୁ । ଖୁବ୍ କମ୍ ଲୋକ ମଧ୍ୟ ଆଶ୍ରମରେ ଥିଲେ । କିନ୍ତୁ ଯୁଦ୍ଧ ଆରମ୍ଭ ହୋଇଯିବା ମାତ୍ରେ ବହୁ ସଂଖ୍ୟାରେ ଭକ୍ତ ଓ ଅନୁଗାମୀମାନେ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କ ପାଦତଳେ ଆଶ୍ରୟ ନେବାକୁ ପ୍ରାର୍ଥନା କଲେ । ମୁଁ ଖାଦ୍ୟ ବ୍ୟବସ୍ଥାର ଦାୟିତ୍ୱରେ ଥିଲି । ନିର୍ମାଣ କାର୍ଯ୍ୟ ଅପେକ୍ଷା କରି ପାରିବ, ସିମେଣ୍ଟ କାମ ମଧ୍ୟ ଅପେକ୍ଷା କରି ପାରିବ, କିନ୍ତୁ ଖାଦ୍ୟ ବ୍ୟବସ୍ଥାରେ ବିଳମ୍ବ ହେଲେ ଚଳିବ ନାହିଁ । ଦିନେ ମୁଁ ଖୁବ୍ ଚିନ୍ତିତ ଥାଏ, ହାତରେ ଖୁବ୍ କମ୍ ଅର୍ଥ । କିପରି ଚଳାଇବାକୁ ହେବ ? ଏହି କଥା ଚିନ୍ତା କରି କରି ମୁଁ ବଜାରକୁ ଯାଉଥାଏ । ବର୍ତ୍ତମାନ ଯାହାକୁ ଗାନ୍ଧୀ ଷ୍ଟ୍ରୀଟ୍ କହୁଛନ୍ତି, ସେହି ରାସ୍ତାରେ ପାଦ ଦେଲା ମାତ୍ରେ ମୋର ସୂକ୍ଷ୍ମ ଶରୀରଟି ମୋ ସମ୍ମୁଖରେ ଠିଆ ହୋଇଗଲା ଏବଂ ମୋତେ କୁବେରଙ୍କର ଧନ-ଭଣ୍ଡାର ଭିତରକୁ ନେଇଗଲା । ଆପଣମାନେ ଜାଣନ୍ତି କୁବେର ଦେବତା ହେଉଛନ୍ତି ଦେବତାମାନଙ୍କର ଭଣ୍ଡାର ରକ୍ଷକ (Treasurer) । ମୋତେ ସମଗ୍ର ଧନସମ୍ପତ୍ତି ଦେଖାଇ ଦିଆଗଲା ଏବଂ କୁହାଗଲା, 'ସବୁକିଛି ଏଠାରେ ମହଜୁଦ ଅଛି, ତୁମେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ।' ('Everything is here, there is no need to worry.') ।''

ଦ୍ୟୁମାନ୍ ଭାଇ କହୁଥିଲେ, ''ଏପରିକି ଆଜି ମଧ୍ୟ, ଦୀର୍ଘ ପଚାଶ ବର୍ଷ ପରେ ମୁଁ ସେହି ସ୍ଥାନଟିକୁ ମନେ ରଖିଛି, ଯେଉଁଠି ଏକଥା ଘଟିଥିଲା । ସେହି ଦିନଠାରୁ ମୁଁ କେବେହେଲେ ଅର୍ଥାଭାବ ବିଷୟରେ ଚିନ୍ତିତ ହୋଇ ନାହିଁ । ଏପରିକି ବେଳେବେଳେ ମା'ଙ୍କ ପାଖରୁ ଅର୍ଥ ପ୍ରାପ୍ତ ହୋଇ ନଥିଲେ ମଧ୍ୟ ମା'ଙ୍କୁ ସ୍ମରଣ କରି ସମସ୍ତ ଖର୍ଚ୍ଚ ମୁଁ ଚଳେଇ ନେଇଥାଏ ।''

(How they came to Sri Aurobindo and The Mother, p. 13-14)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother;

(୨) Musing on the Mother's Prayer's and Meditations, Vol. I – Shyam Kumari

ସିନ୍ଧୁରୁ ବିନ୍ଦୁଏ :

# ଅଫେରା ଜୀବନ

## ସନ୍ତୋଷ ରଥ

ବାସ ଭଳି ଭଳି ଚମ୍ପକ ଶେଫାଳି
ରଙ୍ଗ ଜୁଡୁବୁଡୁ କୃଷ୍ଣଚୂଡ଼ା
ପଳାଶ ପରାଗ ଭରା ଅନୁରାଗ
ବାର ମାସେ ରାଜେ ତେର ଆଖଡ଼ା । (୧)

ଅବନ୍ଧା ସେ ସ୍ରୋତ ବହେ ଅବିରତ
ପୋତେ ବସିଛନ୍ତି ସଖା ସୋଦର
ସରାଗ ସୁନ୍ଦର ସମ୍ପର୍କର ଡୋର
ଛିଣ୍ଡି କେବେ ପୁଣି ହୁଏ ସଜୋର । (୨)

ରହିଛି ବିପତ୍ତି ଝଡ଼ ଝଞ୍ଜା ଭୀତି
ଝଡ଼େ କେବେ ଫୁଲ, ଅଫୁଟା କଢ଼ି
ବଇଶାଖ ଶେଷେ ବରଷା ବରଷେ
ତୁଟି ଯାଏ ମନୁ ନିରାଶା ବେଢ଼ି । (୩)

ପ୍ରିୟଜନ ପ୍ରୀତି ନିଜ ପ୍ରତିପତ୍ତି
ମୋହ ଆଇନାରେ ଛବି ଦେଖଇ
ଭାବେ ଚିରସ୍ଥାୟୀ ଭସା ମେଘ ଛାଇ
ସ୍ୱପ୍ନ ଇନ୍ଦ୍ରଧନୁ ନଯିବ ଧୋଇ । (୪)

ବିଜନ ଶ୍ମଶାନ କେବେ ଦିଏ ଜ୍ଞାନ
କ୍ଷଣେ ଭାଳି ପୁଣି ହୁଅଇ ଭୋଗୀ
ନୁହେଁ କୃଷ୍ଣପକ୍ଷ ଜୀବନର ମୋକ୍ଷ
ହୁଏ ନାହିଁ କେହି ସଂସାର ତ୍ୟାଗୀ । (୫)

ଚିତା ଚଇତନ ଭସ୍ମ ପ୍ରଲେପନ
ବାହ୍ୟ ଆଭୂଷଣେ ନତୁଟେ ମୋହ
ଯେବେ ଉଠେ ଜଳି ଆନ୍ତର ଦୀପାଳି
ବିରାଗ ବେଦନା ହୁଏ ଅସହ୍ୟ । (୬)

ଫିଟିଲେ ଅନ୍ଧାର ଫିଟେ ବନ୍ଧା ଡୋର
ଘାଟରୁ ମୁକୁଳେ ମୁହାଣ ମୁଖେ
ସଂକଳ୍ପ ଆହୁଲା ପାରି କରେ ଭେଳା
ଶେଷ ନିଶି ପାହେ ସମୁଦ୍ର ବକ୍ଷେ । (୭)

ଲାଗେ ଆପଣାର ଗଭୀର ସାଗର
ବେଳା ବୁକେ ଆଉ ନଚାହେଁ ଫେରି
ଦୂରୁ କେହି ରହି କାନେ ଦିଏ କହି
ଫେରି ଗଲେ ଥରେ ହୋଇବ ଡେରି । (୮) ❑

"A mere restless dissatisfaction with the ordinary life is not a sufficient preparation for this Yoga. A positive inner call, a strong will and a great steadiness are necessary for success in the spiritual life."
(SABCL, Vol. 29, p. 27-28) – Sri Aurobindo

''ସାଧାରଣ ଜୀବନଚର୍ଯ୍ୟା ପ୍ରତି କେବଳ ଏକ ଅସ୍ୱସ୍ତିକର ଅସନ୍ତୋଷ ଏହି ଯୋଗର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ନୁହେଁ । ବରଂ ଏକ ସକାରାତ୍ମକ ଆନ୍ତର ଆହ୍ୱାନ, ଦୃଢ଼ ସଂକଳ୍ପ ଏବଂ ଅଟଳ ସ୍ଥିରତା ଆଧ୍ୟାତ୍ମିକ ଜୀବନର ସଫଳତା ପାଇଁ ଅପରିହାର୍ଯ୍ୟ ।''

– ଶ୍ରୀଅରବିନ୍ଦ

# ଦ୍ୱୀପାନ୍ତରର କଥା

## (ଚତୁର୍ଥ ପରିଚ୍ଛେଦ)

ବାରୀନ୍ଦ୍ର କୁମାର ଘୋଷ

### ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ
### (୧)

ଆମର ଜାହାଜ ଆସି ବନ୍ଦରରେ ଲାଗିଲା । ଏହାର ଉତ୍ତର ଦିଗରେ ରସ୍ (Ross) ଦ୍ୱୀପ । ଦକ୍ଷିଣରେ ଏବାର୍ଡ଼ିନ ଜେଟି ଏବଂ ବିରାଟ ଦୁର୍ଗ ପରି ସେଲ୍ୟୁଲାର୍ ଜେଲ; ପୂର୍ବ ଦିଗରେ ମାଉଣ୍ଟ୍ ହ୍ୟାରିଏଟ୍‌ରେ ପାହାଡ଼ର କାନ୍ତ ଶ୍ୟାମଳ ଶୋଭା; ଏବଂ ପଶ୍ଚିମରେ ସମୁଦ୍ରର ଆକୂଳ ରୂପ । ଆମର ଏଇ ଅକୂଳର ତରୀ କେଉଁଠି ପହଞ୍ଚିଲା କିଏ ଜାଣେ ? ଆମେ ସକଳ କୂଳ ହରାଇ ଚିରଦିନ ଏମିତି କରି କ'ଣ କୂଳ ପାଇବୁ ? କୂଳ ପାଉ ବା ନ ପାଉ, ଏଇ ସ୍ୱଭାବ-ନିକୁଞ୍ଜରେ ପ୍ରକୃତିର ଅତି ମୋହିନୀ ରଙ୍ଗରୂପ । ବନ୍ଦର-ବକ୍ଷରୁ ରସ୍ ଦେଖିବାକୁ ଖୁବ୍ ସୁନ୍ଦର, ପାହାଡ଼ ଦେହରେ ସ୍ତରେ ସ୍ତରେ ଯେପରି ଅଯତ୍ନ ବିନ୍ୟସ୍ତ କେତେ ଧଳା ଧଳା ରଙ୍ଗିନ ଘରଗୁଡ଼ିକର ସଙ୍ଗେ ସବୁଜ ଗଛପତ୍ର ଛନ୍ଦାଛନ୍ଦି, ଲଗାଲଗି ହୋଇ ରହିଛନ୍ତି । ଦୂରରୁ ଯଦି କେହି କେବେ ସିଂହଳ ସହର ଦେଖିଥିବେ, ତେବେ ବୁଝି ପାରିବେ ଏ ମଧ୍ୟ କେତେକ ପରିମାଣରେ ସେଇ ପ୍ରକାରର । ପାର୍ଥକ୍ୟ କହିଲେ ଏଠାରେ ଗିରିରାଜିର ଚାରି ଦିଗରେ ତରଳ ନୀଳ ରଙ୍ଗର ବିସ୍ତାରିତ ଶୋଭା – ତରଙ୍ଗ ପାଗଳ ସାଗରର ଅନାବୃତ ଉଚ୍ଛ୍ୱସିତ ବକ୍ଷର ମତ୍ତ ପାଗଳ ଦୋଳି ଖେଳ । ରସ୍‌ର ଜଳ ଛୁଇଁ କଳା ଜେଟି, ତଳକୁ ଝୁଙ୍କି ଛନ୍ଦାଛନ୍ଦି ହୋଇ ରହିଥିବା ଗଛପତ୍ରଗୁଡ଼ିକ ଥାକ ପରେ ଥାକ ଘରବାଡ଼ିଗୁଡ଼ିକରେ ଲଗାଲଗି ହୋଇ ରହିଥାଏ, ସବୁଠାରୁ ଉପରେ ଚିଫ୍ କମିଶନର୍ ସାହେବଙ୍କର ଆବାସ, ଛାତ ରଙ୍ଗଦିଆ ଟାଇଲରେ ତିଆରି । ସେଠାରେ ଗୋଟିଏ ପତାକା ଉଡ଼ୁଥାଏ; ଚିଫ୍ ଅନୁପସ୍ଥିତ ରହିଲେ ସେହି ଇଉନିୟନ ଜ୍ୟାକ୍‌କୁ ତଳକୁ ଖସେଇ ରଖି ଦିଆଯାଏ । ରସ୍‌ର ପଶ୍ଚିମ କୋଣରେ ପ୍ରାୟଶଃ ସମୁଦ୍ର କୋଳର ମଝିରେ ଗୋରା ବ୍ୟାରାକ୍ ବା ୟୁରୋପିଆନ୍ ପଲଟନର ଛାଉଣୀ । କୌଣସି ଜାହାଜ ବନ୍ଦରକୁ ଆସିଛି ବୋଲି ସମ୍ବାଦ ଆସିଲେ ଏଇ କୋଣରେ ଥିବା ଗୋଟିଏ ଉଚ୍ଚ ଖମ୍ୱର ଶୀର୍ଷରେ ଗୋଟିଏ ଲାଲ ପତାକା ଉଡ଼ାଇ ଦିଆଯାଏ । ବଡ଼ ଦିନରେ, ରାଜାଙ୍କ ଜନ୍ମଦିନରେ ବା ଏହିପରି କିଛି ରାଜକୀୟ ଉତ୍ସବରେ (state occasion) ଏଇ ଖମ୍ୱଟିରେ ରଙ୍ଗ ବେରଙ୍ଗ ପତାକାର ମାଳା ପିନ୍ଧାଇ ଉତ୍ସବ ନିମିତ୍ତ ସାଜସଜ୍ଜା କରାଯାଏ ।

ଦକ୍ଷିଣ ଆଣ୍ଡାମାନର ସର୍ବାପେକ୍ଷା ଉଚ୍ଚ ଶୃଙ୍ଗଟିର ନାମ ମାଉଣ୍ଟ୍ ହ୍ୟାରିଏଟ୍, ଏଇଟି ହେଉଛି ଏଠାକାର ଶିମଲା ପାହାଡ଼ ବା ଗ୍ରୀଷ୍ମାବାସ । ଏଇ ପାହାଡ଼ର ଶୀର୍ଷ ଦେଶରେ ଅନେକଗୁଡ଼ିଏ ବଙ୍ଗଳା ଅଛି, ଅସୁସ୍ଥ ହେଲେ କିଂବା ପ୍ରଖର ଗ୍ରୀଷ୍ମକାଳରେ ଚିଫ୍ କମିଶନର୍ ଓ ଅନ୍ୟାନ୍ୟ ରାଜକର୍ମଚାରୀମାନେ ଏଠାକୁ ଆସି ଦୁଇ, ଚାରି ସପ୍ତାହ ରହନ୍ତି । ମଣିପୁର ଯୁଦ୍ଧର ଶାସ୍ତି ପ୍ରାପ୍ତ କଏଦୀମାନେ ରାଜବନ୍ଦୀ (state prisoner) ରୂପେ ସେଇ ସମୟରୁ ଏଠାରେ ଅଛନ୍ତି, ସରକାରଙ୍କଠାରୁ ସେମାନେ ରହିବାର ଘର ଏବଂ କିଛି ଜମିଜମା ପାଇଛନ୍ତି ଓ ପ୍ରତି ମାସରେ ମାସିକ ଓ ଦୈନିକ କିଛି ଖାଦ୍ୟାଦି (ration) ପାଆନ୍ତି । (ପରେ ଶାସ୍ତି ଉତ୍ସବ ଏବଂ ରାଜ-ଘୋଷଣା ଫଳରେ ଏମାନଙ୍କର ମୁକ୍ତି ହୁଏ ।) ମାଉଣ୍ଟ୍ ହ୍ୟାରିଏଟ୍ ବନ ଦ୍ୱାରା ଆଚ୍ଛାଦିତ, ଯେପରି ଏକ ବିଶାଳ ଦେହଧାରୀ ଲୋମଶ ଭଲ୍ଲୁକ ତା'ର ନିଜର ଆଗଗୋଡ଼ ଦୁଇଟି ମଧ୍ୟରେ ମୁଖ ଗୁଞ୍ଜି ନିଶ୍ଚିନ୍ତରେ ଶୋଇଛି । ବଣରେ କେଉଁଠି ଅବା କଳା ଗାଢ଼ ନୀଳ ରଙ୍ଗ ତ, କେଉଁଠି ନିମ୍ବ, ବାଉଁଶ, ତେନ୍ତୁଳିର ଫିକା ହରିତ ଜାଲ ବୁଣା ଅବା କେଉଁ କେଉଁ ଜାଗାରେ ସାରା ବଣଟା ତମ୍ବାରଙ୍ଗ ପତ୍ରରେ ରଙ୍ଗିନ । ପାହାଡ଼ର ବକ୍ଷ ଭେଦ କରି ଏକ ରୌପ୍ୟ ବର୍ଣ୍ଣର ଜଳଧାରାଟିଏ ସ୍ରୋତସ୍ୱିନୀ ହୋଇ ତଳକୁ ଆସି ଗିରିରାଜର ପାଦଦେଶକୁ ଛୁଇଁ ଛୁଇଁ କଳ କଳ ନାଦରେ ସମୁଦ୍ର ସନ୍ଧାନରେ ଯାଇଛି; ଏଇ ସାଗର ବକ୍ଷରେ ହଜି ଯାଇଥିବା ବଣଟି ଭିତରେ ଏଇ ବନଚାରିଣୀ ଏମିତି ଆକୁଳ ବ୍ୟାକୁଳ ସୋହାଗରେ କାହାର କାନରେ କି ପ୍ରେମ ବେଦନା କହିବାକୁ ଚାହେଁ କିଏ ଜାଣେ ?

ଆମ ପାଇଁ ଏକ ଷ୍ଟିମ୍‌ଲଞ୍ଚ ସହ ଏକ ହାଲୁକା ବୋଟ୍ ବନ୍ଧା ହୋଇ ଟାଣି ଟାଣି ଜାହାଜ ପାଖକୁ ଅଣାଗଲା । ବଡ଼ ଡାକ୍ତର (Senior Medical Officer), ଜେଲର୍ ଇତ୍ୟାଦି

କେତେ କର୍ମଚାରୀ ଆସୁଛନ୍ତି, ଯାଉଛନ୍ତି; ଚାରିଆଡ଼େ ମୋଟର ବୋଟ୍, ଛୋଟ ନୌକା, ହାଲୁକା ବୋଟ୍ ଏବଂ ଷ୍ଟିମ୍ ଲଞ୍ଚର ଯିବା ଆସିବା ଆଦିରେ କୋଳାହଳ ପଡ଼ିଗଲା । ଏଇ ବ୍ୟସ୍ତତାର ଅବସରରେ ଥରେ ସେଲ୍ୟୁଲାର୍ ଜେଲର ଏକ ମୋଟାମୋଟି ଧାରଣା କରାଇ ଦିଏ, ନହେଲେ ସେଲ୍ୟୁଲାର୍ ସମ୍ବନ୍ଧରେ ଅନାଡ଼ି ପାଠକଙ୍କୁ ନେଇ ସେଇ ଗୋଲୋକ ଧନ୍ଦାରେ ପଶିଲେ ସେମାନଙ୍କର ବ୍ୟୂହପ୍ରବିଷ୍ଟ ଅଭିମନ୍ୟୁର ଦଶା ପରି ହେବ ।

ଜେଲର ରୂପଟି କେତେକ ପରିମାଣରେ ଏହିପରି — ମାନଚିତ୍ରର ମଝିରେ ଏକ ବିନ୍ଦୁ, ତାହା ଗୋଟିଏ ତ୍ରିତଳ ଗମ୍ବୁଜ ବା ମିନାର — ତା'କୁ ସେଣ୍ଟ୍ରାଲ୍ ଟାୱାର ବା ଗୁମୁଟି କହନ୍ତି । ସେଇ ଗୁମୁଟିକୁ କେନ୍ଦ୍ର କରି ତା'ର ଚାରି ଦିଗରେ ଯଦି ଏକ ବୃତ୍ତ ବା ମଣ୍ଡଳ ଅଙ୍କାଯାଏ, ତା'ହେଲେ ତାକୁ ମୋଟାମୋଟି ଭାବରେ ଜେଲର ବହିଃ ପ୍ରାଚୀର କୁହାଯାଇ ପାରେ । କେନ୍ଦ୍ରସ୍ଥ ସେଇ ଗମ୍ବୁଜଠାରୁ ସାତଟି ସରଳରେଖା ଅବା ବ୍ୟାସାର୍ଦ୍ଧ ସାତ ଦିଗକୁ ଯାଇ ମଣ୍ଡଳଟିକୁ ଛୁଇଁଛି — ଏଇ ସପ୍ତ ରେଖାହିଁ ସାତୋଟି ମହଲ ବା ବ୍ଲକ, ଏହାରହିଁ ନାମ ସେଲ୍ୟୁଲାର୍ ଜେଲ । ଗମ୍ବୁଜଟି ଯେପରି ତ୍ରିତଳ, ସେହିପରି ପ୍ରତ୍ୟେକ ମହଲା ମଧ୍ୟ ତ୍ରିତଳ । ପ୍ରତ୍ୟେକ ତାଲାରେ ଗୋଟିଏ ଧାଡ଼ିରେ ପାଖାପାଖି କୋଡ଼ିଏ, ତିରିଶଟି କରି ଛୋଟ ଛୋଟ କୋଠରିଗୁଡ଼ିକରେ ଗୋଟିଏ କରି ଲୁହା ରଡ଼ ବା ଛଡ଼ର କବ୍‌ଜା ଦ୍ୱାରା ଯୋଡ଼ା ଯାଇଥିବା ଦରଜା ଅଛି, ଏଇ ଦରଜାର କୌଣସି ବନ୍ଧ ନାହିଁ ଅବା କୌଣସି କବାଟ ପଟା ଇତ୍ୟାଦି ଦ୍ୱାରା ଏହା ବନ୍ଦ ନୁହେଁ; କୋଠରିଗୁଡ଼ିକର ପଛପଟେ ସାଢ଼େ ଚାରି ହାତ ଉଚ୍ଚରେ ଯେଉଁ ଛୋଟ ଝରକାଟିଏ ଅଛି, ସେଗୁଡ଼ିକ ମଧ୍ୟ ଦୁଇ ଇଞ୍ଚ ଛାଡ଼ି ଛାଡ଼ି ଲୁହା ଛଡ଼ରେ ବନ୍ଧା । ଘର ଭିତରର ଆସବାବପତ୍ର ମଧ୍ୟରେ ଦେଢ଼ ହାତ ଚଉଡ଼ା ଗୋଟିଏ ଗୋଟିଏ ଅନୁଚ୍ଚ ଖଟ, ଏବଂ ଘର କୋଣରେ ଆଲକାତରା ବୋଳା ଗୋଟିଏ ଲେଖା ମାଟିର ପାତ୍ର । ଏଇ ଖଟରେ ଖୁବ୍ ସଜାଗ ହୋଇ ଶୋଇବାକୁ ହୁଏ, କାରଣ ଟିକିଏ ଅସାବଧାନ ହୋଇ କଡ଼ ଲେଉଟାଇଲେ ଧପ୍ କରି ମୁଣ୍ଡ ପିଟି ହୋଇ ଅକସ୍ମାତ୍ ଭୂମିଶଯ୍ୟା ନେବାକୁ ହେବ । ଏବଂ ଏଇ ଆଲକାତରା ଭାଣ୍ଡଟି ମଣିଷର ବିଷ୍ଠାକୁ ଚନ୍ଦନ ସମଜ୍ଞାନ ଆଣିବାର ଅପୂର୍ବ ଯନ୍ତ୍ର, କାରଣ ଏଇଟିହିଁ ରାତ୍ରିର ଶୌଚାଗାର, ଏବଂ ଏହାକୁ ନେଇ ସୁ-ଘ୍ରାଣେ କୌତୂହଳ ସହ ରାତ୍ରିଯାପନ କରିବାକୁ ହୁଏ, ଏବଂ ବସିବା ସମୟରେ ଚଉରାଶି ପ୍ରକାର ଆସନରୁ କେତେକାଂଶ ଏହି ଭାଣ୍ଡଟି ସାହାଯ୍ୟରେ ଅଭ୍ୟାସ ହୋଇଯାଏ । ଏହାକୁ ଜେଲ ବନ୍ଦ ହେବାର କିଛି ସମୟ ପୂର୍ବରୁ ମେହେନ୍ତର ଅପରାହ୍ଣରେ ଘରେ ଦେଇଯାଏ ଓ ସକାଳେ ନିୟମିତ ବାହାର କରି ନେଇଯାଏ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଶ୍ରୀମାଙ୍କ କବି ପୂଜାଲାଲ

## ନୀରଦବରଣ

[ଶ୍ରୀଅରବିନ୍ଦ ଆଶ୍ରମର ଅନ୍ୟତମ ବିଶିଷ୍ଟ ସାଧକ ଶ୍ରୀମା'ଙ୍କ କବି ପୂଜାଲାଲ । ତାଙ୍କର ପିତୃମାତୃଦତ୍ତ ନାମ ଥିଲା ପୂଜାଲାଲ ଆର୍. ଦଲୱାଡ଼ି । ପିତାଙ୍କ ନାମ ରଣଛୋଡ଼ ଭାଇ ଦଲୱାଡ଼ି । ମାତା ଧୁଲୀବାଈ । ଜନ୍ମ ଗୁଜରାଟ୍‌ର ଗୋଧ୍ରାରେ ୧୯୦୧ ମହିହା ୧୭ ଜୁନ୍‌ରେ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ଏବଂ ଗୁଜରାଟ୍‌ରେ ଥିବା ଶରୀରଚର୍ଚ୍ଚାର ଏକ ଆଖଡ଼ା ସହିତ ସଂଯୁକ୍ତ ଥିଲେ । ପ୍ରଚଳିତ ଶିକ୍ଷାଧାରାରେ ଆଇ. ଏ. ପର୍ଯ୍ୟନ୍ତ ପଢ଼ିଥିଲେ ବି ସେ ସ୍ୱ-ପ୍ରଚେଷ୍ଟାରେ ପରବର୍ତ୍ତୀ କାଳରେ ବହୁବିଦ୍ୟା ଅର୍ଜନ କରିଥିଲେ ଏବଂ ଗୁଜରାଟୀ, ସଂସ୍କୃତ ଓ ଇଂରାଜୀ ଭାଷାରେ କବିତା ରଚନାରେ ସିଦ୍ଧହସ୍ତ ହୋଇ ଉଠିଥିଲେ । ଏହି ତିନୋଟି ଭାଷାରେ ସେ ବହୁ ଗଦ୍ୟ ଓ ପଦ୍ୟ ପୁସ୍ତକ ରଚନା କରିଛନ୍ତି ।

୧୯୨୩ ମସିହାରେ ପୁରାଣୀଜି ଆଶ୍ରମକୁ ଆସିବାର ୬ ମାସ ପରେ ସେ ପୁରାଣୀଜିଙ୍କ ପତ୍ନୀ ଲୀଲାବତୀବେନ୍ ଓ ସେମାନଙ୍କର ମାତ୍ର ଛଅ ମାସର ଶିଶୁକନ୍ୟା ଅନସୂୟା (ଅନୁ ବେନ୍ ପୁରାଣୀ)ଙ୍କୁ ସଙ୍ଗରେ ଧରି ଆଶ୍ରମକୁ ଆସି କିଛିଦିନ ରହି ଫେରି ଯାଇଥିଲେ ଏବଂ ତା'ପର ଠାରୁ ପ୍ରତିବର୍ଷ ଆଶ୍ରମକୁ ଆସୁଥିଲେ । ୧୯୨୬ ମସିହା ନଭେମ୍ବର ୨୪ ସିଦ୍ଧି ଦିବସ ପୂର୍ବରୁ ସେ ଆଶ୍ରମକୁ ଆସି ସ୍ଥାୟୀଭାବେ ରହିଥିଲେ । ତେଣୁ ସିଦ୍ଧି ଦିବସର ବିଶେଷ ଧ୍ୟାନ ସମାରୋହରେ ଯୋଗ ଦେଇଥିବା ଚବିଶ ଜଣ ସାଧକ-ସାଧିକାଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ । ପ୍ରଥମରୁ ଆଶ୍ରମର ମୁଖ୍ୟ କୋଠାରେ ତାଙ୍କୁ ଘର ମିଳିଥିଲା । ଆଶ୍ରମର ବିଭିନ୍ନ କାର୍ଯ୍ୟକ୍ରମ, ବିଶେଷତଃ ଆଶ୍ରମର ପ୍ରଥମ ରନ୍ଧନଶାଳାର ଦାୟିତ୍ୱ ତାଙ୍କ ଉପରେ ଥିଲା । ଶ୍ରୀମାଙ୍କ କକ୍ଷ ପରିଷ୍କାର କରିବା କାର୍ଯ୍ୟ ମଧ୍ୟ ସେ କରୁଥିଲେ । କାର୍ଯ୍ୟ ମଝିରେ ସାମାନ୍ୟ ସମୟ ମିଳିଲେ ସ୍ୱତଃପ୍ରେରିତ ହୋଇ ସେ କବିତା ରଚନା କରୁଥିଲେ ଏବଂ ତାଙ୍କର ସେସବୁ କବିତା ମା'ଙ୍କୁ ଖୁବ୍ ଭଲ ଲାଗୁଥିଲା । ସହଜ, ସରଳ ସ୍ୱଭାବ ଓ ସର୍ବ-ହିତୈଷୀ ଗୁଣରେ ସେ ଆଶ୍ରମବାସୀ ତଥା ବାହାରର ଶ୍ରୀମାଶ୍ରୀଅରବିନ୍ଦଙ୍କ ଭକ୍ତଗଣଙ୍କର ଖୁବ୍ ପ୍ରିୟ ଥିଲେ । ୧୯୮୫ ମସିହା ୨୭ ଡିସେମ୍ବରରେ ଆଶ୍ରମରେ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ସମାଧି ସମୀପ ତାଙ୍କ କକ୍ଷରେ ସେ ଶରୀର ତ୍ୟାଗ କରିଥିଲେ ।]

ଆଶ୍ରମର ପ୍ରବୀଣତମ ସାଧକମାନଙ୍କ ମଧ୍ୟରେ ଅନ୍ୟତମ ପୂଜାଲାଲ । ଜୀବନର ବେଶୀ ଭାଗ ସମୟ ସେ ଅତିବାହିତ କରିଛନ୍ତି ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣଛାୟାରେ । ବୈଷୟିକ ପ୍ରୟୋଜନରେ ଗୁଜରାଟ୍‌କୁ ଯାଇଥିଲେ ଅଳ୍ପ କିଛିଦିନ ପାଇଁ । ୧୯୨୬ ମସିହାର ୨୪ ନଭେମ୍ବର – ଯେଉଁଦିନକୁ ଏବେ ସମସ୍ତେ 'ବିଜୟ ଦିବସ' (Victory Day) ବୋଲି ଜାଣନ୍ତି – ସେହି ପୁଣ୍ୟ ସିଦ୍ଧି ଦିବସରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପରମ କୃପାଲାଭ ପାଇଁ ଯେଉଁ ଅଳ୍ପ କେତେଜଣ (ସମୁଦାୟ ଚବିଶ ଜଣ) ସାଧକ-ସାଧିକା ଉପସ୍ଥିତ ଥିଲେ ପୂଜାଲାଲ ଥିଲେ ସେମାନଙ୍କ ମଧ୍ୟରୁ ଜଣେ ।

ପ୍ରାରମ୍ଭରେ ଆମେ ଦୁହେଁ ପରସ୍ପର ପରିଚିତ ଥିଲୁ କେବଳ ନାମରେ । ଆମର କାର୍ଯ୍ୟକ୍ଷେତ୍ର ବି ଏକ ପ୍ରକାର ନ ଥିଲା । ଶୁଣିଥିଲି, ପୂଜାଲାଲ ଗୁଜରାଟୀ ଭାଷାର କବି ଏବଂ ଥରେ କବିତା ଆଲୋଚନା ପ୍ରସଙ୍ଗରେ ଶ୍ରୀଅରବିନ୍ଦ ତାଙ୍କର ନାମ ଉଲ୍ଲେଖ କରିଥିଲେ ।

ଏହି ପ୍ରସଙ୍ଗରେ ମୋର ମନେ ପଡ଼ୁଛି ଗୋଟାଏ ପୁରୁଣା ଦୁର୍ଘଟଣାର କଥା । ଆମେ ଆଶ୍ରମର କେତେଜଣ ସମୁଦ୍ରରେ ସ୍ନାନ ପାଇଁ ବାହାରି ଥିଲୁ, ପୁରାଣୀ ଓ ପୂଜାଲାଲ ବି ଆମ ସଙ୍ଗରେ ଯୋଗଦାନ କଲେ । ଆମେ ଠିକ୍ କରିଥିଲୁ କୂଳରୁ ପହଁରି ପହଁରି ଯାଇ ପୁରୁଣା ଜେଟିର ଯେଉଁ ଖୁଣ୍ଟିସବୁ ଦେଖା ଯାଉଛି ତାକୁ ପାର ହୋଇ ଘୂରି ଆସିବୁ – ଯାହାକି ଗୋଟାଏ ବଡ଼ ସନ୍ତରଣ-ବଳୟ (ଘେରା) । ସେଇ ପୁରୁଣା ଜେଟିର ଶେଷପ୍ରାନ୍ତରୁ ଫେରିବା ବେଳେ ସନ୍ତରଣରତ ପୂଜାଲାଲ ମଧ୍ୟ ପଥରେ ବେକାଇଦାରେ ପଡ଼ିଗଲେ । ସନ୍ତରଣ କ୍ଷମତା ହରାଇବାରୁ ସେ ବାହୁ ପ୍ରସାରିତ କରି ଅସହାୟ ଅବସ୍ଥାରେ ରହିଥା'ନ୍ତି । ତାଙ୍କର ସଂକଟଜନକ ଅବସ୍ଥା ବୁଝିପାରି ପୁରାଣୀଜି ଦ୍ରୁତ ସନ୍ତରଣ କରି ପୂଜାଲାଲଙ୍କ ପାଖକୁ ଯାଇ ତାଙ୍କୁ ପିଠିରେ ରଖି କୂଳକୁ ଚାଲି ଆସିଲେ । ପୂଜାଲାଲଙ୍କ ଜୀବନ ରକ୍ଷା ହେଲା, କିନ୍ତୁ ଏଇଟାହିଁ ଏଇ କବିଙ୍କର ବାହ୍ୟଭ୍ରମଣର ଶେଷ ଆନନ୍ଦ ରୂପେ ଚିହ୍ନିତ ରହିଗଲା । ଏହା ପରଠାରୁ ସେ ନିଜକୁ

ପଢ଼ାପଢ଼ି ଆଉ ମା'ଙ୍କ ସେବାକାର୍ଯ୍ୟରେ ନିୟୋଜିତ କଲେ । ଲେଖାଲେଖି ଛଡ଼ା ମା ପ୍ରତିଦିନ ତାଙ୍କୁ ଯେଉଁ କାର୍ଯ୍ୟଭାର ଦେଉଥିଲେ ତାହା ସେ କରୁଥିଲେ । ଏହି କାର୍ଯ୍ୟଗୁଡ଼ିକ ଭିତରୁ ଗୋଟିଏ ହେଲା ଦ୍ୱିତଳରେ ଥିବା ଶ୍ରୀଅରବିନ୍ଦଙ୍କ ଗୃହର କକ୍ଷଗୁଡ଼ିକ – ଯାହା ଧ୍ୟାନଗୃହ ଭାବରେ ପରିଚିତ – ସେଗୁଡ଼ିକୁ ଝାଡ଼ୁ ଲଗାଇ ପରିଷ୍କାର କରିବା । ଏହା ବ୍ୟତୀତ ଶ୍ରୀମା'ଙ୍କର ସ୍ନାନଗୃହଟି ପରିଚ୍ଛନ୍ନ ରଖିବା ଦାୟିତ୍ୱ ତାଙ୍କ ଉପରେ ଥିଲା ଏବଂ ତାହା ସେ ଅତି ଯତ୍ନର ସହ କରି ସବୁବେଳେ ସ୍ନାନଗୃହଟିକୁ ଝକ୍ ଝକ୍, ଚକ୍‌ମକ୍ କରି ରଖୁଥିଲେ ।

ପୂଜାଲାଲଙ୍କର ଏଇ ପ୍ରକାର କାର୍ଯ୍ୟ ସମୟରେହିଁ ମୁଁ ତାଙ୍କର ଘନିଷ୍ଠ ହୋଇ ଉଠିଥିଲି । ଶ୍ରୀଅରବିନ୍ଦଙ୍କ କକ୍ଷକୁ ଯିବା-ଆସିବା କରିବା ସମୟରେ ପ୍ରାୟହିଁ ଦେଖୁଥିଲି ପୂଜାଲାଲ ଏକାଗ୍ର ମନରେ ବାରଣ୍ଡାଟିକୁ ଝାଡ଼ୁ ଦେଇ ପୋଛାପୋଛି କରୁଛନ୍ତି ଏବଂ ଦୃଷ୍ଟିପାତ ମାତ୍ରେ ସ୍ମିତହସ-ବିନିମୟ କରୁଛନ୍ତି । ଏହି ସମୟରେ ଆମେ ଦୁଇ ଜଣହିଁ ଶ୍ରୀଅରବିନ୍ଦଙ୍କ ପାଖକୁ ତାଙ୍କର ଦେଖାଶୁଣା କରିବାକୁ ଯାଉଥିଲୁ । ଆଶ୍ଚର୍ଯ୍ୟର ବିଷୟ, ଏଇ ଗୃହ ପରିଷ୍କାର କାର୍ଯ୍ୟ କରିବା ମଧ୍ୟରେ ପୂଜାଲାଲ ଛୋଟ ଛୋଟ ଇଂରାଜୀ କବିତା ଲେଖି ପାରୁଥିଲେ ।

ବେଳେ ବେଳେ ସେ କାମ କରୁକରୁ ରହିଯାଇ ହଠାତ୍ କାଗଜ-କଲମ ନେଇ କବିତା ଲେଖି ପକାନ୍ତି । ଅନ୍ୟ ଦିଗରୁ ହୁଏତ ମା ଦରଜା ନିକଟରେ ଆଗନ୍ତୁକମାନଙ୍କୁ ଦେଖି 'Bon jour' (ସୁଦିନମ୍) 'Bonne Fête' ( ଶୁଭଜନ୍ମ ଦିନମ୍) 'Aurevoir' (ପୁନର୍ଦର୍ଶନାୟ) ଇତ୍ୟାଦି କହି ଶୁଭେଚ୍ଛା ଜଣାଉଥା'ନ୍ତି । ଆଉ ଏଆଡ଼େ ପୂଜାଲାଲ ମା'ଙ୍କର ଏଇସବୁ କଥା, ଚଳମାନ ଘଟଣାକୁ ନେଇ ଲେଖିପକାନ୍ତି ସୁନ୍ଦର ସୁନ୍ଦର କବିତା । କବିତାଗୁଡ଼ିକୁ ମା'ଙ୍କୁ ଅର୍ପଣ କରା ହେଉଥିଲା, ସେ ସେଗୁଡ଼ିକୁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇ ଯାଉଥିଲେ । ମୁଁ ସେଗୁଡ଼ିକ ତାଙ୍କୁ ପଢ଼ି ଶୁଣାଉଥିଲି । କବିତାଗୁଡ଼ିକ ସରଳ, ମଧୁର ଓ ସ୍ୱତଃ-ଉତ୍ସାରିତ । ଶବ୍ଦ-ଚୟନ, ଛନ୍ଦ ସବୁକିଛି ମଧ୍ୟରେ ଏକ ଚୈତ୍ୟଭାବ ଫୁଟି ଉଠୁଥିଲା । ମୋର ବିଶ୍ୱାସ, ଏହା ହୋଇଥିଲା ମା'ଙ୍କର ବିଶେଷ କୃପା ଯୋଗୁଁ; ମା' ତାଙ୍କର କବିତାବଳିରେ ବିଶେଷ ଆକର୍ଷଣ ଅନୁଭବ କରୁଥିଲେ ଏବଂ ସେଗୁଡ଼ିକୁ ଶ୍ରୀଅରବିନ୍ଦଙ୍କୁ ନେଇ ଦେଖାଉ ଥିଲେ । ଏହି ସମୟରେ କେବଳ ଦିଲୀପ ଓ ଅମଲଙ୍କ ଛଡ଼ା ଆଶ୍ରମର ଅନ୍ୟ କୌଣସି ସାଧକଙ୍କର କବିତା ଦେଖିବା ଶ୍ରୀଅରବିନ୍ଦ ବନ୍ଦ କରି ଦେଇଥିଲେ । ସେହି ସମୟରେ ମୁଁ ଜାଣିବାକୁ ପାଇଲି ଯେ ପୂଜାଲାଲ 'ମା'ଙ୍କ କବି ବୋଲି ବିବେଚିତ ହୋଇଛନ୍ତି । ପରବର୍ତ୍ତୀ କାଳରେ ପୁସ୍ତକାକାରରେ ଏହିସବୁ କବିତା ପ୍ରକାଶିତ ହୋଇଛି ।

ତାଙ୍କର ଏଇ ଦ୍ୱିତଳରେ କାର୍ଯ୍ୟ ଚାଲିଥିଲା ଅନେକ ବର୍ଷ ଧରି । କିଛି ଶାରୀରିକ ଅସୁବିଧା ଯୋଗୁଁ ଶେଷରେ ସେ ଏଇ କାର୍ଯ୍ୟରୁ ଅବ୍ୟାହତି ନେଲେ । ଆଶ୍ରମର ମୁଖ୍ୟ ପ୍ରାଙ୍ଗଣରେ ତାଙ୍କୁ ଏକ ଘର ଦିଆହେଲା । ସେଇଦିନଠାରୁ ସେ ପଢ଼ାପଢ଼ି ଓ ସୃଜନଶୀଳ ରଚନା କାର୍ଯ୍ୟରେ ସଂପୂର୍ଣ୍ଣ ରୂପେ ନିଜକୁ ନିୟୋଜିତ କରିଥିଲେ । ଅଳ୍ପ କିଛି ବର୍ଷ ପାଇଁ ଆଶ୍ରମ ଶିକ୍ଷାକେନ୍ଦ୍ରରେ ସଂସ୍କୃତ ପଢ଼ାଇବା ଦାୟିତ୍ୱ ମଧ୍ୟ ସେ ଗ୍ରହଣ କରିଥିଲେ । ସେସମୟରୁ ଆମର ସମ୍ପର୍କ ଆହୁରି ଘନିଷ୍ଠ ହେଲା । ମୁଁ ପ୍ରାୟହିଁ ଲକ୍ଷ୍ୟ କରିଛି ଯେ ପୂଜାଲାଲ ସୁବେଶରେ ଟେବୁଲ ପାଖରେ ବସି ଲେଖାରେ ବ୍ୟସ୍ତ ଅଛନ୍ତି । ଅନେକ ସମୟରେ ମୁଁ ତାଙ୍କ ପାଖକୁ ଯାଇ ପଚାରୁଥିଲି ସେ କ'ଣ ଲେଖୁଛନ୍ତି । ଶୁଣି ଆଶ୍ଚର୍ଯ୍ୟ ହେଉଥିଲି ଯେ, ଗୁଜରାଟୀ ଭାଷାରେ 'ସାବିତ୍ରୀ' ମହାକାବ୍ୟର ଅନୁବାଦ ଭଳି ବିରାଟ କାର୍ଯ୍ୟଟି ସେ ସେତେବେଳେ କରି ଚାଲିଛନ୍ତି । ମୋର ଅନୁସନ୍ଧିତ୍ସାର ଉତ୍ତରରେ ସେ କହିଲେ, ମୂଳ ସାବିତ୍ରୀରେ ଯେଉଁ ଗୋଟିଏ ଛନ୍ଦର ବ୍ୟବହାର ହୋଇଛି, ସେ ନିଜର ଅନୁବାଦରେ ସେପରି କରୁ ନାହାନ୍ତି, ବହୁ ଛନ୍ଦରେ ଅନୁବାଦ କରୁଛନ୍ତି । ତାଙ୍କ ମତରେ ଗୋଟିଏ ମାତ୍ର ଛନ୍ଦରେ ଗୁଜରାଟୀରେ ଅନୁବାଦ କଲେ ତାହା ପାଠକମାନଙ୍କ ପାଇଁ ଏତେ ସୁଖପାଠ୍ୟ ହେବ ନାହିଁ, ତେଣୁ ତାଙ୍କୁ ଅନ୍ୟାନ୍ୟ ମହାକାବ୍ୟରେ ବ୍ୟବହୃତ ଭିନ୍ନ ଭିନ୍ନ ଛନ୍ଦର ଅବଲମ୍ବନରେ ଅନୁବାଦଟିକୁ ବୈଚିତ୍ର୍ୟମୟ କରିବାକୁ ହୋଇଛି । ସାବିତ୍ରୀ କାବ୍ୟର ଜଟିଳ କାବ୍ୟାର୍ଥ ଉଦ୍ଧାର କରିବା ପାଇଁ ସେ ମଝିରେ ମଝିରେ ମୋ ଘରକୁ ଚାଲି ଆସୁଥା'ନ୍ତି କିଂବା ମୋତେ ତାଙ୍କ ଘରକୁ ଡାକି ନିଅନ୍ତି ।

ବିଷୟ ଯେତେବେଳେ ସାହିତ୍ୟ – ସେତେବେଳେ ମୁଁ ଅବଶ୍ୟହିଁ ତାଙ୍କର ପୂର୍ଣ୍ଣ-ନିବେଦିତ ସାହିତ୍ୟ-ସେବାର ପ୍ରଶଂସା କରିବି । ଏଥିପାଇଁ ସେ ସବୁ ପ୍ରକାର ଶାରୀରିକ ଆନନ୍ଦ-ଅନୁଷ୍ଠାନ ବର୍ଜନ କରି ମୌଳିକ କାବ୍ୟ ସୃଷ୍ଟିରେ କିଂବା ଶ୍ରୀଅରବିନ୍ଦଙ୍କ କବିତାବଳିର ଅନୁବାଦରେ ସଫଳ ହୋଇଛନ୍ତି । କିଛି ଶାରୀରିକ ଦୁର୍ବଳତା ଯୋଗୁଁ ସେ ଶରୀରଚର୍ଚ୍ଚାରେ ବେଶୀ ଆଗେଇ ପାରି ନାହାନ୍ତି । ଜୀବନରେ ଗୋଟାଏ ପରେ

ଗୋଟାଏ ରୋଗ ଭୋଗିଛନ୍ତି, କିନ୍ତୁ କୌଣସି ଦୁଃଖ-ଯନ୍ତ୍ରଣା କୌଣସି ପ୍ରକାରରେ ବି ତାଙ୍କୁ ତାଙ୍କର ଲେଖନୀ ଚାଳନା ବନ୍ଦ କରି ଦେଇ ପାରି ନାହିଁ କି ତାଙ୍କର ଚିର ହାସ୍ୟୋଜ୍ଜ୍ୱଳ ସ୍ୱଭାବରେ ଆଞ୍ଚ ଆଣି ପାରିନି । ଯେତେବେଳେ ସେ ରୋଗମୁକ୍ତ ହୋଇ ସୁସ୍ଥ ହୋଇ ଉଠନ୍ତି, ସଙ୍ଗେ ସଙ୍ଗେ ତାଙ୍କର ସେଇ ପୁରାତନ କର୍ମଧାରା ଅନୁଯାୟୀ ଟେବୁଲ ପାଖରେ ବସି ନିବିଷ୍ଟ ଚିତ୍ତରେ ଲେଖୁଥିବାର ଦେଖାଯାଇଛି । ତାଙ୍କ ଭାଗ୍ୟ ଭଲ ଯେ ସେ ପାଇଥିଲେ ଜଣେ ଉତ୍ତମ ଡାକ୍ତର ବନ୍ଧୁ ସୌରୀନ୍ ବସୁଙ୍କୁ ଯିଏକି ସବୁ ସମୟରେ ତାଙ୍କ ସେବାରେ ନିଯୁକ୍ତ ରହୁଥିଲେ ଏବଂ ସବୁପ୍ରକାର କଷ୍ଟ ସହି ତାଙ୍କର ସେବାଯତ୍ନ କରୁଥିଲେ । ପୂଜାଲାଲ ଏଇ ଡାକ୍ତରଙ୍କୁ ଭ୍ରାତୃପ୍ରତିମ ପ୍ରୀତି ଓ ସ୍ନେହ-ବନ୍ଧନରେ ବାନ୍ଧି ରଖିଥିଲେ । ଏ ପ୍ରସଙ୍ଗରେ ମୁଁ କବିବନ୍ଧୁ ନିଶିକାନ୍ତଙ୍କ ନାମ ନ ଉଠାଇ ରହି ପାରୁନି, କାରଣ ସେ ବି ବହୁବିଧ ରୋଗର କୋପରେ ପଡ଼ି ମଧ୍ୟ କେବେହେଲେ ବିଷଣ୍ଣ ହେଉ ନଥିଲେ, ସବୁ ସମୟରେ ହାସ୍ୟରସରେ ମାତି ରହୁଥିଲେ । ମୃତ୍ୟୁ ବି ତାଙ୍କ ନିକଟରେ ଦୁଃଖର କୌଣସି ବିଷୟ ବୋଲି ମନେ ହେଉ ନଥିଲା ।

ପୂଜାଲାଲଙ୍କୁ ଘେରି ଦଳେ ବନ୍ଧୁପ୍ରତିମ ଶିଶୁ ଆନ୍ତରିକ ଭାବେ ସଂସ୍କୃତ ଶ୍ଳୋକ ଶିଖୁଥିଲେ ଓ ଆବୃତ୍ତି କରୁଥିଲେ । ଏକଦା ମୁଁ ବି ଆଗ୍ରହୀ ହୋଇ ତାଙ୍କ ଠାରୁ ସଂସ୍କୃତ ଅଧ୍ୟୟନ କରୁଥିଲି; କିନ୍ତୁ ଯେତେବେଳେ ବ୍ୟାକରଣ-ପ୍ରକରଣ ଆୟତ୍ତ କରିବାକୁ ହେଲା, ମୁଁ ଆଉ ବେଶୀ ଆଗେଇ ପାରିଲିନି ।

ବୟସ ବଢ଼ିବା ସଙ୍ଗେସଙ୍ଗେ ପୂଜାଲାଲଙ୍କ ବ୍ୟାଧି ବି ବଢ଼ିବାକୁ ଲାଗିଲା । ଇତି ମଧ୍ୟରେ ତାଙ୍କର ଡାକ୍ତର-ବନ୍ଧୁ ସୌରୀନ୍ ବସୁ ପରଲୋକ ଗମନ କଲେ । ତେଣୁ ତାଙ୍କର ଦେଖାଶୁଣା କଲେ ଡାକ୍ତର ରାଇଚୁରା ଏବଂ ଡାକ୍ତର ଦିଲୀପ ଦତ୍ତ । ସର୍ବୋପରି ତାଙ୍କର ବ୍ୟକ୍ତିଗତ ସେବା କାର୍ଯ୍ୟରେ ନିଯୁକ୍ତ ଥିଲେ ସଦା-ସେବାବ୍ରତୀ ସରଳା ବେନ୍ । ମୁଁ ହତବାକ୍ ହୋଇଯାଏ, ଯେତେବେଳେ ଦେଖେ ଦିବ୍ୟଜନନୀ ଶ୍ରୀମା କି ଭାବରେ ଆମ୍ଭମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ଓ ଭଲ ରହିବା ପାଇଁ କେତେ ସୁନ୍ଦର ବ୍ୟବସ୍ଥାସବୁ କରିଛନ୍ତି ! ମୁଁ ଜାଣେନି, କି ଭଳି ସରଳା ବେନ୍‌ଙ୍କ ସଦୃଶା ସେବାମୟୀ ତାଙ୍କ ପାଖକୁ ଆସିଲେ — ଏହା ମା'ଙ୍କର କରୁଣା ଛଡ଼ା ଆଦୌ ସମ୍ଭବ ନଥିଲା । ଏତତ୍ ବ୍ୟତୀତ ତାଙ୍କର ଆଉ ଜଣେ ସହାୟକ ସେବକ ହେଲେ ଲାଲୁଭାଇ, ଯିଏ ପ୍ରୟୋଜନ ମାତ୍ରକେ ସେବା କରିବା ପାଇଁ ସବୁ ସମୟରେ ପ୍ରସ୍ତୁତ ହୋଇ ରହିଥା'ନ୍ତି । ଏହାଛଡ଼ା ପ୍ରତିଟି ସନ୍ଧ୍ୟାରେ ତାଙ୍କର ଗୁଜରାଟୀ ବନ୍ଧୁମାନେ ଆସି ତା'ଙ୍କୁ ଘେରି ବସି ସାହଚର୍ଯ୍ୟ ଦେଇ ତାଙ୍କ ହୃଦୟ ଭରି ଦେଉଥିଲେ ।

ପୂଜାଲାଲ ମୋ ପାଖରେ ତଥା ଅନ୍ୟ ଅନେକଙ୍କ ପାଖରେ ଜନୈକ ପ୍ରତ୍ୟକ୍ଷ ଦୃଷ୍ଟାନ୍ତମୂଳକ ବ୍ୟକ୍ତିତ୍ୱ ଭାବେ ପ୍ରତିଭାତ ହୋଇଛନ୍ତି । ସେ ଏହା ଦେଖାଇ ଯାଇଛନ୍ତି ଯେ ଗୁରୁତର ଶାରୀରିକ ଅସୁବିଧା ସତ୍ତ୍ୱେ ବି କି ଭଳି ଜଣେ ମଣିଷ ଏକନିଷ୍ଠ ଭାବେ ମଧୁର ସ୍ୱଭାବ ବିକିରଣ କରି ଶେଷଯାଏ ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରେ । ସେ ତାଙ୍କ ଆତ୍ମାର ଯେଉଁ ସମତା ଅର୍ଜନ କରିଥିଲେ ତାହା କୌଣସି ଦୃଷ୍ଟିରୁ ସାମାନ୍ୟ କୃତିତ୍ୱ ନୁହେଁ, ବରଂ ତା' ହେଲା ତାଙ୍କର ସାଧନା ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଏକାଗ୍ର ଓ ଏକଧା ଭକ୍ତିର ଫଳ । 'ପୂଜାଲାଲ' ଶବ୍ଦଟିର ଅର୍ଥହିଁ ପ୍ରାର୍ଥନା ଏବଂ ଏହି ନାମ ତାଙ୍କ ପକ୍ଷରେ ସଂପୂର୍ଣ୍ଣ ସାର୍ଥକ ।

ଉପସଂହାରରେ ଏକଥାଟି ଉଲ୍ଲେଖ କରୁଛି ଯେ ମୁଁ ଶୁଣିଛି — ତାଙ୍କର ପୂର୍ବଜନ୍ମରେ ଐତିହାସିକ ଫରାସୀ-ବିପ୍ଳବ ସମୟରେ ସେ ଆମର ଏଇ ମା'ଙ୍କୁ ଅନେକ ସାହାଯ୍ୟ କରିଥିଲେ । ତାହାରି ଫଳଶ୍ରୁତି ସ୍ୱରୂପ ତାଙ୍କର ଅଭିଯାତ୍ରୀ ଆତ୍ମା ଉପରେ ବିଶେଷ ଆଲୋକ ବର୍ଷିତ ହୋଇଥିଲା ଏବଂ ଏ ଯୁଗରେ, ଏଇ ପୃଥିବୀରେ ସେ ଦିବ୍ୟ ଆଲୋକ ସାନ୍ନିଧ୍ୟରେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ କରୁଣା ପ୍ରାପ୍ତ ହୋଇ ଧନ୍ୟ, ସୁଧନ୍ୟ ହୋଇଛନ୍ତି ।

[ମୂଳ ବାଂଲା 'ରଚନା-ବିଚିତ୍ରା'ରୁ]
ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

— ଶ୍ରୀଅରବିନ୍ଦ

# ସନାତନ ଧର୍ମ

## (୬)

## କୁମାର ଚନ୍ଦ୍ର ମିଶ୍ର

'ଉତ୍ତରପଡ଼ା ଅଭିଭାଷଣ' ଭାରତୀୟ ଜାତୀୟତା, ଧର୍ମ, ଆଧ୍ୟାତ୍ମିକତା ଓ ସଂସ୍କୃତିର ଏକ ଶାଶ୍ୱତ ଅଭିବ୍ୟକ୍ତି, ଏକ ଐତିହାସିକ ଉଦ୍‌ଘୋଷଣା । ଶ୍ରୀମଦ୍ ଭଗବଦ୍‌ଗୀତା ପରି ଏହା ମଧ୍ୟ ସ୍ୱୟଂ ଭଗବାନଙ୍କ ମୁଖ ନିଃସୃତ ବାଣୀ । ଯେତେବେଳେ ଆଲିପୁର ଜେଲରେ ଶ୍ରୀଅରବିନ୍ଦଙ୍କୁ ଏକାନ୍ତବାସରୁ ବାହାର କରି ଆଣି ଅନ୍ୟ ଅଭିଯୁକ୍ତ କଏଦୀମାନଙ୍କ ଗହଣରେ ରଖାଗଲା, – ସେ ସମୟର ଅନୁଭୂତି ସମ୍ପର୍କରେ ସେ କହନ୍ତି : ''ସେ ସମୟର ସବୁ କଥା କହିବାକୁ ମୁଁ ପ୍ରେରଣା ପାଉ ନାହିଁ, ତେବେ ଏତିକି ମାତ୍ର କୁହାଯାଇପାରେ ଯେ ଦିନ ପରେ ଦିନ ଭଗବାନ୍ ତାଙ୍କର ଆଶ୍ଚର୍ଯ୍ୟମୟ ବ୍ୟାପାରସବୁ ଦେଖାଇଲେ ଏବଂ ହିନ୍ଦୁଧର୍ମର ପୂର୍ଣ୍ଣ ସତ୍ୟ ଉପଲବ୍ଧି କରାଇଲେ । ପୂର୍ବେ ମୋ ମନରେ ବହୁତ ସଂଶୟ ଥିଲା । ମୁଁ ଇଂଲଣ୍ଡରେ ବିଦେଶୀ ବାତାବରଣ ଓ ବିଦେଶୀ ଭାବଧାରା ମଧ୍ୟରେ ପ୍ରତିପାଳିତ ହୋଇଥିଲି । ଏକ ସମୟରେ ମୋର ମନେ ହେଉଥିଲା ଯେ ହିନ୍ଦୁଧର୍ମର ଅନେକ ବିଷୟ କେବଳ କାଳ୍ପନିକ । ମୁଁ ଭାବୁଥିଲି ତାହା ମଧ୍ୟରେ ଏପରି ସବୁ ବିଷୟ ରହିଛି ଯାହା କେବଳ ସ୍ୱପ୍ନ, ଅନେକ ବସ୍ତୁ ରହିଛି ଯାହା ସବୁ ବିଭ୍ରମ ଓ ମାୟା । କିନ୍ତୁ ବର୍ତ୍ତମାନ ଦିନ ପରେ ଦିନ ଦେହ, ମନ, ହୃଦୟରେ ହିନ୍ଦୁଧର୍ମର ସତ୍ୟଗୁଡ଼ିକ ଉପଲବ୍ଧି କରିବାକୁ ଲାଗିଲି । ସେ ସତ୍ୟ ସମୂହ ମୋ ପାଖରେ ଜୀବନ୍ତ ଅଭିଜ୍ଞତାର ବିଷୟ ହୋଇ ଉଠିଲା । ଏପରି ବିଷୟ ମୋ ସମ୍ମୁଖରେ ଖୋଲିଗଲା ଯାହା ଜଡ଼ ବିଜ୍ଞାନ ମଧ୍ୟ ବୁଝାଇବାକୁ ଅକ୍ଷମ । ଯେତେବେଳେ ମୁଁ ପ୍ରଥମେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି ସେତେବେଳେ ପୂର୍ଣ୍ଣ ରୂପେ ଭକ୍ତ କିଂବା ଜ୍ଞାନୀ ରୂପେ ଅଗ୍ରସର ହୋଇ ନାହିଁ । ସ୍ୱଦେଶୀ ଆନ୍ଦୋଳନର ବହୁଦିନ ପୂର୍ବେ ଯେତେବେଳେ ପ୍ରଥମେ ମୁଁ ବରୋଦାରେ ଥିଲି ସେତେବେଳେ ମୁଁ ଭଗବାନଙ୍କ ସମ୍ମୁଖସ୍ଥ ହୋଇଥିଲି ଏବଂ ତା'ପରେ ଦେଶର କାର୍ଯ୍ୟରେ ପ୍ରବେଶ କଲି ।

ବରୋଦାରେ ଯେତେବେଳେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲି ସେତେବେଳେ ତାଙ୍କ ପ୍ରତି ମୋର ଆଦୌ ବିଶ୍ୱାସ ନଥିଲା । କାରଣ ସେ ସମୟରେ ମୋ ମଧ୍ୟରେ ଅଜ୍ଞେୟବାଦୀ, ନାସ୍ତିକବାଦୀ ଓ ସଂଶୟବାଦୀର ଭାବ ଥିଲା ଏବଂ ଭଗବାନ୍ ଯେ ଅଛନ୍ତି ମୁଁ ସେ ସମ୍ବନ୍ଧରେ ସଂଦିହାନ ଥିଲି । ମୁଁ ତାଙ୍କ ସାନ୍ନିଧ୍ୟ ଅନୁଭବ କରୁ ନଥିଲି । ତଥାପି ମୋତେ କେହି ଜଣେ ବେଦର ସତ୍ୟ, ଗୀତାର ସତ୍ୟ ଏବଂ ହିନ୍ଦୁଧର୍ମର ସତ୍ୟ ପ୍ରତି ଟାଣୁ ଥିଲେ । ମୁଁ ଏପରି ଅନୁଭବ କରୁଥିଲି ଯେ ଏହି ଯୋଗ ମଧ୍ୟରେ, ବେଦାନ୍ତ ଉପରେ ପ୍ରତିଷ୍ଠିତ ଏହି ଧର୍ମରେ କେଉଁଠାରେ ହେଲେ ଏକ ବିରାଟ ସତ୍ୟ ନିହିତ ଅଛି । ସୁତରାଂ ମୁଁ ଯେତେବେଳେ ଯୋଗ ପ୍ରତି ଆକୃଷ୍ଟ ହେଲି ଏବଂ ସ୍ଥିର କଲି ଯେ ଯୋଗାଭ୍ୟାସ କରିବି, ମୋ ଧାରଣା ଠିକ୍ କି ନାହିଁ ଦେଖିବି, ସେତେବେଳେ ମୁଁ ଏହି ଭାବ ନେଇ ଅଗ୍ରସର ହେଲି ଏବଂ ତାଙ୍କ ପାଖରେ ଏହି ପ୍ରାର୍ଥନା କଲି, ''ଯଦି ତୁମେ ଥାଅ, ତେବେ ତୁମେ ମୋ ଅନ୍ତର କଥା ଜାଣ, ତୁମେ ଜାଣ ଯେ ମୁଁ ମୁକ୍ତି ଚାହୁଁ ନାହିଁ । ଅନ୍ୟ ଲୋକେ ଯାହା ଚାହାଁନ୍ତି, ଏପରି କୌଣସି ବସ୍ତୁ ମୁଁ ଚାହୁଁ ନାହିଁ । ମୁଁ କେବଳ ଚାହେଁ ଏହି ଜାତିକୁ ଉଠାଇବାର ଶକ୍ତି ମୋତେ ଦିଅ । ମୁଁ ଚାହେଁ ମୋର ପରମ ପ୍ରିୟ ଏହି ଜାତି ସକାଶେ ମୁଁ ବଞ୍ଚିରହେ ଓ କାର୍ଯ୍ୟ କରେ, ଯେପରି ଏହି ଜାତି ଲାଗି ମୋର ଜୀବନ ଉତ୍ସର୍ଗ କରିପାରେ ।'' ଯୋଗ-ସିଦ୍ଧି ସକାଶେ ମୁଁ ବହୁତ ଦିନ ପର୍ଯ୍ୟନ୍ତ ଚେଷ୍ଟା କରିଥିଲି ଏବଂ ଅବଶେଷରେ ମୋର କେତେକ ସିଦ୍ଧି ଲାଭ ମଧ୍ୟ ହୋଇଥିଲା, କିନ୍ତୁ ଯେଉଁସବୁ ବସ୍ତୁ ପାଇବା ଲାଗି ମୁଁ ଅତ୍ୟନ୍ତ ବ୍ୟାକୁଳ ଥିଲି, ସେଥିରେ ମୁଁ ସନ୍ତୁଷ୍ଟ ହୋଇପାରି ନଥିଲି ।''

(ଉତ୍ତରପଡ଼ା ଅଭିଭାଷଣ, ପୃ. ୧୧-୧୨)

### ଭାରତର ଉତ୍ଥାନ ଅର୍ଥ ସନାତନ ଧର୍ମର ଉତ୍ଥାନ :

ମହାଯୋଗୀ ଶ୍ରୀଅରବିନ୍ଦ ଆଲିପୁର ଜେଲରେ ଶୁଣିଥିବା ଭଗବଦ୍ ବାଣୀକୁ ଉଦ୍ଧାର କରି କହୁଛନ୍ତି : ''ଏହି ଧର୍ମକୁ ଆମେ ଜଗତ୍ ସମ୍ମୁଖରେ ଉଠାଉଛୁ । ଏହି ଧର୍ମକୁ ଆମେ ମୁନି, ଋଷି ଓ ଅବତାରମାନଙ୍କ ଦ୍ୱାରା ପୂର୍ଣ୍ଣ ଓ ସର୍ବାଙ୍ଗ ସୁନ୍ଦର କରି ନିର୍ମାଣ କରିଛୁ ଏବଂ ବର୍ତ୍ତମାନ ଏହି ଧର୍ମ ଅନ୍ୟାନ୍ୟ ଜାତି ମଧ୍ୟରେ

ଆମର କାର୍ଯ୍ୟ ସାଧନ କରିବାକୁ ଯାଉଛି । ଆମ୍ଭର ବାଣୀ ପ୍ରଚାର କରିବା ଲାଗିହିଁ ଆମ୍ଭେ ଏହି ଧର୍ମ ଉଠାଇଛୁ । ଏହାହିଁ ଶାଶ୍ୱତ ସନାତନ ଧର୍ମ ଯାହାକୁ ତୁ ପୂର୍ବେ ଯଥାର୍ଥ ରୂପେ ଗ୍ରହଣ କରିପାରି ନଥିଲୁ, କିନ୍ତୁ ତାହାକୁ ବର୍ତ୍ତମାନ ଆମ୍ଭେ ତୋ ସମ୍ମୁଖରେ ପ୍ରକାଶ କଲୁ । ତୋ ଭିତରେ ଯେଉଁ ଅବିଶ୍ୱାସ ଓ ନାସ୍ତିକ ଭାବ ଥିଲା ତାହା ଦୂରୀଭୂତ ହୋଇଛି । କାରଣ ଆମ୍ଭେ ତୋତେ ଭିତରେ ଓ ବାହାରେ, ସ୍ଥୂଳ ଭାବରେ ଓ ସୂକ୍ଷ୍ମ ଭାବରେ ଏପରି ପ୍ରମାଣ ଦେଇଛୁ ଯାହା ଦ୍ୱାରା ତୁ ତୁଷ୍ଟ ହୋଇଛୁ ।

''ତୁ ଯେତେବେଳେ ବାହାରକୁ ଯିବୁ ସେତେବେଳେ ସର୍ବଦା ଏହି କଥା ଜାତିକୁ ଶୁଣାଇବୁ : ସେମାନଙ୍କର ଯେଉଁ ଉତ୍ଥାନ ହେଉଛି ତାହା କେବଳ ସନାତନ ଧର୍ମ ନିମିତ୍ତ, ସମଗ୍ର ଜଗତ୍ ନିମିତ୍ତ । ସେମାନଙ୍କ ନିଜ ନିମିତ୍ତ ନୁହେଁ । ଆମ୍ଭେ ସେମାନଙ୍କୁ ସ୍ୱାଧୀନତା ଦେଇ ଅଛୁ କେବଳ ଜଗତର ସେବା ନିମିତ୍ତ । ସେମାନଙ୍କ ନିଜ ନିମିତ୍ତ ନୁହେଁ । ସେଥିପାଇଁ ଯେତେବେଳେ କୁହାଯାଏ ଯେ ଭାରତର ଉତ୍ଥାନ ହେବ ତାହାର ଅର୍ଥ ଏହି ଯେ ସନାତନ ଧର୍ମର ଉତ୍ଥାନ ହେବ । ଯେତେବେଳେ କୁହାଯାଏ ଯେ ଭାରତ ମହାନ୍ ହେବ, ଯେତେବେଳେ କୁହାଯାଏ ଯେ ଭାରତ ବୃଦ୍ଧି ପାଇବ ଓ ପ୍ରସାରିତ ହେବ, ତାହାର ଅର୍ଥ ଏଇ ଯେ ସନାତନ ଧର୍ମ ବର୍ଦ୍ଧିତ ହେବ ଏବଂ ସମସ୍ତ ସଂସାରରେ ପ୍ରସାରିତ ହେବ । ଏହି ଧର୍ମ ସକାଶେ, ଏହି ଧର୍ମ ଦ୍ୱାରାହିଁ ଭାରତ ବଞ୍ଚି ରହିଛି । ଧର୍ମକୁ ବଡ଼ କରିବା ଅର୍ଥହିଁ ଦେଶକୁ ବଡ଼ କରିବା । ଆମ୍ଭେ ତୋତେ ଦେଖାଇ ଦେଇଛୁ ଆମ୍ଭେ ସର୍ବବ୍ୟାପୀ, ସକଳ ମନୁଷ୍ୟ ଓ ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ହୋଇ ରହିଛୁ । ଏହି ଆନ୍ଦୋଳନ ମଧ୍ୟରେ ଆମ୍ଭେ ସ୍ୱୟଂ ବିରାଜମାନ । ଯେଉଁମାନେ ଦେଶ ସକାଶେ କାର୍ଯ୍ୟ କରୁଛନ୍ତି କେବଳ ସେମାନଙ୍କ ମଧ୍ୟରେ ନୁହେଁ, ଯେଉଁମାନେ ସେମାନଙ୍କୁ ବାଧା ଦେଉଛନ୍ତି ବା ସେମାନଙ୍କ ପଥରୋଧ କରୁଛନ୍ତି, ତାଙ୍କ ମଧ୍ୟରେ ବି ଆମେ କାର୍ଯ୍ୟ କରୁଛୁ – ସମସ୍ତଙ୍କ ମଧ୍ୟରେ ବି ଆମେ କାର୍ଯ୍ୟ କରୁଛୁ । ଆଉ ଲୋକେ ଯାହା ଭାବନ୍ତୁ ବା କରନ୍ତୁ ନା କାହିଁକି, ସେମାନେ ଆମ ଉଦ୍ଦେଶ୍ୟର ସହାୟତା କରିବା ବିନା ଅନ୍ୟ କିଛି କରିପାରିବେ ନାହିଁ । ସେମାନେ ବି ଆମର କାର୍ଯ୍ୟ କରୁଛନ୍ତି । ସେମାନେ ଆମର ଶତ୍ରୁ ନୁହଁନ୍ତି – ଯନ୍ତ୍ର ମାତ୍ର । ତୋର ସର୍ବ କାର୍ଯ୍ୟରେ ତୁ ଯେଉଁଆଡ଼େ ଯାଉଛୁ ସେକଥା ନଜାଣି ମଧ୍ୟ ଅଗ୍ରସର ହେଉଛୁ । ତୁ ଗୋଟିଏ କାର୍ଯ୍ୟ କରିବାକୁ ଯାଇ ଆଉ ଗୋଟିଏ କାର୍ଯ୍ୟ କରି ବସୁ । ତୁ କୌଣସି ଏକ ଫଳକୁ ଲକ୍ଷ୍ୟ ରଖି କାର୍ଯ୍ୟ କରୁ । କିନ୍ତୁ ତୋ' ଚେଷ୍ଟାର ଫଳ ହୁଏ ଅନ୍ୟ ରୂପ ବା ବିପରୀତ । ମହାଶକ୍ତି ଆବିର୍ଭୂତା ହୋଇଛନ୍ତି ଏବଂ ଜାତି ମଧ୍ୟରେ ପ୍ରବେଶ କରିଛନ୍ତି । ବହୁକାଳ ପୂର୍ବରୁ ଆମେ ଏହି ଉତ୍ଥାନର ଆୟୋଜନ କରୁଥିଲୁ ଏବଂ ବର୍ତ୍ତମାନ ସମୟ ଆସିଛି ଆମ୍ଭେ ଏହି ଶକ୍ତିକୁ ସାର୍ଥକତା ଦିଗରେ ଚାଳିତ କରିବୁ ।'' (ଉତ୍ତରପଡ଼ା ଅଭିଭାଷଣ, ପୃ. ୧୩)

## ସନାତନ ଧର୍ମକୁ ନେଇହିଁ ଭାରତର ଜନ୍ମ :

ଶେଷରେ ମହାଯୋଗୀ କହିଛନ୍ତି : ''ପୂର୍ବେ ଥରେ ମୁଁ ଏହି ଆନ୍ତର ପ୍ରେରଣା କଥା କହିଥିଲି । ସେସମୟରେ ମୁଁ କହିଥିଲି ଯେ ଏହି ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ନୁହେଁ; ଏହା ଗୋଟିଏ ଧର୍ମ, ଗୋଟିଏ ବିଶ୍ୱାସ ଓ ଗୋଟିଏ ନିଷ୍ଠା । ମୁଁ ପୁନର୍ବାର ଆଜି ସେହି କଥା କହୁଛି, କିନ୍ତୁ ଅନ୍ୟ ପ୍ରକାରରେ ଓ ଅନ୍ୟ ଭାବରେ । ମୁଁ ଏହା କହୁ ନାହିଁ ଯେ ଜାତୀୟତା ଗୋଟିଏ ଧର୍ମ, ଗୋଟିଏ ବିଶ୍ୱାସ, ଗୋଟିଏ ନିଷ୍ଠା; **ଆମ୍ଭମାନଙ୍କ ପକ୍ଷରେ ସନାତନ ଧର୍ମହିଁ ହେଉଛି ଜାତୀୟତା ।** ଏହି ହିନ୍ଦୁ ଜାତି ଜନ୍ମ ହୋଇଥିଲା ସନାତନ ଧର୍ମ ସକାଶେ । ତାହା ସହିତ ଏ ଜାତିର ଉତ୍ଥାନ ହୁଏ ଓ ବୃଦ୍ଧି ହୁଏ । ଯେତେବେଳେ ସନାତନ ଧର୍ମର ଅଧଃପତନ ଘଟେ ସେତେବେଳେ ଜାତିର ମଧ୍ୟ ଅଧଃପତନ ହୁଏ, ଏବଂ ଯଦି ସନାତନ ଧର୍ମର ଧ୍ୱଂସ ସମ୍ଭବ ହୁଏ, ତେବେ ତାହା ସହିତ ଏହି ଜାତି ମଧ୍ୟ ଧ୍ୱଂସ ହେବ । **ସନାତନ ଧର୍ମ – ଏହାହିଁ ତା'ର ଜାତୀୟତା ।** ଏହାହିଁ ହେଉଛି ସେହି ବାଣୀ ଯାହା ତୁମ୍ଭମାନଙ୍କୁ ଶୁଣାଇବାକୁ ଥିଲା ।'' (CWSA, Vol. 8, p. 12)

## ଜୀବନରେ ଭଗବାନଙ୍କୁ ଉପଲବ୍ଧି କରିବାହିଁ ସନାତନ ଧର୍ମକୁ ବୁଝାଏ :

''ଭବିଷ୍ୟତର ପରିବର୍ତ୍ତନ ନିମିତ୍ତ ହିନ୍ଦୁ ସମାଜ ଏକ ନୂତନ ଜାଗତିକ ମାନଦଣ୍ଡ (Universal Standard) ପ୍ରତିଷ୍ଠା କରିବାରେ ନେତୃତ୍ୱ ନେବା ଆବଶ୍ୟକ । ହିନ୍ଦୁ ହୋଇ ଏହାକୁ ଆମେ ସେହି ଉପାୟରେ ଅନ୍ୱେଷଣ କରିବାକୁ ହେବ ଯାହା ଆମ ଲାଗି ଉପଯୁକ୍ତ ବା ନିର୍ଦ୍ଦିଷ୍ଟ ହୋଇ ରହିଛି । ଆମର ରହିଛି ଏକ ମାନକ (standard) ଯାହା ଏକାଧାରରେ ବିଶ୍ୱଜନୀନ,

ସୁନିର୍ଦ୍ଦିଷ୍ଟ, ଶାଶ୍ୱତଧର୍ମ – ଯାହାର ଭିତ୍ତି ହେଉଛି ନିତ୍ୟ (permanent) ଓ ଭାରତ ସହ ସଦା ସଂପୃକ୍ତ – ଯାହା ଗତିଶୀଳ, ପରିବର୍ତ୍ତନଶୀଳ, ବହୁରୂପୀ (multiform) – ଯାହାକୁ ଆମେ ହିନ୍ଦୁଧର୍ମର ଆଖ୍ୟା ଦେଇଛୁ । ତୁମେ ଯେଉଁଠି ରହିଛ ସେହିଠାରେ ଅବନତ ହୋଇ ଦୃଢ଼ଭାବେ ଲାଖି ରହିବାକୁ ଧର୍ମ କୁହାଯିବ ନାହିଁ, କିଂବା କିଛି ନଜାଣି, ନଦେଖି ଡେଇଁ ପଳାଇ ଯିବାକୁ ଧର୍ମ କୁହାଯିବ ନାହିଁ । ଆମର ଆନ୍ତର ଜୀବନରେ, ଆମର ବାହ୍ୟ ଅବସ୍ଥାନରେ, ସମାଜରେ, ଅତି କମ୍‌ରେ ବ୍ୟକ୍ତି ମଧ୍ୟରେ ଭଗବାନଙ୍କୁ ଉପଲବ୍ଧି କରିବାକୁହିଁ 'ଧର୍ମ' କୁହାଯାଏ । 'ଏଷ ଧର୍ମଃ ସନାତନଃ' । ଭଗବାନ୍ କୌଣସି ପୁରାତନ ବସ୍ତୁ ନୁହଁନ୍ତି, ମାନବ ଧର୍ମଶାସ୍ତ୍ର ନୁହଁନ୍ତି, ବିଦ୍ୟାରଣ୍ୟ ନୁହଁନ୍ତି କି ରଘୁନନ୍ଦନ ନୁହଁନ୍ତି । ସେ ନିଶ୍ଚିତ ରୂପେ ଜଣେ ୟୁରୋପିଆନ୍ ନୁହଁନ୍ତି । ଭଗବାନ୍ – ଯିଏ ମୂଳତଃ ସଚ୍ଚିଦାନନ୍ଦ ଅଟନ୍ତି – ସେ ଅଭିବ୍ୟକ୍ତ ହୁଅନ୍ତି ଦିବ୍ୟ ସତ୍ୟ, ଦିବ୍ୟ ଶକ୍ତି ଓ ଦିବ୍ୟ ପ୍ରେମ ରୂପରେ । ଯାହାକିଛି ସତ୍ୟ ସହ ସମଞ୍ଜସତା ରକ୍ଷା କରେ, ବିଷୟବସ୍ତୁ ସକଳର ନୀତି ସହ ସଙ୍ଗତି ରକ୍ଷା କରେ, ଯାହାକିଛି ମଣିଷମାନଙ୍କ ମଧ୍ୟରେ ପ୍ରେମର ସଞ୍ଚାର କରେ, ଯାହା ବ୍ୟକ୍ତି, ଜାତି, ପ୍ରଜାତି ଓ ରାଷ୍ଟ୍ରର ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରେ – ସେସବୁ ହେଲା ଦିବ୍ୟ । ଏହା ବୈବସ୍ୱତ ମନୁଙ୍କର ନୀତି, ଏହାହିଁ ହେଉଛି ସନାତନ ଧର୍ମ । କେବଳ ଭଗବାନ୍ ହେଉଛନ୍ତି ସମଞ୍ଜସତାର ତ୍ରିଧାରା (triple harmony), ସେ ଏକପାଖିଆ ବା ଏକଦିଗଦର୍ଶୀ ନୁହଁନ୍ତି । ଆମର ଭଲପାଇବା ଆମକୁ ଦୁର୍ବଳ, ଅନ୍ଧ ବା ମୂର୍ଖ କରି ଦେବ ନାହିଁ । ଆମର ଶକ୍ତି ଆମକୁ କଠୋର, ହିଂସ୍ର ବା କ୍ରୋଧାନ୍ଧ କରିଦେବ ନାହିଁ । ଆମ ନୀତି ସକଳ ଆମକୁ ମତାନ୍ଧ ବା ଭାବପ୍ରବଣ କରିଦେବ ନାହିଁ । ସ୍ଥିର, ପ୍ରଶାନ୍ତ ଚିତ୍ତରେ, ଧୈର୍ଯ୍ୟର ସହ, ନିରପେକ୍ଷ ଭାବେ ଆମେ ଚିନ୍ତା କରିଯିବା । ସମ୍ପୂର୍ଣ୍ଣରୂପେ, ତୀବ୍ରତାର ସହ ଆମେ ଭଲପାଇବା – କିନ୍ତୁ ଜଣେ ପ୍ରଜ୍ଞାବାନ୍ ବ୍ୟକ୍ତି ପରି । ବଳ, ଶକ୍ତି ଓ ମହାନତା ଯୁକ୍ତ ହୋଇ କର୍ମ କରିବା । ଯଦିଓ ଆମେ ଗୁଡ଼ାଏ ଭୁଲ୍ କରିଦେଉ, ଭଗବାନ୍ କଦାପି କୌଣସି ଭୁଲ୍ କରନ୍ତି ନାହିଁ । ଆମେ ନିଷ୍ପତ୍ତି ନେଉ ଓ କର୍ମ କରୁ, ସେ ଫଳାଫଳ ନିର୍ଦ୍ଧାରଣ କରନ୍ତି ଓ ଯାହା ସେ ନିର୍ଦ୍ଧାରଣ କରିଥା'ନ୍ତି ତାହା ସଦା ଶୁଭଙ୍କର ହୋଇଥାଏ ।''

(CWSA, Vol. 12, p. 53-54)

## ସନାତନ ଧର୍ମ ଓ ମାନବ ସମାଜ

### ହିନ୍ଦୁ ଚିନ୍ତା-ଚେତନାରେ ମାନୁଷୀ ସତ୍ତା :

''ଶାସ୍ତ୍ରସମୂହ ମଣିଷ ଲାଗି, ଦିବ୍ୟସତ୍ତାଙ୍କ ଲାଗି, ବିଶ୍ୱସତ୍ତାଙ୍କ ଲାଗି ସେହି ଏକମାତ୍ର ପଦର ବ୍ୟବହାର କରିଥାଏ – ପୁରୁଷ – ଯେପରିକି ସେ ଭଗବାନଙ୍କ ସହ ମାନବ ସମାଜର ଏକତ୍ୱ ପ୍ରତିପାଦନ କରିବା ଲାଗି ଗୁରୁତ୍ୱ ଆରୋପ କରୁଛନ୍ତି । ନର ଓ ନାରାୟଣ ହେଉଛନ୍ତି ଚିରନ୍ତନ ଶାଶ୍ୱତ ଯୋଡ଼ି । ଯଦିଓ ସେମାନେ ଦୁଇ, ତେବେ ବି ଏକ – ଚିରନ୍ତନ ଭାବେ ଦୁଇ, ଚିରନ୍ତନ ଭାବେ ଏକ । ନାରାୟଣ ଜଳରେ ବାସ କରନ୍ତି ବୋଲି ପ୍ରାଚୀନ ବ୍ୟାଖ୍ୟାକାରମାନେ କହିଛନ୍ତି, କିନ୍ତୁ ମୁଁ ଭାବେ ସେ ବରଂ ସମଗ୍ର ମାନବ ସମାଜର ମୂଳ ନିର୍ଯାସ ରୂପେ ଅଛନ୍ତି । ସେ ଯାହା ହେଉନା କାହିଁକି, ଜଣେ ନର ରହିଛି, ଜଣେ ନାରାୟଣ ରହିଛନ୍ତି – ଏ ଦୁହିଁଙ୍କୁ ପରସ୍ପରଠାରୁ କଦାପି ଭିନ୍ନ କରି ହେବ ନାହିଁ । ମୁଁ କେତେବେଳେ କେମିତି ଭାବେ – ଯିଶୁଖ୍ରୀଷ୍ଟ ଯେତେବେଳେ ଘୋଷଣା କଲେ ଯେ 'ମୁଁ ମାନବର ପୁତ୍ର' (Son of man), ପ୍ରକୃତରେ ସେ ପୁରୁଷଙ୍କୁ ଲକ୍ଷ୍ୟ କରି କହିଥିବେ । ମୁଁ କଳ୍ପନା କରି ବସେ ଯେ ଏନ୍ଥ୍ରୋପସ୍ (Anthropos) ନର ସମ୍ବନ୍ଧିତ ଗୋଟିଏ ବିକୃତ ସମଅର୍ଥ-ବୋଧକ ଗ୍ରୀକ୍ ପଦ କିଂବା କୌଣସି ସିରିଆନ୍ (Syrian) ପଦର ଅଜ୍ଞାତ ସମ୍ଭୂତ ଆକ୍ଷରିକ ଅନୁବାଦ ଯାହା 'ପୁରୁଷ'ଙ୍କୁହିଁ ବୁଝାଇ ଥାଏ ।

''ସେ ଯାହା ହେଉନା କାହିଁକି, ଏହା ନିଃସନ୍ଦେହ ରୂପେ କୁହାଯାଇପାରେ ଯେ ମଣିଷ ଲାଗି ଅନେକ ଦିବ୍ୟ ସମ୍ଭାବନା ଭରି ରହିଛି – ଭୌତିକ ବିବର୍ତ୍ତନ ଧାରାରେ ସେ କେବଳ ଏକ ଭାବ ପ୍ରକାଶକ ପଦ (term) ନୁହଁନ୍ତି – କିନ୍ତୁ ସେ ସ୍ୱୟଂ ଆଧ୍ୟାତ୍ମିକ ବିବର୍ତ୍ତନ ଲାଗି ଏକ କ୍ଷେତ୍ର ଯାହାକି ତାହାର ଉତ୍ପତ୍ତି ସହ ଆରମ୍ଭ ଓ ତାହାକୁ ନେଇହିଁ ଶେଷ ହେବ । ଯେତେବେଳେ ମଣିଷର ଆବିର୍ଭାବ ହେଲା ସେତେବେଳେ ଭଗବାନ୍ ସନ୍ତୁଷ୍ଟ ହେଲେ – ସେମାନେ ପାଶବିକ ରୂପରେଖଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଆସିଥିଲେ – ଘୋଷଣା କଲେ : 'ସୁକୃତମେବ' – ମଣିଷ ପ୍ରକୃତରେ ଅତି ଉତ୍ତମ ରୂପେ, ଚମତ୍କାର ରୂପେ ଗଠିତ; ଉଚ୍ଚତର ବିବର୍ତ୍ତନ ସଙ୍ଗଠିତ ହେବା ବର୍ତ୍ତମାନ ସମ୍ଭବ । ସେ ଭଗବାନଙ୍କ ସଦୃଶ, ଯାବତୀୟ ପ୍ରକାରର ପ୍ରାଣୀମାନଙ୍କଠାରୁ, ପଶୁମାନଙ୍କଠାରୁ ଆରମ୍ଭ କରି ଭଗବାନଙ୍କ ପର୍ଯ୍ୟନ୍ତ ଯାବତୀୟ

ମିଶ୍ରଣରେ ଗଢ଼ା – ଅସୀମ ଧାରାରେ ପରିବର୍ତ୍ତନଶୀଳ – କେଉଁଠି ସେମାନେ ସ୍ଥିର ତ କେଉଁଠି ସେମାନେ ସକ୍ରିୟ । ଯଦିଓ ସେମାନେ ଉଚ୍ଚ ସ୍ତରର, ତେବେ ସେମାନେ କୃତିତ୍ୱ ହାସଲ କରିବା କ୍ଷେତ୍ରରେ ବର୍ତ୍ତମାନ ଦେବଦୂତମାନଙ୍କ(Angels)ଠାରୁ ସାମାନ୍ୟ ନିମ୍ନ ସ୍ତରର । ତେବେ ବି ପରିଶେଷରେ ସେମାନଙ୍କର ସମ୍ଭାବ୍ୟ ସର୍ବୋଚ୍ଚ ଶୀର୍ଷତ୍ୱ (culmination) ଭଗବାନଙ୍କଠାରୁ ମଧ୍ୟ ଉଚ୍ଚ ସ୍ତରର ହୋଇପାରିବ । ଅନ୍ୟମାନେ ସ୍ଥାୟୀ ପ୍ରକାରର ବା ଅପରିବର୍ତ୍ତନୀୟ – ପଶୁ, ଦେବଗଣ, ଅସୁର, ରାକ୍ଷସ, ଅପଦେବତାଗଣ ସେମାନଙ୍କର ଉଚ୍ଚତର ବିକାଶ ଦିଗରେ ଉନ୍ନୀତ ହୋଇପାରନ୍ତି । ମାତ୍ର, ସେମାନେ ଏପରି ମଧ୍ୟାନ୍ତର (transition)କୁ ଫଳପ୍ରଦ କରିବା ଲାଗି ମନୁଷ୍ୟ ଶରୀର ଓ ପାର୍ଥିବ ଜୀବନକୁ ଆପଣେଇ ନେବାକୁ ହେବ ।''

(CWSA, Vol. 12, p. 7)

## ଧର୍ମ : ମାନୁଷୀ କର୍ମର ବିଧାନ :

''ଧର୍ମ ଏପରି ଏକ ପଦ ଯାହାର ଏକ ନୈତିକ, ବ୍ୟାବହାରିକ, ଏକ ସ୍ୱଭାବଗତ ଓ ଦାର୍ଶନିକ, ଧାର୍ମିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ବା ତାତ୍ପର୍ଯ୍ୟ ରହିଛି । ଅନ୍ୟଗୁଡ଼ିକୁ ବାଦ୍ ଦେଇ ଏସବୁର ଯେକୌଣସି ଗୋଟିଏ ଅର୍ଥରେ ଧର୍ମ ପଦଟିକୁ ବ୍ୟବହାର କରାଯାଇପାରେ । ଏହାକୁ କେବଳ ନୈତିକ ଅର୍ଥରେ କିଂବା କେବଳ ଦାର୍ଶନିକ ଅର୍ଥରେ କିଂବା କେବଳ ଧାର୍ମିକ ଅର୍ଥରେ ବ୍ୟବହାର କରାଯାଇ ନପାରେ । ନୀତିଶାସ୍ତ୍ର ଅନୁଯାୟୀ ଧର୍ମ କହିଲେ ନୀତିନିଷ୍ଠତା, ନୀତିଗତ ଆଚରଣବିଧି, ସାମାଜିକ ଓ ରାଜନୈତିକ ନ୍ୟାୟର ବ୍ୟାବହାରିକ ଗୁରୁତ୍ୱ କିଂବା ସରଳ ଭାବେ କହିବାକୁ ଗଲେ ସାମାଜିକ ବିଧିବିଧାନଗୁଡ଼ିକୁ ଯଥାର୍ଥ ରୂପେ ଅନୁସରଣ ବା ପାଳନ କରିବାକୁ ବୁଝାଏ ।

''ଭାରତୀୟ ଚିନ୍ତାଧାରାରେ ଧର୍ମ କହିଲେ କେବଳ ଶୁଭ ବା ମଙ୍ଗଳମୟତା, ସଦାଚାର, ବୈଚିତ୍ର୍ୟ, ନୈତିକତା, ନ୍ୟାୟପରାୟଣତା କିଂବା ନୀତିଶାସ୍ତ୍ର(Ethics)କୁ ବୁଝାଏ ନାହିଁ । ଏହା ହେଲା ମଣିଷର ଅନ୍ୟାନ୍ୟ ଯାବତୀୟ ସତ୍ତାମାନଙ୍କ ସହ ସମ୍ପର୍କ, ବିଶ୍ୱପ୍ରକୃତି ସହ ଓ ଭଗବାନଙ୍କ ସହ ସମ୍ପର୍କର ନିୟନ୍ତ୍ରଣ, ଦିବ୍ୟ ବିଧାନ ଅନୁଯାୟୀ କର୍ମସକଳର ଅନୁଶାସନ, ବାହ୍ୟ ଓ ଆନ୍ତର ଜୀବନର ରୂପରେଖ ନିର୍ଦ୍ଧାରଣ, ସଂସାରରେ ସମସ୍ତ ପ୍ରକାର ସମ୍ପର୍କରେ ଅନୁଶାସନ ବା ଶୃଙ୍ଖଳା ବିଧାନକୁ ବୁଝାଏ । ଆମେ ଯାହାକୁ ଧରିଥାଉ ଏବଂ ଯେ ଆମର ଆନ୍ତର ଜୀବନ ଓ ବାହ୍ୟ ଜୀବନକୁ ଧାରଣ କରିଥାଏ ସେ ଉଭୟହିଁ ହେଉଛି ଧର୍ମ । ('ଧୃ' ଧାତୁରୁ ଧର୍ମ ଶବ୍ଦର ଉତ୍ପତ୍ତି ଓ ଏହାର ଅର୍ଥ ହେଉଛି ଧାରଣ କରିବା ।) ଧର୍ମ ଶବ୍ଦର **ପ୍ରାଥମିକ** ଅର୍ଥ ହେଉଛି ଆମ ପ୍ରକୃତିର ମୂଳ ନିୟମ ଯାହାକି ଅଲକ୍ଷ୍ୟରେ ଆମର ସମସ୍ତ କର୍ମକୁ ନିୟମିତ କରିଥାଏ, ଏବଂ ଏହି ଅର୍ଥରେ ପ୍ରତ୍ୟେକଟି ଜୀବର, ପ୍ରତ୍ୟେକଟି ଶ୍ରେଣୀ, ଜାତି, ବ୍ୟକ୍ତି ଓ ଗୋଷ୍ଠୀର ନିଜ ନିଜର ଧର୍ମ ରହିଛି । **ଦ୍ୱିତୀୟତଃ** ଆମ ଭିତରେ ଭାଗବତ ପ୍ରକୃତିକୁ ବିକଶିତ ଓ ବ୍ୟକ୍ତ କରିବାକୁ ହେବ, ଏବଂ ଏହି ଦୃଷ୍ଟିରୁ ଧର୍ମର ଅର୍ଥ ହେଉଛି ଆନ୍ତର କ୍ରିୟାର ସେଇସବୁ ବିଧାନ, ଯାହାଦ୍ୱାରା ଆମ ସତ୍ତା ମଧ୍ୟରେ ଭାଗବତ ପ୍ରକୃତିର ବିକାଶ ହୁଏ । **ତୃତୀୟତଃ** ଧର୍ମର ଅର୍ଥ ହେଉଛି ସେହି ବିଧାନ ଯାହାଦ୍ୱାରା ଆମର ବହିର୍ମୁଖୀ ଚିନ୍ତା, କର୍ମ ଓ ପାରସ୍ପରିକ ଆନ୍ତର ସମ୍ବନ୍ଧକୁ ନିୟମିତ କରାଯାଇ ଭାଗବତ ଲକ୍ଷ୍ୟ ଦିଗରେ ଆମ ନିଜର ତଥା ମାନବଜାତିର ବିକାଶକୁ ସର୍ବୋତ୍ତମ ଭାବରେ ସାହାଯ୍ୟ କରାଯାଏ ।

''ଧର୍ମକୁ ସାଧାରଣତଃ ସନାତନ ବା ଅପରିବର୍ତ୍ତନୀୟ ବୋଲି କୁହାଯାଇଥାଏ; ମୂଳନୀତି ଓ ଆଦର୍ଶରେ ଏହା ମଧ୍ୟ ପ୍ରକୃତରେ ସେହିପରି, କିନ୍ତୁ ବାହ୍ୟ ରୂପ ଦିଗରୁ ଏହା ନିରନ୍ତର ପରିବର୍ତ୍ତିତ ଓ ବିକଶିତ ହୋଇ ଆସିଛି । କାରଣ ମନୁଷ୍ୟ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେହି ଆଦର୍ଶରେ ପହଞ୍ଚିପାରି ନାହିଁ ବା ତାହା ମଧ୍ୟରେ ବାସ କରିପାରି ନାହିଁ । ସେହି ଦିଗରେ ଊଣାଅଧିକେ ପୂର୍ଣ୍ଣ ଭାବରେ ଅଭୀପ୍ସା କରୁଛି ଓ ତାହାକୁ ଜାଣିବା ଓ ସିଦ୍ଧ କରିବା ଦିଗରେ ଆଗେଇ ଯାଇଛି, ଏବଂ ଏହି ବିକାଶ ଦିଗରେ ଯାହାକିଛି ଆମକୁ ଦିବ୍ୟ ଶୁଦ୍ଧି, ବିଶାଳତା, ଜ୍ୟୋତିଃ, ମୁକ୍ତି, ଶକ୍ତି, ସାମର୍ଥ୍ୟ, ଆନନ୍ଦ, ପ୍ରେମ, ଶୁଭ, ଐକ୍ୟ ଓ ସୌନ୍ଦର୍ଯ୍ୟ ଦିଗରେ ବଢ଼ି ଉଠିବା ଲାଗି ସାହାଯ୍ୟ କରେ ତାହାହିଁ ଧର୍ମ । ଏହା ବିରୋଧରେ ଏହାକୁ ଅସ୍ୱୀକାର କରୁଥିବା ଏହାର ଅନ୍ଧକାରମୟ ଛାୟା ମଧ୍ୟ ଛିଡ଼ା ହୋଇଛି, ଯାହାକି ଏହାର ବିକାଶକୁ ପ୍ରତିରୋଧ କରେ; ଏହା ବିଧାନର ଅନୁଗତ ନୁହେଁ, ଏହା ଭାଗବତ ମୂଲ୍ୟର ରହସ୍ୟକୁ ସ୍ୱୀକାର କରି ନାହିଁ ବା ସ୍ୱୀକାର କରିବାର ଇଚ୍ଛା ରଖି ନାହିଁ, ବରଂ ମନୁଷ୍ୟ ନିଜର ଅଗ୍ରଗତି ପଥରେ ଯାହାସବୁ ପରିତ୍ୟାଗ କରି ପଛରେ ପକାଇ ଦେବା କଥା, ଏହା ସେହିସବୁ ବିକୃତି ଓ ବିରୋଧର ଅଶୁଦ୍ଧି, ସଂକୀର୍ଣ୍ଣତା, ବନ୍ଧନ, ଅନ୍ଧକାର, ଦୁର୍ବଳତା, ନୀଚତା, ଅସଂଗତି,

ଦୁଃଖ, ଅନୈକ୍ୟ ବା ବିଭାଜନ (division), କୁତ୍ସିତତା ଓ କଠୋରତାର ଏକ ସାମ୍ମୁଖ୍ୟ ଛିଡ଼ା କରାଇଛି । ଏହାହିଁ ହେଉଛି ଅଧର୍ମ ଯାହାକି ଧର୍ମର ପ୍ରତିଦ୍ୱନ୍ଦ୍ୱୀ ହୋଇ ତାହାକୁ ପରାଭୂତ କରିବା ପାଇଁ ଚାହୁଁଛି । ତାହାକୁ ପଛକୁ ଓ ନିମ୍ନକୁ ଟାଣିବାକୁ ଚାହୁଁଛି, ଏହାହିଁ ହେଉଛି ପ୍ରତିକ୍ରିୟାର ଶକ୍ତି ଯାହା ଅଶୁଭ, ଅଜ୍ଞାନ ଓ ଅନ୍ଧକାରର ପଥ ପ୍ରଶସ୍ତ କରେ । ଧର୍ମ ଓ ଅଧର୍ମ ଏହି ଦୁହିଁଙ୍କ ଭିତରେ ନିରନ୍ତର ଦ୍ୱନ୍ଦ୍ୱ ଓ ସଂଗ୍ରାମ ଚାଲିଛି । କେତେବେଳେ ଏ ପକ୍ଷର ବିଜୟ ହେଉଛି ତ ଅନ୍ୟ କେତେବେଳେ ନିମ୍ନଗାମୀ ଶକ୍ତିର ପ୍ରାଧାନ୍ୟ ଦେଖା ଦେଉଛି । ବେଦରେ ଏହା ଦେବାସୁର ସଂଗ୍ରାମ – ଅର୍ଥାତ୍ ଜ୍ୟୋତିଃ ଓ ଅବିଭାଜିକା ଶକ୍ତି ଅଦିତିଙ୍କର ସନ୍ତାନ ଦେବତା ଏବଂ ଅନ୍ଧକାର ତଥା ବିଭାଜିକା ଶକ୍ତି ଦିତିଙ୍କ ସନ୍ତାନ ଅସୁରଙ୍କ ମଧ୍ୟରେ ସଂଗ୍ରାମର ରୂପକ ଭିତରେ ବର୍ଣ୍ଣିତ ହୋଇଛି ।''

(CWSA, Vol. 19, p. 169-172)

## ସନାତନ ଧର୍ମ ସମ୍ପର୍କରେ ପାଶ୍ଚାତ୍ୟ ମନୀଷୀମାନଙ୍କ ଅଭିମତ :

ସନାତନ ଧର୍ମହିଁ ଭାରତର ଶିକ୍ଷା, ସଂସ୍କୃତି, ସମାଜନୀତି, ଅର୍ଥନୀତି, ରାଜନୀତି ସବୁକିଛିକୁ ନିୟନ୍ତ୍ରଣ କରେ, ନିର୍ଦ୍ଧାରିତ କରେ । ସନାତନ ଧର୍ମହିଁ ଭାରତର ଜାତୀୟତା । ସନାତନ ଧର୍ମହିଁ ସମଗ୍ର ମାନବ ସମାଜ ଲାଗି ଭାରତର ଅନବଦ୍ୟ ଅବଦାନ । ବିଦେଶର ମନୀଷୀଗଣ ଏହି ସନାତନ ଧର୍ମ ସମ୍ପର୍କରେ ଯାହାସବୁ କହିଛନ୍ତି, ସେଥିରୁ କିୟଦଂଶ ନିମ୍ନରେ ଉପସ୍ଥାପନ କରାଯାଇଛି ।

ଆମେରିକାର ବିଖ୍ୟାତ ଲେଖକ, ବ୍ୟଙ୍ଗକାର, ବକ୍ତା କହିଛନ୍ତି : "In religion, India is the only millionaire ... the One land that all men desire to see, and having seen once, by even a glimpse, would not give that glimpse for all the shows of all the rest of the globe combined."

– Mark Twain (1835-1910)

ଅର୍ଥାତ୍, ''ଧର୍ମ ପରିପ୍ରେକ୍ଷୀରେ ଭାରତ ହେଉଛି ଏକମାତ୍ର ବିଭବଶାଳୀ ଭୂଖଣ୍ଡ ... ଏପରି ଏକ ଭୂଖଣ୍ଡ ଯାହାକୁ ଦେଖିବା ଲାଗି ସମସ୍ତେ ଲାଳାୟିତ, ଏବଂ ଥରେ ମାତ୍ର ତା'ର ଦର୍ଶନ ପାଇ, ଏକ କ୍ଷଣିକ ଝଲକ ସହ ମଧ୍ୟ ଅନ୍ୟାନ୍ୟ ସମଗ୍ର ଭୂଖଣ୍ଡର ସମ୍ମିଳିତ ଆଲୋକ ତା'ର ସମକକ୍ଷ ହୁଏ ନାହିଁ ।''

"Thus catholic minded Indian religious spirit is the way of salvation for all religions in an age in which we have to learn to live as a single family if we are not to destroy ourselves."

– Dr Arnold Toynbee

ଏହାର ଭାବାନୁବାଦ ହେଲା :

''ଯଦି ଆମେ ଆପଣାକୁ ଧ୍ୱଂସ କରି ଦେବାକୁ ନ ଚାହୁଁ ତେବେ ଉନ୍ମୁକ୍ତ ଉଦାରମନା ଭାରତୀୟ ଧାର୍ମିକ ଚେତନା ହେଉଛି ମାନୁଷୀ ସତ୍ତା ଲାଗି ଏକମାତ୍ର ମୁକ୍ତିର ପଥ – ଏହା ବିଭିନ୍ନ ଧର୍ମାବଲମ୍ବନ କରୁଥିବା ସବୁ ମଣିଷଙ୍କ ଲାଗି ପ୍ରଯୁଜ୍ୟ – ଏ ଯୁଗରେ ଆମେ ସମସ୍ତେ ଏକକ ପରିବାର ତୁଲ୍ୟ ଜୀବନ ନିର୍ବାହ କରିବା ଆବଶ୍ୟକ ।''

*

Henry David Thoreau – ଆମେରିକାର ଦାର୍ଶନିକ, ପ୍ରାବନ୍ଧିକ, କବି ଓ ପ୍ରକୃତିବିଦ୍ (Naturalist) କହିଛନ୍ତି :

"In the great teaching of Vedas, there is no touch of sectarianism. It is of all ages, climes and nationalities and is the royal road for the attainment of the great knowledge."

ଏହାର ଭାବାନୁବାଦ ହେଲା :

''ବେଦ ସମୂହର ମହାନ୍ ଶିକ୍ଷାରେ ସାଂପ୍ରଦାୟିକତାର ଲେଶ ମାତ୍ର ସ୍ପର୍ଶ ନାହିଁ । ଏହା ସବୁ ଯୁଗର, ସକଳ ଜାତିର ଓ ସମଗ୍ର ଭୂଖଣ୍ଡର ଓ ବିପୁଳ ଜ୍ଞାନ ଆହରଣ କରିବା ଲାଗି ଏକ ରାଜପଥ ।''

"Access to the Vedas is the greatest privilege this century may claim over all previous centuries."

– J. Robert Oppenheimer

ଅର୍ଥାତ୍, ''ବିଗତ ଶତାବ୍ଦୀଗୁଡ଼ିକ ତୁଳନାରେ ଏହି ଶତାବ୍ଦୀ ଦାବି କରେ ଯେ ତା'ର ସର୍ବଶ୍ରେଷ୍ଠ ସୁଯୋଗ ହେଲା 'ବେଦ' ମଧ୍ୟକୁ ପ୍ରବେଶ କରିବା ।''

“In the whole world there is no study so beneficial and so elevating as that of the Upanishads. It has been the solace of my life, it will be the solace of my death.”

– Arthur Schopenhauer

ଅର୍ଥାତ୍, ‘‘ସମଗ୍ର ବିଶ୍ୱରେ ଏପରି କୌଣସି ବିଚାର ବା ଭାବନା ନାହିଁ ଯାହା ଉପନିଷଦ୍ ପରି ଉପକାରୀ, ଉଦାର ଓ ଉତ୍ତୋଳନକାରୀ ହୋଇପାରିବ । ଏହାହିଁ ମୋ ଜୀବନର ସାନ୍ତ୍ୱନା ହୋଇ ରହିଛି ଓ ମୋର ମୃତ୍ୟୁରେ ମଧ୍ୟ ସାନ୍ତ୍ୱନା ହୋଇ ରହିବ ।’’

“After a study of some forty years and more of the great religions of the world, I find none so perfect, none so scientific, none so philosophic, and none so spiritual as the great religion known by the name of Hinduism. The more you know it, the more you will love it; the more you try to understand it, the more deeply you will value it.”

– Dr Annie Besant

ଅର୍ଥାତ୍, ‘‘ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ପୃଥିବୀର ମହାନ୍ ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ କରି ମୁଁ ଆବିଷ୍କାର କଲି ଯେ ଯେଉଁ ଧର୍ମ ହିନ୍ଦୁଧର୍ମ ନାମରେ ପରିଚିତ, ତା’ ଭଳି ପରିପୂର୍ଣ୍ଣ, ବିଜ୍ଞାନ ସମ୍ମତ, ଆଧ୍ୟାତ୍ମିକ ଓ ଦାର୍ଶନିକ ତତ୍ତ୍ୱରେ ଉତ୍କୃଷ୍ଟ ଅନ୍ୟ କୌଣସି ଧର୍ମ ନାହିଁ । ମୁଁ ତା’କୁ ଯେତେ ଅଧିକରୁ ଅଧିକ ଅଧ୍ୟୟନ କରୁଛି ଓ ବୁଝିବାକୁ ଚେଷ୍ଟା କରୁଛି, ସେତେ ଅଧିକରୁ ଅଧିକ ଗଭୀର ଭାବେ ତାହାର ମହାନତା ଅନୁଭବ କରୁଛି ।’’

*

Max Muller କହିଛନ୍ତି, “If I were to look over the whole world to find out the country most richly endowed with all the wealth, power, and beauty that nature can bestow – in some parts a very paradise on earth – I should point to India.”

ଅର୍ଥାତ୍, ‘‘ଯଦି ମୁଁ ପୃଥିବୀର କୌଣସି ପ୍ରାଚୁର୍ଯ୍ୟ ମଣ୍ଡିତ ଦେଶର ଅନ୍ୱେଷଣ କରେ – ଯେଉଁ ଦେଶ ଯାବତୀୟ ବିଭବ, ଐଶ୍ୱର୍ଯ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ଦ୍ୱାରା ସମୃଦ୍ଧ – କେତେକ ଦୃଷ୍ଟିରୁ ଭୂମଣ୍ଡଳର ସ୍ୱର୍ଗତୁଲ୍ୟ – ତେବେ ମୁଁ ଭାରତବର୍ଷକୁ ଅଙ୍ଗୁଳି ନିର୍ଦ୍ଦେଶ କରିବି ।’’

“If I were asked under what sky the human mind has most fully developed some of its choicest gifts, has most deeply pondered over the greatest problems of life, and has found solutions of some of them which well deserve the attention even of those who have studied Plato and Kant, I should point to India.”

– F. Max Müller

ଅର୍ଥାତ୍, ‘‘ମୁଁ ଯଦି ପ୍ରଶ୍ନ କରେ କେଉଁ ନଭମଣ୍ଡଳ ତଳେ ମାନୁଷୀ ମନ ତାହାର ସର୍ବୋତ୍ତମ ଉପହାରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବିକଶିତ କରି ପାରିଛି ଓ ଜୀବନର ଜଟିଳତମ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଅତି ଗଭୀର ଭାବେ ବିଚାର ଓ ବିଶ୍ଳେଷଣ କରିଛି ଓ ସେସବୁଥିରୁ କିଛି ସମସ୍ୟାର ସମାଧାନ କରିପାରିଛି ଯାହା ସେମାନଙ୍କର ନିଜସ୍ୱ – ଏପରିକି ଯେଉଁମାନେ Plato ଓ Kantଙ୍କୁ ମଧ୍ୟ ଅଧ୍ୟୟନ କରିଛନ୍ତି, ସେମାନଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିପାରିଛି – ତେବେ ମୁଁ ଭାରତ ଭୂଖଣ୍ଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବି ।’’

“And if I were to ask myself from what literature we who have been nurtured almost exclusively on the thoughts of Greeks and Romans, and of the Semitic race, the Jewish, may draw the corrective which is most wanted in order to make our inner life more perfect, more comprehensive, more universal, in fact more truly human a life ... again I should point to India.”

– F. Max Müller

ଅର୍ଥାତ୍, ‘‘ମୁଁ ଯଦି ନିଜକୁ ପ୍ରଶ୍ନ କରେ, ଆମ୍ଭେମାନେ ଏଠାରେ ୟୁରୋପରେ କେଉଁ ସାହିତ୍ୟ ଦ୍ୱାରା – ଯାହା ମୁଖ୍ୟତଃ ଗ୍ରୀକ୍ ଓ ରୋମାନ୍ ଚିନ୍ତାଧାରା ଦ୍ୱାରା ପରିପୋଷିତ – ଯିଏ ଇହୁଦୀ (Semitic) ଜାତି ବା ଜିଉମାନଙ୍କର ସେହି ସଂଶୋଧନକୁ ସ୍ୱାଗତ କରିପାରେ, ଯାହା ଆନ୍ତର ଜୀବନକୁ

ଅଧିକ ସମୃଦ୍ଧ କରିବା ଲାଗି, ଅଧିକ ପରିପୂର୍ଣ୍ଣ, ଅଧିକ ବ୍ୟାପକ, ଅଧିକ ବିଶ୍ୱଜନୀନ – ଯଥାର୍ଥରେ ଅଧିକ ଗଭୀର ଭାବରେ ମାନୁଷୀସୁଲଭ କରିପାରେ, ଯାହା କେବଳ ଏହି ଜୀବନ ଲାଗି ନୁହେଁ ବରଂ ଏକ ରୂପାନ୍ତରିତ ଶାଶ୍ୱତ ଜୀବନ ଲାଗି ନିତାନ୍ତ ଆବଶ୍ୟକ – ତେବେ ମୁଁ ପୁନର୍ବାର ଭାରତ ବର୍ଷକୁ ଅଙ୍ଗୁଳି ନିର୍ଦ୍ଦେଶ କରିବି ।''

(କ୍ରମଶଃ)

❑❑❑

# ସ୍ମିତହାସ୍ୟ ଯା'ର ଧାରା କରୁଣାର

## ପର୍ଶୁରାମ ମଲ୍ଲିକ

ଘରେ ମୋ ରହିଛି    ମାଆଙ୍କର ଛବି
ଛବି ହୋଇ ବି ଜୀବନ୍ତ
ଅଧରୁ ତାଙ୍କର    ଉକୁଟି ଉଠଇ
ଚେନା ଚେନା ସ୍ମିତ ହାସ୍ୟ । (୧)

ଭୁଲ୍‌ଟାଏ ଯେବେ    କରି ବସେ ମୁହିଁ
ସିଏ ତ ଦିଅନ୍ତି ହସି
ଦେଖାଇ ଦିଅନ୍ତି    ସୌରଦୀପ୍ତ ପଥ
ଜଣାଏ ମୁହିଁ ପ୍ରଣତି । (୨)

ସମସ୍ୟାରେ ଛନ୍ଦି    ନ ପାଇଲେ ରାହା
ନିଏ ସ୍ମିତହାସ୍ୟ ସାହା
କ୍ଷଣକ ଭିତରେ    ମିଳିଯାଏ ମୋତେ
ସମାଧାନ ତା'ର ଯାହା । (୩)

ସମୟର ସ୍ରୋତ    କରିଲେ କ୍ଷତାକ୍ତ
ସାରା ଶରୀର ଅନ୍ତର
ପ୍ରଭାବର ଛାପ    ଉକୁଟେ ଆନନେ
ବିଷାଦ ଅବା ଗମ୍ଭୀର । (୪)

ଝରି ଚାଲିଥାଏ    ତାଙ୍କ ସ୍ମିତହାସ୍ୟ
ଅବିରତ, ଅବିରାମ
ଯେ ଯାଏ ଭରିନି    ସନ୍ତାନ ମୁଖରେ
ଆନନ୍ଦ ମଧୁର ଭାବ । (୫)



ଯେବେ ଆସିଥାଏ    ଅପମାନ ବୋଝ
ଆତ୍ମୀୟଜନଙ୍କ ଠାରୁ
ଲୁହଭରା ଆଖି    ଉଠାଇ ଦେଖେ ମୁଁ
ଝରେ ଆଶ୍ୱାସ ହସରୁ । (୬)

ଆହ୍ୱାନ ତାଙ୍କର    ଊର୍ଦ୍ଧ୍ୱେ ଆରୋହଣ
ହୁଏ ମୋର ହୃଦ୍‌ବୋଧ
ଉଚ୍ଚ ଚେତନାରେ    ଅପହଞ୍ଚ ଯହିଁ
ମାନ ଅପମାନ ବୋଧ । (୭)

ମାତୃ ସନ୍ନିଧାନେ    ହୃଦୟ ଗହନେ
ସୁଧା କରିବାକୁ ପାନ
ବୁଜେ ଯେବେ ଆଖି    ହୁଏ ଅନ୍ତର୍ମୁଖୀ
ଦେଖେ ହୃଦୟେ ଆସୀନ । (୮)

ବସିଛନ୍ତି ସେ'ଠି    ହସୁଛନ୍ତି ସେ'ଠି
ସନ୍ତାନ ମୁଖକୁ ଚାହିଁ
ଅନ୍ତର ଚାହୁଁଚି    ଉଲ୍ଲାସେ ବିଭୋରେ
ତହିଁ ଲୀନ ହେବା ପାଇଁ । (୯) ❑

# ବେଷ୍ଟ ଟେନ୍‌ର ମୋହ
## ପ୍ରସାଦ ତ୍ରିପାଠୀ

ପ୍ରତ୍ୟେକ ବର୍ଷ ମ୍ୟାଟ୍ରିକ୍ ଫଳ ବାହାରିବା ସମୟରେ ଏଇ ଅବସ୍ଥା । ଫୋନ ଆସିବ –

– ଭାଇ, ଆମ ସ୍କୁଲ ଫଳ ଜାଣିଲେଣି ?

– ନାଁ, କୁହ ।

– ପୂରା ସେଣ୍ଟ ପରସେଣ୍ଟ ।

– ହଁ, ଭଲ ହେଲା ।

– କିନ୍ତୁ ସେଇ ଗୋଟିଏ ଦୁଃଖ ।

– ଦୁଃଖ ପୁଣି କ'ଣ ?

– ବେଷ୍ଟ ଟେନ୍‌ରେ କେହି ଗଲେନି ।

– ନ ଯାଆନ୍ତୁ । ବେଷ୍ଟ ଟେନ୍ ପୁଣି କ'ଣ ?

– ପ୍ରଥମ ଦଶଜଣ । ତା'ମାନେ ସବୁଠାରୁ ଭଲ କରିଥିଲେ ସମସ୍ତେ ଆମ ସ୍କୁଲକୁ ଜାଣି ଥାଆନ୍ତେ ।

– ତା'ପରେ ପୁଣି କ'ଣ ହୋଇଥା'ନ୍ତା ?

– ନାଇଁ, କିଛି ନାହିଁ ଯେ, ଏଇ ଯେମିତି ଅମୁକ ସ୍କୁଲକୁ ସମସ୍ତେ ପ୍ରଶଂସା କରୁଛନ୍ତି ... ...

– ହଁ, ହେଲା । ସେମାନଙ୍କର ପ୍ରଶଂସାର ଆବଶ୍ୟକତା ଅଛି । ତୁମର ପ୍ରଶଂସା ଆବଶ୍ୟକ କି ? ଆଚ୍ଛା, ତୁମର ପିଲାମାନେ କେତେ ନମ୍ବର ସବୁ ରଖିଛନ୍ତି ?

– ଶତକଡ଼ା ନବେରୁ ଅଧିକ ପ୍ରାୟ ଦଶ ଜଣ ରଖିଛନ୍ତି ।

– ତେବେ, ଆଉ କେତେ ରଖନ୍ତେ ? ଶହେରୁ ନବେ ରଖିଲେଣି, ଆହୁରି ପୁଣି ଅସନ୍ତୋଷ ।

– ନାଇଁ ଯେ ... ...

– ଅର୍ଥାତ୍, ଆମେ ଅନ୍ୟମାନଙ୍କଠାରୁ ଭଲ କରିବାକୁ ଚାହୁଁ । ମାତ୍ର କାହିଁକି ? ଗତବର୍ଷ ଆମ ପିଲାମାନେ ନବେ ଶତକଡ଼ା ରଖି ପାରି ନଥିଲେ ବୋଲି ମନ ଦୁଃଖ କରିଥିଲୁ । ଏ ବର୍ଷ ତେୟାନବେରୁ ଚଉରାନବେ ଶତକଡ଼ା ରଖିଲେଣି, ତଥାପି ମନ ଦୁଃଖ, କାରଣ ଅନ୍ୟମାନଙ୍କ ଠାରୁ କମ୍ ରହିଲା । ଅର୍ଥାତ୍, ଆମର କମ୍ ନମ୍ବର ଅଛି ବୋଲି ଆମର ଯେତିକି ମନ ଖରାପ ନୁହେଁ, ଅନ୍ୟମାନଙ୍କର ଆମଠାରୁ ବେଶୀ ବୋଲି ଆମର ମନ ଖରାପ ।

ସେଦିନ ଟି. ଭିରେ ଜଣେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଇଣ୍ଟରଭିଉ ଶୁଣୁଥିଲି । ସେ କହିଲେ, ମୁଁ ବେଷ୍ଟ ଟେନ୍‌ରେ ଯିବା ପାଇଁ ପଢ଼ୁ ନଥିଲି । ମୁଁ ଅନେକ ପରିଶ୍ରମ କରିଥିଲି ଏବଂ ପରୀକ୍ଷାରେ ମଧ୍ୟ ଅନୁରୂପ ଲେଖିଥିଲି । ସେଥିପାଇଁ ସନ୍ତୁଷ୍ଟ ଥିଲି । ବେଷ୍ଟ ଟେନ୍‌ରେ ଯିବା ନଯିବା ମଧ୍ୟରେ ବିଶେଷ କିଛି ମୋ' ଉପରେ ପ୍ରଭାବ ପଡ଼ିବ ନାହିଁ ।

ବାସ୍ତବିକ, ଆମକୁ ଲୋକମାନେ ଭଲ କୁହନ୍ତୁ – ଏଇଥି ପାଇଁ ଆମର ଅନେକ ବ୍ୟାକୁଳତା । ଏଇ ଭଲ କହିବା ବା ମନ୍ଦ କହିବାରେ କିଛି ଫରକ ନାହିଁ । ଏଇ ଯେମିତି ଅତୀତରେ ଯେଉଁ ସ୍କୁଲଗୁଡ଼ିକ ଖୁବ୍ ନାମ କରିଥିଲେ ଏବେ ଆଉ ସେଗୁଡ଼ିକର ନାମ ଶୁଣିବାକୁ ମିଳୁ ନାହିଁ । ସେମିତି ଏବେ ଯେଉଁମାନେ ଖୁବ୍ ଉଚ୍ଚକୋଟୀର ବୋଲି ପ୍ରଚାରିତ ହେଉଅଛି ସେମାନେ ମଧ୍ୟ ଆଉ କିଛି ଦିନ ପରେ ଆଲୋଚନାରେ ନଥିବେ । ତେଣୁ ଲୋକ ଭଲ କହିବା ପାଇଁ ଏତେ ବ୍ୟାକୁଳ କିଆଁ ? ପୁଣି ସେଇ ଭଲ ଯେଉଁ ଭଲଟି କେବଳ ବାହାରୁ । ଅର୍ଥାତ୍, କୌଣସି ସ୍କୁଲରେ ପ୍ରଥମ ଦଶଜଣଙ୍କ ମଧ୍ୟରେ କେତେଜଣ ଯାଇଛନ୍ତି ଆଉ ଫେଲ୍ ମଧ୍ୟ କେତେଜଣ ହୋଇଛନ୍ତି । ସେ ସ୍ଥାନରେ ଫେଲ୍ ହୋଇଥିବା ପିଲାମାନଙ୍କ ପ୍ରତି ଉଚିତ ନ୍ୟାୟ ଦିଆଯାଇ ନାହିଁ ବୋଲି ଭାବିବାକୁ ହେବ । ହୁଏତ କେତେଜଣଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଏବଂ ଆଉ କେତେଜଣଙ୍କ ପ୍ରତି ଆଦୌ ଦୃଷ୍ଟି ଦିଆଯାଇ ନଥାଇ ପାରେ । ଏଇ ସଫଳତାଟି କି ପ୍ରକାର ସଫଳତା ?

ପ୍ରକୃତରେ ଆମର ସ୍ୱତନ୍ତ୍ରତା ଭିତରୁ ପ୍ରକାଶ ପାଇବ, ବାହାରୁ ନୁହେଁ । ଫୁଲର ସୁବାସ ଫୁଲ ଭିତରେ ଥାଏ – ପ୍ରକାଶ ପାଏ । ଫୁଲ ଉପରେ ସେଣ୍ଟ୍ ସ୍ପ୍ରେ କରି ତାକୁ ସୁବାସିତ କରାଯାଏ ନାହିଁ । ତେଣୁ ଆମ ଭିତରୁ ଯାହା ପ୍ରକାଶ ପାଇବା କଥା ତାହା ପ୍ରକାଶ ପାଇବ । ତା' ବ୍ୟତୀତ ଆମର ଲକ୍ଷ୍ୟ ଅନୁସାରେ ହିଁ ଆମର ଉଦ୍ୟମ ହେବ । ଆମେ ଯଦି ସଫଳତା ପ୍ରତି ଲକ୍ଷ୍ୟ ରଖିଥିବା ତେବେ ସେଇ ଅନୁସାରେ ଫଳ ମିଳିବ । ଯଦି ସ୍କୁଲରେ ଭଲ ଫଳ କରିବା ଆମର ଲକ୍ଷ୍ୟ ହେବ ତେବେ ଆମ କାର୍ଯ୍ୟର ଧାରା ତାହାହିଁ ହେବ । ତେବେ ଯାହାହେଉ ଆମର ଲକ୍ଷ୍ୟ କ'ଣ ସେକଥା ବୁଝିବାକୁ ହେବ ।

ଏ ସମ୍ପର୍କରେ ମା'ଙ୍କର ଏକ ବାଣୀ ଅଛି – "Success is a harder ordeal to pass through than misfortune."(CWM., Vol. 15, p. 80) ଅର୍ଥାତ୍, ''ଦୁର୍ଭାଗ୍ୟର ବାଧାକୁ ଅତିକ୍ରମ କରିବାଠାରୁ ସଫଳତାର ବାଧାକୁ ଅତିକ୍ରମ କରିବା ଅଧିକ କଷ୍ଟକର ।'' ମା'ଙ୍କର ଏହି ବାଣୀରୁ ସ୍ପଷ୍ଟ ବୁଝି ହେବ ଯେ ସଫଳତା କେବେହେଲେ ନିରାପଦ ନୁହେଁ । ଯଦି ଆମେ ବାସ୍ତବିକ ସଫଳତା ପାଇଁ ଯୋଗ୍ୟ ହୋଇ ନଥିବା ତେବେ ଏହା ଆମକୁ ନ ମିଳିବା ଶ୍ରେୟସ୍କର । ନଚେତ୍ ସଫଳତାର ପାଲରେ ପଡ଼ି ଆମେ ତଳିତଳାନ୍ତ ହୋଇଯିବୁ ।

ଖୁବ୍ ଅଳ୍ପ ଲୋକ ଅଛନ୍ତି ଯେଉଁମାନେ ସଫଳତାକୁ ସ୍ୱାଭାବିକ ଭାବରେ ଗ୍ରହଣ କରନ୍ତି । ସଫଳତାରେ ଖୁସୀ ହେବା ସ୍ୱାଭାବିକ, ମାତ୍ର ଅସ୍ୱାଭାବିକ ଭାବରେ ଉତ୍‌ଫୁଲ୍ଲିତ ହେବା ଦ୍ୱାରା ଆମେ ସେତେବେଳେ ଅସାବଧାନ ହୋଇ ବିରୋଧୀ ଶକ୍ତିର ହାବୁଡ଼କୁ ଚାଲିଯାଉ । ପ୍ରାଣର ପ୍ରଭାବ ସେତେବେଳେ ତୀବ୍ର ଥାଏ । ତେଣୁ ସଫଳତାର ଅସଲ ଆନନ୍ଦ ଅପେକ୍ଷା ନିମ୍ନ ପ୍ରାଣର ପ୍ରଭାବରେ ଆମେ ଅଧିକ ପ୍ରଭାବିତ ହୋଇଯାଉ । ଆଉ ସେତେବେଳେ ସଚେତନ ହେବା ପ୍ରାୟତଃ ଅସମ୍ଭବ ହୋଇପଡ଼େ ଏବଂ ଆମେ ଆମ ନିଜ ଆୟତ୍ତରେ ରହି ପାରୁନା ।

ଶ୍ରୀମା କହିଲେ – ଆମର ଲକ୍ଷ୍ୟ ସଫଳତା ନୁହେଁ, ପୂର୍ଣ୍ଣତା । ଏହାର ଅର୍ଥ ପ୍ରକୃତରେ ଏହା ନୁହେଁ ଯେ ଆମ ମାର୍ଗରେ ଆଦୌ ସଫଳତା ଆସିବ ନାହିଁ । ବରଂ ଆମ ମାର୍ଗରେ ଯେଉଁ ସଫଳତା ସବୁ ଆସିବ ତାହା ବାହାରକୁ ସଫଳତା ଭଳି ଦିଶୁ ନଥିଲେ ମଧ୍ୟ ତାହାଠାରୁ ଅନେକ ଅଧିକ । କାରଣ ଏକ ମହାନ୍ ଲକ୍ଷ୍ୟ ପୂରଣ ଦିଗରେ ସେସବୁ ଏକ ଏକ ପଦକ୍ଷେପ । ଗୋଟିଏ ବିରାଟ ଅଟ୍ଟାଳିକା ଗଢ଼ା ହେଉଥିବା ବେଳେ ଯେପରି ପ୍ରଥମେ ସେହି ସ୍ଥାନରେ ଖୋଳା ହୋଇ ମାଟି କଢ଼ା ହୁଏ, ଅନେକ କାଦୁଅ ହୁଏ, ଯାହାସବୁ ବାହାରକୁ ଏକଦମ ଖରାପ ଦେଖାଯାଏ ମାତ୍ର ବାସ୍ତବରେ ତାହା ଏକ ବିରାଟ ଅଟ୍ଟାଳିକାର ପୂର୍ବ ରୂପ ।

ପୁଣି ଶ୍ରୀମା କହିଲେ, ଆମେ Brilliant Student ଚାହୁଁନା, ଆମେ ଚାହୁଁ Living Souls । ଅର୍ଥାତ୍, ତଥାକଥିତ ମେଧାବୀ ବା ବୁଦ୍ଧିମାନ୍ ଗୁଣ ଆମ ମାର୍ଗରେ ବିଶେଷ ସହାୟତା କରିବ ନାହିଁ, କାରଣ ସେ ସେତିକିରେ ସନ୍ତୁଷ୍ଟ ହୋଇ ରହିଯାଏ । ସେ ହୁଏତ ମାନସିକ ଜ୍ଞାନକୁ କିଛି ଆୟତ୍ତ କରିଥିବ, ମାତ୍ର ଶରୀରରେ ଦୁର୍ବଳ, ପ୍ରାଣରେ ଭୟାଳୁ, ଭୀରୁ ସ୍ୱଭାବର ହୋଇପାରେ କିଂବା ଅନ୍ୟାନ୍ୟ ଅନେକ ପ୍ରକାରର ଦୁର୍ବଳତା ତା'ର ଥାଇପାରେ । ମାତ୍ର ଜଣେ ଜୀବନ୍ତ ଆତ୍ମା ମଧ୍ୟରେ ତା'ର ଅଗ୍ରଗତି ପାଇଁ ଯାହା ଯାହା ଆବଶ୍ୟକ ସେସବୁ ପରିପୂର୍ଣ୍ଣ ଭାବରେ ଥାଏ । ଆମେ ସନ୍ତୁଷ୍ଟ ହେବା, ନହେବା ଆମ ଉପରେ ନିର୍ଭର କରେ; ମାତ୍ର ସେ ଆତ୍ମାଟି ଯଦି ବାସ୍ତବରେ ପୂର୍ଣ୍ଣତା ଚାହୁଁଥାଏ, ତେବେ ସେ ପୂର୍ଣ୍ଣତା ଦିଗରେ ହିଁ ଯାଏ । ତା' ଜୀବନର ବିଫଳତା ବା ପରାଜୟର କିଛି ମାନେ ନଥାଏ । ତା' ପାଇଁ ସବୁ ଅଗ୍ରଗତି । ମାର୍ଗରେ ଯାତ୍ରା କରିବା ସମୟରେ ଯଦି ଗୋଟିଏ ପାହାଡ଼ ପଡ଼େ ତେବେ ତାକୁ ଉଭୟ ଚଢ଼ିବା ଏବଂ ଓହ୍ଲାଇବା ଦରକାର । ସେଥିରୁ କାହାକୁ ସଫଳତା କହିବା, କାହାକୁ ବିଫଳତା କହିବା – ସେସବୁ କେବଳ ଅଗ୍ରଗତି ନିମନ୍ତେ ଗୋଟିଏ ଗୋଟିଏ ପଦକ୍ଷେପ । ଶ୍ରୀମା କହିଲେ, ବର୍ତ୍ତମାନ Career, Success, Money ଶିକ୍ଷା ପାଇଁ ସମସ୍ୟା ହୋଇ ଠିଆ ହୋଇଛି । ଆଜିକାଲି ପିଲାମାନେ ସ୍କୁଲ ପାଠ ପଢୁଥିବା ବେଳୁ ତାଙ୍କ ମୁଣ୍ଡରେ Engineer, Doctor, IAS ଇତ୍ୟାଦି ହେବା ପାଇଁ ଚିନ୍ତା ପ୍ରବେଶ କରିଯାଉଛି । ତେଣୁ ଶିକ୍ଷାକୁ ଶିକ୍ଷା ପାଇଁ ଗ୍ରହଣ ନକରି ଭବିଷ୍ୟତରେ କ'ଣ ହେବ ସେଥିପାଇଁ ଅଧ୍ୟୟନ କରୁଛନ୍ତି, ଏହା ସମ୍ପୂର୍ଣ୍ଣ ବିପରୀତ ମାର୍ଗ ।

ସେଥିପାଇଁ, ଅସଲ ସମସ୍ୟା ହେଉଛନ୍ତି ପିଲାମାନଙ୍କର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ । ସେମାନଙ୍କର ଚାହିଦା ବାସ୍ତବିକ ପିଲାର ଭବିଷ୍ୟତ୍ ନିର୍ମାଣ ନିମନ୍ତେ ଅନେକ ଅନ୍ତରାୟ ସୃଷ୍ଟି କରେ । ଅଧିକାଂଶ ସମୟରେ ସେମାନେ ପିଲାଟିର ସ୍ୱଭାବକୁ ଚାହିଁ, ତା'ର ଆଗ୍ରହକୁ ଚାହିଁ ତା'ର ଭବିଷ୍ୟତ୍ ସମ୍ପର୍କରେ ଚିନ୍ତା କରିବା ପରିବର୍ତ୍ତେ ନିଜ ନିଜର ଆଗ୍ରହକୁ ବା ଇଚ୍ଛାକୁ ଅତ୍ୟନ୍ତ ନିଷ୍ଠାପର ଭାବରେ ପିଲାଟି ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି । ଫଳରେ ପିଲାଟି ସ୍ୱାଭାବିକତା ହରାଇ ବସେ । ବଗିଚାର ମାଳିଟିଏ ତା' ବଗିଚାର ଫୁଲକୁ ଫୁଟାଇବା ପାଇଁ କେବଳ ଗଛ ପ୍ରତି ଯତ୍ନ ନିଏ । ତା'କୁ ଠିକ୍ ସମୟରେ ପାଣି ଦିଏ, ଖତ ଦିଏ ଏବଂ ବାହାର ଆକ୍ରମଣରୁ ରକ୍ଷା କରିବା ପାଇଁ ବାଡ଼ ବୁଜି ଦିଏ; ମାତ୍ର ତା'ର ସିଦ୍ଧାନ୍ତ ଗଛ ଉପରେ ଲଦି ଦିଏ ନାହିଁ । ଗଛର ପ୍ରସ୍ତୁତି ଏବଂ ପରିବେଶର ପ୍ରଭାବ ଇତ୍ୟାଦି ଉପରେ ନିର୍ଭର କରି କେଉଁ ଗଛରେ ଆଗ ଫୁଲ ଫୁଟେ, ଆଉ କେଉଁ ଗଛରେ ବିଳମ୍ବରେ ଫୁଟେ । ମାତ୍ର ସେ ସେଥିପାଇଁ ଗ୍ରେଡ୍ ଦେଇ ଭଲ ଗଛ, ଖରାପ ଗଛ କୁହେ ନାହିଁ, ବରଂ ବିଳମ୍ବରେ ଫୁଟୁଥିବା ଗଛ ପ୍ରତି ଅଧିକ

ଯତ୍ନ ନିଏ ଏବଂ ତା'ର ଚେଷ୍ଟା ଫଳରେ ସେଇ ଗଛଗୁଡ଼ିକରେ ମଧ୍ୟ ଅନ୍ୟ ଗଛଗୁଡ଼ିକ ଭଳି ସୁନ୍ଦର ଫୁଲ ଫୁଟେ।

ଆମ ପିଲାମାନଙ୍କ ପ୍ରତି ଆମର ଏଇ ମନୋଭାବ ରହିବା ଉଚିତ । ଆମେ କେବେହେଲେ ଭାବିବାନି ଯେ ସେମାନେ ଆମର ସମ୍ପତ୍ତି, ତେଣୁ ଆମର ସିଦ୍ଧାନ୍ତ ଅନୁସାରେ ତାଙ୍କର ଭବିଷ୍ୟତ୍ ନିର୍ଦ୍ଧାରଣ କରାଯିବ । ବରଂ ଏକଥା ଅନୁଭବ କରିବାକୁ ଚେଷ୍ଟା କରିବା ଯେ ସେ ନିଜର ଏକ ସିଦ୍ଧାନ୍ତ ନେଇ ପୃଥିବୀରେ ଜନ୍ମଗ୍ରହଣ କରିଛି । ଆମର ସମସ୍ତ ପ୍ରଚେଷ୍ଟା ତା' ଅଗ୍ରଗତିରେ ଯେପରି ସହାୟତା କରୁ । ଏପରି ମନୋଭାବ ନେଇ ଶିଶୁକୁ ଗଢ଼ିବାକୁ ଚେଷ୍ଟା କଲେ କେବେହେଲେ ସେ ମ୍ୟାଟ୍ରିକ୍ ପରୀକ୍ଷା ଦେଲାବେଳକୁ ଆଉ ବେଷ୍ଟ ଟେନ୍‌ରେ ଯାଉ ବୋଲି ଭିତରେ ବ୍ୟାକୁଳତା ଆସିବ ନାହିଁ କିଂବା ଅନ୍ୟ ସ୍କୁଲ ଆମଠାରୁ ଟପି ଗଲା ବୋଲି ଭାବିବାକୁ ସମୟ ମିଳିବ ନାହିଁ ।

('ଏବେ ବି ମନେପଡ଼େ', ଦ୍ୱିତୀୟ ଭାଗ, ପୃ. ୨୮୨-୨୮୬) ❑

## ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର – ୨୦୨୩

୭୭ତମ ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷ ୨୨.୦୫.୨୦୨୩ ତାରିଖଠାରୁ ୩୧.୦୫.୨୦୨୩ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆଳି, ଜିଲ୍ଲା : କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୦୫.୨୦୨୩ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ ଦିବ୍ୟ ଜୀବନ ଗ୍ରନ୍ଥ (Life Divine)ର ଦ୍ୱିତୀୟ ଭାଗ ପୁସ୍ତକ ଅଧ୍ୟୟନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକଶତ)ଟଙ୍କା ରଖାଯାଇଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :**

ସଡ଼କ ପଥରେ ଆସିବାକୁ ହେଲେ କଟକ/ଭୁବନେଶ୍ୱରରୁ ଆଳି (ଭାୟା - କେନ୍ଦ୍ରାପଡ଼ା) ବସ୍‌ରେ କିଂବା ଭଦ୍ରକରୁ ଆଳି ( ଭାୟା - ଚାନ୍ଦବାଲି) ବସ୍‌ରେ ଆସି ଆଳିରେ ପହଞ୍ଚି ପାରିବେ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ବିନେନ୍ଦ୍ର ଭାଇ – ୬୩୭୦୫୯୬୮୫୩; ଧରଣୀ ଭାଇ – ୯୪୩୮୦୯୦୭୮୮;
ବିପିନ୍ ଭାଇ – ୯୪୩୮୭୩୪୯୭୫

# ମା' ଓ ସନ୍ତାନ
## (୨)
### ଗୟାଧର ଦାଶ

ପ୍ରକୃତରେ ମାଆ ପରି କିଏ ହେବ ? ତା'କୁ ଭୁଲିଯିବାକୁ ଚେଷ୍ଟା କଲେ ମଧ ଭୁଲି ହୁଏନା, କାରଣ ସେ ମାଆ । ସ୍ଥୂଳ ସ୍ତରରେ ଜଣେ ମା'ଠାରୁ ଦୂରେଇ ଗଲେ ବି ସୂକ୍ଷ୍ମ ଓ କାରଣ ସ୍ତରରେ ସେ କେବେ ବି ଦୂରେଇ ଯାଇ ପାରିବ ନାହିଁ । ଯାହାର ନାଡ଼ି ସହିତ ସନ୍ତାନର ଅନ୍ତର ନାଡ଼ି ବନ୍ଧା, ଯାହାର ଭାବ ସହିତ ସନ୍ତାନର ଭାବ ଯୋଡ଼ା ହୋଇଛି – ସେହି ମାଆହିଁ ସୃଷ୍ଟି, ସ୍ଥିତି, ବିନାଶିନୀ ଓ ସର୍ବଶକ୍ତି ସମନ୍ୱିତା । ସେହିଁ ପରାପ୍ରର ଜନନୀ, ଗୁଣମୟୀ, ପରିତ୍ରାଣ ପରାୟଣୀ; ସେହିଁ ଅଗତିର ଗତି ପରମଗତି ଏବଂ ପରମ ଧାମ । ତାଙ୍କର ଚରଣ ତଳେ ଯିଏ ଆଶ୍ରୟ ନିଏ, ସିଏ ସେହି ପରମପଦ ପ୍ରାପ୍ତ କରେ । ସୁତରାଂ ମା' ଓ ସନ୍ତାନର ସମ୍ପର୍କଟି ଭାଷାରେ ପ୍ରକାଶ କରାଯାଇ ନପାରେ ।

ଶାସ୍ତ୍ରରେ ମାନୁଷୀ ଜନନୀ ଓ ସନ୍ତାନର ସମ୍ପର୍କ ବିଷୟରେ ଅନେକ କଥା କୁହାଯାଇଛି, ଅନେକ କାହାଣୀ ମଧ ରହିଛି । ସଂସାରରେ ଅନେକ ଘଟଣା ମଧ ଘଟିଯାଉଛି ଯାହା ଆମକୁ ସଚେତନ କରାଇ ଦେଉଛି ଯେ ମା' ଓ ସନ୍ତାନର ସମ୍ପର୍କକୁ ଅନ୍ୟ ସମ୍ପର୍କ ସହିତ ତୁଳନା କରାଯାଇ ପାରେନା । ମାଆର ପ୍ରେମ ପାଖରେ ଖାଦକ ତା'ର ଖାଦ୍ୟକୁ ମଧ ଭୁଲିଯାଏ ଏବଂ ଶତ୍ରୁ ମଧ ଆପଣାର ହୋଇଯାଏ । ମାତୃପ୍ରେମର ବଂଶୀସ୍ୱନରେ ପଥର ତରଳି ଯାଏ, ଉତ୍ତାଳ ସମୁଦ୍ର ଶାନ୍ତ ହୋଇଯାଏ, ଉତ୍ତୁଙ୍ଗ ପର୍ବତ ନଇଁ ଆସେ, ମରୁଭୂମିରେ ପଦ୍ମ ଫୁଟେ, ଥୁଣ୍ଟା ନିର୍ଜୀବ ଗଛଟି ପଲ୍ଲବିତ ହୋଇଯାଏ, ମୂକ କଥା କହେ, ଅନ୍ଧର ଚକ୍ଷୁରେ ରୋଷଣୀ ଭରିଯାଏ, ହତାଶା ଓ ନିରାଶା ମନରେ ଆଶାର ସଞ୍ଚାର ହୁଏ, ଅଶାନ୍ତି, ଦୁଃଖ ଯନ୍ତ୍ରଣାରେ ପ୍ରପୀଡ଼ିତ ହୃଦୟରେ ଶାନ୍ତି ଖେଳିଯାଏ, ନିର୍ଣ୍ଣିତ ମୃତ୍ୟୁ ମଧ ଅନିର୍ଣ୍ଣିତରେ ପରିଣତ ହୋଇଯାଏ । କେଉଁ ସନ୍ତାନ ପାଇଁ କ'ଣ ଆବଶ୍ୟକ ତାହା କେବଳ ମାଆହିଁ ଜାଣେ ଏବଂ ଯଥା ସମୟରେ ତାହା ପୂରଣ କରିଥାଏ । ସନ୍ତାନର ମଙ୍ଗଳ ପାଇଁ ଯାହା ଅନାବଶ୍ୟକ, ତାହାକୁ ସନ୍ତାନ ଚାହିଁଲେ ମଧ ମାଆ ତାହା ପୂରଣ କରି ନଥାଏ । ଇଚ୍ଛାପୂରଣ ନହେଲେ ସନ୍ତାନ ମାଆ ଉପରେ ଅସନ୍ତୋଷ ବ୍ୟକ୍ତ କରେ ଏବଂ ମାଆ ଠାରୁ ମୁଖ ଫେରାଇ ନିଏ । ଏହାର ଜ୍ୱଳନ୍ତ ଘଟଣାମାନ ଆମର ଦୈନନ୍ଦିନ ଜୀବନରେ ଅନବରତ ଘଟି ଚାଲିଛି । ସମୁଦ୍ର କୂଳରେ ଥାଇ ସମୁଦ୍ରର ଗଭୀରତା ମାପିବା ଧୃଷ୍ଟତାର ପରିଚାୟକ । ମାଆ ପାଖରେ ବସିଥିଲେ ମଧ ମାଆର ପ୍ରେମ ରୂପକ ସାଗରକୁ ମାପିବା କେବେ ବି ସମ୍ଭବ ନୁହେଁ । ଯିଏ ସେହି ପ୍ରେମ ସାଗରରେ ବୁଡ଼ି ରହେ ସେ କେବଳ ତା'ର ଗଭୀରତାକୁ ଆକଳନ କରିପାରେ । ନିମ୍ନରେ ଶାସ୍ତ୍ର, ପୁରାଣ, କିଂବଦନ୍ତୀ ତଥା କାହାଣୀ ମାଧମରେ ମାତୃ-ପ୍ରେମର ଦୃଷ୍ଟାନ୍ତ ଥାଇ କେତେକ ଘଟଣାର ଅବତାରଣା କରାଯାଉଛି ।

'ଟୀକା ଗୋବିନ୍ଦଚନ୍ଦ୍ର' ପୁସ୍ତକରେ ଗୋବିନ୍ଦଚନ୍ଦ୍ରଙ୍କର ମାଆ ତାଙ୍କୁ ତପସ୍ୟା କରିବା ପାଇଁ ପଠାଇଛନ୍ତି । ରାଜପ୍ରାସାଦର ସୁଖ ଭୋଗରୁ ବଞ୍ଚିତ କରାଇ ପୁତ୍ରକୁ ସନ୍ନ୍ୟାସବ୍ରତ ଅବଲମ୍ବନ କରିବା ପାଇଁ କେଉଁ ସାଧାରଣ ମାଆ ଚାହେଁ ? ଜୀବନର ରହସ୍ୟକୁ ଉଦ୍‌ଘାଟନ କରିବା ସକାଶେ ତଥା ପରିପୂର୍ଣ୍ଣତା ଲାଭ କରିବା ସକାଶେ ଟୀକା ଗୋବିନ୍ଦଚନ୍ଦ୍ରଙ୍କର ମାଆ ରାହ୍ଲାଦେବୀ ଅତି କଠୋର ହୋଇ ପୁତ୍ରକୁ ତପସ୍ୟା ପାଇଁ ପଠାଇ ଥିଲେ । ତପସ୍ୟାରେ ସିଦ୍ଧି ଲାଭ କରି ଘରକୁ ଫେରିବାରୁ ମାଆ ପୁତ୍ରକୁ ପରୀକ୍ଷା କରିବା ସକାଶେ ଖାଦ୍ୟ ପରଷି ଥିଲେ । ତରକାରିରେ ଲବଣ ପଡ଼ି ନଥିବାରୁ ଗୋବିନ୍ଦଚନ୍ଦ୍ର ମାତାଙ୍କୁ ଲବଣ ମାଗିବାରୁ ସେହି ମାଆ ପୁତ୍ରକୁ ଖାଇବା ସ୍ଥାନରୁ ଉଠାଇ ଦେଇ ପୁନଶ୍ଚ ତପସ୍ୟା କରିବା ସକାଶେ ପଠାଇ ଦେଲେ । ଯେଉଁ ସନ୍ନ୍ୟାସୀର ଖାଦ୍ୟ ପ୍ରତି ଆସକ୍ତି ରହିଛି, ଲାଳସା ରହିଛି, ସେ କି ପ୍ରକାର ସନ୍ନ୍ୟାସୀ ! ଏହା ଥିଲା ମାଆର ମନ୍ତବ୍ୟ ଏବଂ ସନ୍ତାନ ପ୍ରତି ଏହା ଥିଲା ମାଆର କର୍ତ୍ତବ୍ୟ । ସେହି କର୍ତ୍ତବ୍ୟ ପଛରେ ଲୁଚି ରହିଥିଲା ଏକ ବଳିଷ୍ଠ, ଶୁଦ୍ଧ ଓ ତ୍ୟାଗପୂତ ମାତୃ ହୃଦୟର ପ୍ରେମ ।

ଭକ୍ତ ପ୍ରହ୍ଲାଦଙ୍କ ମାତା କୟାଧୁ ଏବଂ ଧ୍ରୁବଙ୍କର ମାତା ସୁନୀତିଙ୍କ ତପଃଶକ୍ତି ଅବା ଆତ୍ମଶକ୍ତିହିଁ ସେହି ଭକ୍ତ ଦ୍ୱୟଙ୍କୁ ସୁରକ୍ଷା ପ୍ରଦାନ କରିଛି । ପିତା ହିରଣ୍ୟକଶିପୁ ପ୍ରହ୍ଲାଦଙ୍କୁ ପାହାଡ଼ରୁ ତଳକୁ ଫିଙ୍ଗିଦେଲେ କିଂବା ଅଗ୍ନିରେ ନିକ୍ଷେପ କଲେ ବି

ମାଆଙ୍କର ଭକ୍ତି ଓ ପ୍ରାର୍ଥନା ଯୋଗୁଁ ସ୍ୱୟଂ ଭଗବାନ୍ ତାଙ୍କର ସନ୍ତାନକୁ କୋଳେଇ ନେଇଛନ୍ତି ।

ଦେବୀ ସୀତା ରାଜସଭାରେ ପରୀକ୍ଷା ଦେବାକୁ ଯାଇ ମାଆ ଧରିତ୍ରୀଙ୍କୁ ତାଙ୍କ କୋଳରେ ଆଶ୍ରୟ ଦେବା ପାଇଁ ଆକୁଳ ପ୍ରାର୍ଥନା କରିବାରୁ ମାଆ ଧରିତ୍ରୀ ସ୍ୱୟଂ ତାଙ୍କୁ ଆଶ୍ରୟ ଦେଇଛନ୍ତି । ସେଠାରେ ପରମପୁରୁଷ ଶ୍ରୀରାମ, ବ୍ରହ୍ମର୍ଷି ବଶିଷ୍ଠ, ବିଶ୍ୱାମିତ୍ର ତଥା ମହର୍ଷି ବାଲ୍ମିକୀ ଓ ରାଜର୍ଷି ଜନକ ଉପସ୍ଥିତ ଥିଲେ ମଧ୍ୟ କେହି ବି ଦେବୀ ସୀତାଙ୍କୁ ମାଆର କୋଳରୁ ଟାଣି ଆଣି ପାରି ନାହାନ୍ତି ।

ରାବଣ ବଧ ନିମନ୍ତେ ଶ୍ରୀରାମଚନ୍ଦ୍ର ମା' ଦୁର୍ଗାଙ୍କର ଆଶୀର୍ବାଦ ଲାଭ କରିବା ସକାଶେ ସଂକଳ୍ପ ଅନୁସାରେ ୧୦୮ଟି କମଳ ମାତୃଚରଣରେ ଅର୍ପଣ କରିବା ସମୟରେ ଦୁଇଟି କମଳ କମ୍ ପଡ଼ିବାରୁ ସେ ନିଜର ଗୋଟିଏ ଚକ୍ଷୁ ଉତ୍ପାଟନ କରି ସମର୍ପଣ କରିବା ପରେ ଅନ୍ୟ ଏକ ଚକ୍ଷୁକୁ ଉତ୍ପାଟନ କରିବାକୁ ଯିବା ସମୟରେ ସ୍ୱୟଂ ମାଆ ତାଙ୍କର ହସ୍ତକୁ ଧରି ପକାଇ ଆଶୀର୍ବାଦ କରିଛନ୍ତି ।

ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ମା' ଲକ୍ଷ୍ମୀଙ୍କୁ ତ୍ୟାଗ କରିଥିଲେ, କିନ୍ତୁ ମାଆ ତାଙ୍କୁ ତ୍ୟାଗ କରି ନଥିଲେ । ଭକ୍ତ ବଳରାମ ଦାସ ମାଆ ଲକ୍ଷ୍ମୀଙ୍କର ଆରାଧନା ନକରି ପ୍ରଭୁ ଜଗନ୍ନାଥଙ୍କର ଉପାସନା କରୁଥିଲେ । ମାଆ ଲକ୍ଷ୍ମୀ ତାଙ୍କ ଭକ୍ତିକୁ ପରୀକ୍ଷା କରିବା ସକାଶେ ଜଗନ୍ନାଥ ଧାମର ଦଶ ମାଇଲ ଦୂରରେ ତାଙ୍କର ମୃତ୍ୟୁ ଘଟିବ ବୋଲି ଯେଉଁ କଠୋର ଉକ୍ତି ପ୍ରକାଶ କରିଥିଲେ ତାହା ପରବର୍ତ୍ତୀ ସମୟରେ ସନ୍ତାନ ପାଇଁ ବରଦାନରେ ପରିଣତ ହୋଇଛି, କାରଣ ଶେଷ ମୁହୂର୍ତ୍ତରେ ସ୍ୱୟଂ ଲକ୍ଷ୍ମୀ ନାରାୟଣ ତାଙ୍କୁ ଦେଖାଦେଇ ଆଶୀର୍ବାଦ କରିଛନ୍ତି ।

ମା' ମଦାଳସା ତାଙ୍କର ସାତଟି ପୁତ୍ରଙ୍କୁ ଜୀବନର ମହାନ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆଧ୍ୟାତ୍ମିକ ଜୀବନ ବରଣ କରିବାକୁ ପରାମର୍ଶ ଦେଇଥିଲେ ।

ସତୀ ଅନୁସୂୟା ବ୍ରହ୍ମା, ବିଷ୍ଣୁ, ଶିବଙ୍କୁ ନିଜର ମାତୃଶକ୍ତି ଦ୍ୱାରା ଶିଶୁ ପୁତ୍ରରେ ପରିଣତ କରାଇ କ୍ଷୀରପାନ କରାଇ ଥିଲେ । କୁନ୍ତୀ ପୁତ୍ର ଅର୍ଜୁନ ଲାଖ ବିନ୍ଧାରେ ଉତ୍ତୀର୍ଣ୍ଣ ହୋଇ ଦ୍ରୌପଦୀଙ୍କୁ ଧରି ଘରକୁ ଫେରି ଆସି ମାଆଙ୍କୁ କହିଲେ – ମା' ଆମେ ଗୋଟିଏ ଭଲ ଜିନିଷ ଆଣିଛୁ । ମା' କହିଲେ ସମସ୍ତେ ବାଣ୍ଟି କରି ଖାଅ । ମାଆଙ୍କର ଏହି ବାଣୀ ଥିଲା ସତ୍ୟର ବାଣୀ ଯାହାକୁ ପାଣ୍ଡବ ପାଞ୍ଚ ଭାଇ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ସେହି ମାଆ କୁନ୍ତୀଙ୍କର ତ୍ୟାଗ ଓ ତପସ୍ୟାର ଶକ୍ତି ସନ୍ତାନମାନଙ୍କୁ ନାନା ବିପଦରୁ ରକ୍ଷା କରିଥିଲା ।

ବୀର ହନୁମାନ ନିଜର ହୃଦସିଂହାସନରେ ରାମ ଓ ସୀତାଙ୍କୁ ବସାଇଥିଲେ । ତାଙ୍କର ହୃଦୟ ମା' ସୀତାଙ୍କର ଦୁର୍ଦ୍ଦିନରେ ଯେପରି ଉଦ୍‌ବେଳିତ ହେଉଥିଲା, ମା' ସୀତାଙ୍କର ହୃଦୟ ମଧ୍ୟ ହନୁମାନଙ୍କ ପାଇଁ ପ୍ରେମରେ ଉଛୁଳି ଉଠୁ ଥିଲା ।

ଦୁର୍ଯ୍ୟୋଧନ ନିଜର ମାତା ଗାନ୍ଧାରୀଙ୍କ ଠାରୁ ମହାଭାରତ ଯୁଦ୍ଧରେ ବିଜୟଲାଭ କରିବା ସକାଶେ ଆଶୀର୍ବାଦ ଭିକ୍ଷା କରିବାରୁ ଗାନ୍ଧାରୀ କହିଲେ,–

ଯାଅ ବୀର ରଣେ
ଧରଣୀ ବକ୍ଷୁଁ ପାପରାଶି ହେଉ କ୍ଷୟ,
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।

(ଗାନ୍ଧାରୀର ଆଶୀର୍ବାଦ, କବିତା ପ୍ରବେଶ, ପୃ. ୨୧୭)

ଏହା ଥିଲା ଏକ ନିରପେକ୍ଷ, ସଚ୍ଚା ମାତୃ ହୃଦୟର ଆଶୀର୍ବାଦ ।

ଯମଦଗ୍ନିଙ୍କ ପୁତ୍ର ପର୍ଶୁରାମ ପିତାଙ୍କର ଆଜ୍ଞାରେ ମାତା ରେଣୁକାଙ୍କୁ ହତ୍ୟା କରିଥିଲେ । ସେ କିନ୍ତୁ ତାଙ୍କର ମାଆଙ୍କୁ ବହୁତ ଭଲ ପାଉଥିଲେ । ମାଆ ବିନା ଏହି ଜଗତର ଅସ୍ତିତ୍ୱ ନାହିଁ ବୋଲି ସେ ଜାଣିଥିଲେ । ତେଣୁ ପିତା ଯେତେବେଳେ ପର୍ଶୁରାମଙ୍କୁ ବର ମାଗିବାକୁ କହିଲେ ସେ ତାଙ୍କର ମାଆଙ୍କୁ ଫେରାଇ ଦେବାକୁ କହିଥିଲେ ଏବଂ ଯମଦଗ୍ନି ରେଣୁକାଙ୍କୁ ଜୀବନ ଦାନ ଦେଇ ଥିଲେ ।

ଏସମ୍ପର୍କରେ ଅନ୍ୟ ଏକ କାହାଣୀ : ଏକଦା ଜଣେ ସ୍ତ୍ରୀ ଲୋକ ଅନ୍ୟ ଜଣେ ନାରୀର ଶିଶୁ ସନ୍ତାନକୁ ଚୋରି କରି ନିଜର ସନ୍ତାନ ବୋଲି ଦାବି କରିବାରୁ, ନ୍ୟାୟ ପାଇଁ ଉଭୟ ରାଜ ଦରବାରରେ ଉପସ୍ଥିତ ହେଲେ । ରାଜା ଅନେକ ଉପାୟ ଅବଲମ୍ବନ କରି ମଧ୍ୟ ସମସ୍ୟାଟିର ସମାଧାନ କରିପାରିଲେ ନାହିଁ । ଶେଷରେ ଶିଶୁଟିକୁ ମଝିରୁ କାଟି ଦୁଇଭାଗ କରି ଦେଇ ଦୁଇ ମାଆଙ୍କୁ ଦେବା ପାଇଁ କହିବାରୁ ଚୋରି କରିଥିବା ସ୍ତ୍ରୀ ଲୋକଟି ତାହା ଯଥାର୍ଥ ବୋଲି କହିଥିଲା; କିନ୍ତୁ ତା'ର ଜନ୍ମିତ ମାଆ କାନ୍ଦି ଉଠିଛି, ମାତୃ ହୃଦୟ ତା'ର ଅସହ୍ୟ ବେଦନାରେ କମ୍ପି ଉଠିଛି ଏବଂ ସେ ତାହାର ଶିଶୁ ପୁତ୍ରଟିକୁ ସେହି ନାରୀକୁ ଦେଇ ଦେବା ପାଇଁ ରାଜାଙ୍କୁ ପ୍ରାର୍ଥନା କରିଛି । ଏହା ମଧ୍ୟ ସେ କହିଛି ଯେ ମୋର ସନ୍ତାନ ଅକ୍ଷତ ରହୁ, ଯେଉଁଠି ଥାଉ ପଛେ ସୁଖରେ ରହୁ । ତା'ର ମଙ୍ଗଳ ହେଉ । ଏଥିରୁ ରାଜା ନିଜେ

ହୃଦୟଙ୍ଗମ କରିଛନ୍ତି ଯେ ଶିଶୁଟିର ପ୍ରକୃତ ମାଆ କିଏ ? ସେ ସେହି ନାରୀଟିକୁ ତା'ର ଅପରାଧ ପାଇଁ ଦଣ୍ଡ ବିଧାନ କରିଛନ୍ତି ଏବଂ ଶିଶୁଟିକୁ ତା'ର ପ୍ରକୃତ ମାଆକୁ ଫେରାଇ ଦେଇଛନ୍ତି । ଏହା ଥିଲା ମାତୃ ହୃଦୟର ଜ୍ୱଳନ୍ତ ନିଦର୍ଶନ ।

ପଶୁମାନଙ୍କୁ ନେଇ ମଧ୍ୟ ଅନେକ କାହାଣୀ ରହିଛି ଯାହା ମା' ଓ ସନ୍ତାନର ସମ୍ପର୍କକୁ ଆହୁରି ଜୀବନ୍ତ କରି ତୋଳିଛି ।

ବଉଳା ଗାଈ ବ୍ୟାଘ୍ରକୁ ପ୍ରତିଶ୍ରୁତି ଦେଇଛି – ସେ ତା'ର ଛୁଆକୁ କ୍ଷୀର ପାନ କରାଇ ଫେରି ଆସିବ । ଛୁଆକୁ କ୍ଷୀର ପାନ କରାଇବା ସହ ଶେଷ ଆଶୀର୍ବାଦ ଦେଇ ସେ ବ୍ୟାଘ୍ର ପାଖକୁ ଫେରି ଆସିବା ପରେ ଖାଦକ ବ୍ୟାଘ୍ରର ମଥା ମାଆର ସତ୍ୟବାଦିତା, ପ୍ରେମ ଓ ତ୍ୟାଗ ପାଖରେ ନଇଁ ଯାଇଛି ।

ବାଘୁଣୀଟିଏ ଶିକାର କରିବାକୁ ଯାଇ ନିରାଶ ହୋଇ ଫେରି ଆସି ଦେଖେ ଯେ ଭୋକରେ ଆଉଟୁପାଉଟୁ ହେଉଥିବା ତା'ର ଶିଶୁ ଦୁଇଟି ଅଦୂରରେ ଛିଡ଼ା ହୋଇଥିବା ଗାଈ ଠାରୁ ଆନନ୍ଦରେ କ୍ଷୀର ପାନ କରୁଛନ୍ତି । ବାଘୁଣୀ ଭୁଲି ଯାଇଛି ଖାଦ୍ୟ ଓ ଖାଦକ ମଧ୍ୟରେ ଥିବା ସମ୍ବନ୍ଧକୁ, ସେତେବେଳେ ବାଘୁଣୀ-ମାଆର ହୃଦୟ ଗାଈ-ମାଆର ମମତା ପାଇଁ କୃତଜ୍ଞତା ଜଣାଇଛି । ଗାଈ-ମାଆଟି ନିଜର ମୃତ୍ୟୁକୁ ଭ୍ରୁକ୍ଷେପ ନକରି ଶିଶୁ ଦୁଇଟିର ଜୀବନ ବଞ୍ଚାଇବା ଶ୍ରେୟସ୍କର ବୋଲି ମନେ କରି ନିଜର କର୍ତ୍ତବ୍ୟ ପାଳନ କରିଛି ।

ଶିଶୁ ସନ୍ତାନଟିକୁ ଗଛ ମୂଳରେ ଶୁଆଇ ଦେଇ ମାଆ ପାଣି ଆଣି ଦେଖେ ଯେ ଶିଶୁର ମୁଖରେ ଟାଣଖରା ପଡ଼ିଥିବାରୁ ବିଷଧର ସର୍ପଟିଏ ନିଜର ଫଣା ଟେକି ଛାୟା ପ୍ରଦାନ କରୁଛି । ବିଷଧର ସର୍ପର ଯଦି ଶିଶୁ ସନ୍ତାନ ପାଇଁ ଏତେ ମମତା ତେବେ ମାନୁଷୀ ମାଆଟିର ମମତାରେ କାହିଁକି ଊଣା ହେବ ! ମାନୁଷୀ ମାଆଟି ଗଛମୂଳକୁ ଯାଇ ଥଳିରେ ଥିବା ବୋତଲରୁ କ୍ଷୀର ଢାଳି ସର୍ପକୁ ଖାଇବାକୁ ଦେବାରୁ ସର୍ପଟି ତାହା ଖାଇ ଆନନ୍ଦରେ ଚାଲି ଯାଇଛି ।

ମନୁଷ୍ୟ ଓ ଗୃହପାଳିତ ପଶୁ ଭିତରେ ଥିବା ଅନ୍ୟ ଏକ ଉଦାହରଣ : ସୁଲତାନ୍ ଜଗିଛି । ସୁଲତାନ୍ ହେଉଛି ଗୋଟିଏ କୁକୁରର ନାମ । ପପୁ ଏକ ତିନିବର୍ଷର ବାଳକ । ପପୁର ମାଆ ସୁଲତାନ୍‌କୁ ଦ୍ୱାର ପାଖରେ ବସି ପପୁକୁ ବାହାରକୁ ନଛାଡ଼ିବା ପାଇଁ କହି ଦେଇ ସ୍ନାନ କରିବାକୁ ଯାଇଛନ୍ତି । ପପୁ ଆସି ସୁଲତାନ୍‌କୁ ବାଟ ଛାଡ଼ି ଦେବାପାଇଁ ଯେତେ କହିଲେ ମଧ୍ୟ ସେ ଶୁଣୁ ନାହିଁ । ବିରକ୍ତ ହୋଇ ପପୁ ଗୋଟିଏ ବାଡ଼ି ଆଣି ସୁଲତାନ୍‌କୁ ପିଟିଛି ଏବଂ ବିଚରା ସୁଲତାନ୍ କଷ୍ଟ ହେଲେ ମଧ୍ୟ ଚିତ୍କାର କରୁଛି; କିନ୍ତୁ ବାଟ ଛାଡୁ ନାହିଁ । ସୁଲତାନ୍‌ର ଚିତ୍କାର ଶୁଣି ପପୁର ମାଆ ଆସି ପପୁକୁ ପିଟିବାରୁ ନିବୃତ୍ତ କରାଇ କହିଲେ ଯେ ସୁଲତାନ୍ ତୋ'ର ବଡ଼ ଭାଇ । ତୋତେ ବାହାରକୁ ନ ଛାଡ଼ିବା ପାଇଁ ତାକୁ ମୁଁ କହିଥିଲି । ସେ ବଡ଼ଭାଇର କର୍ତ୍ତବ୍ୟ କରିଛି । ସେଥିରେ ତା'ର ଦୋଷ ନାହିଁ । ପପୁ କହିଲା – ତୁ କ'ଣ କୁକୁରର ମାଆ କି ? ମାଆ କହିଲେ – ହଁ, ମୁଁ ସୁଲତାନ୍‌ର ମାଆ । ମାଆ ପାଖରେ ପଶୁପକ୍ଷୀ, ସରୀସୃପ, ମଣିଷ ସମସ୍ତେ ସମାନ । ସମସ୍ତେହିଁ ମାଆର ସନ୍ତାନ । ତୋ'ପରି ତାକୁ ମଧ୍ୟ ଲାଳନପାଳନ କରୁଛି । ସୁଲତାନ୍‌କୁ ଛାଡ଼ି ଆମ ଘରେ ପାରା, ଶୁଆ, ବିଲେଇ ମଧ୍ୟ ଅଛନ୍ତି । ସମସ୍ତଙ୍କର ମୁଁ ମାଆ ।

ଆଜିର ଦୁନିଆରେ ଏପରି ଏକ ଘଟଣା ଘଟିଛି ଯାହା ମାଆ ନାମଟିର ସାର୍ଥକତାକୁ ଜୀବନ୍ତ କରିଛି । ମାଆଟି କେତେ କଷ୍ଟ କରି ସନ୍ତାନକୁ ବଡ଼ କଲା ପରେ ସେହି ସନ୍ତାନଟି ଭଲ ଚାକିରିଟିଏ ପାଇ ବିବାହ କରିଛି ଏବଂ କିଛି ଦିନ ପରେ ମା'ର ମମତାକୁ ଭୁଲି ଯାଇ ତାକୁ ଘରୁ ତଡ଼ି ଦେଇଛି । ସେହି ମାଆ ରାସ୍ତା କଡ଼ରେ ଭିକ ମାଗୁଛି । ଏକଦା ସେହି ରାସ୍ତା ଦେଇ ଯିବା ସମୟରେ ଅନ୍ୟ ଏକ ଗାଡ଼ିର ଧକ୍କା ଖାଇବା ଦ୍ୱାରା ପୁଅଟି ରାସ୍ତାକଡ଼ରେ ମୃତବତ୍ ପଡ଼ି ରହିଛି ଏବଂ ପୁତ୍ରବଧୂ ଘଟଣା ସ୍ଥଳରେ ମରି ଯାଇଛି । ରାସ୍ତାରେ କୋଳାହଳ ଦେଖି ମାଆଟି ସେହି ଦିଗକୁ ଆକର୍ଷିତ ହୋଇଛି ଏବଂ ପୁତ୍ରକୁ ଦେଖି ଚିହ୍ନି ପାରିଛି । ମାଆର ଆଖିରୁ ଧାର ଧାର ଲୁହ ଗଡ଼ି ଯାଇଛି ଏବଂ ସେ ଅନ୍ୟମାନଙ୍କର ସାହାଯ୍ୟରେ ପୁତ୍ରକୁ ଡାକ୍ତରଖାନାକୁ ନେଇଛି ଏବଂ ସେବା ଶୁଶ୍ରୁଷା ଦ୍ୱାରା ପୁତ୍ରଟି ସୁସ୍ଥ ହୋଇଛି । ପୁତ୍ରଟି ତା'ର ଭୁଲ୍ ବୁଝି ପାରିଛି । ଏହା ହେଉଛି ମାଆର ସନ୍ତାନ ପ୍ରତି ଥିବା ଅହେତୁକ ପ୍ରୀତି, ମାଆ ଓ ସନ୍ତାନ ମଧ୍ୟରେ ଥିବା ଅଭେଦ ସମ୍ପର୍କର ନିଛକ ଦୃଷ୍ଟାନ୍ତ ।

ପରିସ୍ଥିତି ଅନୁସାରେ ବ୍ୟକ୍ତିର ଚରିତ୍ର ଭିନ୍ନ ପ୍ରକାରର ହୋଇପାରେ । ସ୍ଥାନ, କାଳ, ପାତ୍ର ଭେଦରେ ମନୁଷ୍ୟର ପ୍ରକୃତି ସମାନ ନ ହୋଇପାରେ; କିନ୍ତୁ ମାଆ କେବେ କୁମାତା ହୋଇ ପାରେନା । ମାତୃ ହୃଦୟର ପ୍ରେମଭାବ ସତତ ସ୍ୱଚ୍ଛ ଜଳଧାରା ପରି ପ୍ରବାହିତ ହୋଇଥାଏ । ଏହାକୁ କିଏ ବୁଝୁ ବା ନ ବୁଝୁ, ମାଆଟି ବୁଝିଥାଏ – ଯାହା ମା' କୁନ୍ତୀହିଁ ବୁଝିଥିଲେ । ଜ୍ୟେଷ୍ଠପୁତ୍ର କର୍ଣ୍ଣକୁ କୁନ୍ତୀ ଅନ୍ୟ ପୁତ୍ରମାନଙ୍କଠାରୁ ଦୂରେଇ ରଖିଥିଲେ ବି ତାଙ୍କର ମାତୃ ହୃଦୟ କର୍ଣ୍ଣ ପାଇଁ ଝୁରି ହେଉଥାଏ ।

ଅର୍ଜୁନଙ୍କ ଦ୍ୱାରା କର୍ଣ୍ଣଙ୍କର ବଧ ହେବା ପରେ ତାଙ୍କର ମାତୃ ହୃଦୟଟି କାନ୍ଦି ଉଠିଛି ଏବଂ ଜ୍ୟେଷ୍ଠପୁତ୍ର କର୍ଣ୍ଣଙ୍କର ପରିଚୟ ଦେଇ ସେ ଅନ୍ୟ ପାଞ୍ଚଭାଇଙ୍କୁ ତାଙ୍କର ଶେଷକୃତ୍ୟ ସମାପନ କରିବା ପାଇଁ କହିଛନ୍ତି ।

ଏହିପରି ଅନେକ ଉଦାହରଣ ଦେଇ ଚାଲିଲେ ବି ମା' ଓ ସନ୍ତାନର ସମ୍ପର୍କକୁ ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ମାନୁଷୀ ମାଆର ତା' ସନ୍ତାନ ପ୍ରତି ଏପରି ଦରଦୀ ହୃଦୟ ଯଦି ରହିପାରେ ତେବେ ଦିବ୍ୟଜନନୀଙ୍କ କଥା ଆମେ ଅବା କ'ଣ କହିପାରିବା !

(କ୍ରମଶଃ) ❑

# ଆସ୍ପୃହା

## ଜ୍ୟୋସ୍ନାରାଣୀ ଦାଶ

ଅନ୍ତରେ ମୋ ବିରାଜିତ ଦେବତାର ଶକ୍ତି
ଦେବତାର ଗୁଣଧର୍ମ ଦିବ୍ୟ ଅଭିବ୍ୟକ୍ତି
ବିଶ୍ୱାସ ରହିଛି
ସବୁ ଅସମ୍ଭବ ଟପି
ସବୁ ଅଜ୍ଞାନତା ଠେଲି
ଅହଂମୁକ୍ତ ହୋଇ, ନିଶ୍ଚେ ଦିନେ
ଦେବତା ମୁଁ ହେବି ।୧।

ତଥାପି ମୋ ବର୍ତ୍ତମାନ ଜୀବନ ସ୍ଥିତିରେ
ପୃଥିବୀ ଉପରେ ଘୁସୁରି ଘୁସୁରି ଚାଲୁଥିବା
କୀଟଟିଏ ଠାରୁ
ମୁଁ ଆଦୌ ଭିନ୍ନ ନୁହେଁ
କୌଣସି ଗୁଣରେ ।
ସେହି କାରଣରୁ
ଜୀବନ ମୋ ତୁଚ୍ଛ ଲାଗେ
ଅବସାଦ ଭରି ଯାଏ
କ୍ଷଣେ ଅନୁକ୍ଷଣେ ।୨।

ଏସବୁ ଊର୍ଦ୍ଧ୍ୱରେ
ତୁମ ଶ୍ରୀଚରଣେ ରଖିଅଛି
ଅତୁଟ ଭରସା
ଅଟଳ ବିଶ୍ୱାସ ଆଉ
ପରିପୂର୍ଣ୍ଣ ସମର୍ପଣ ଭାବ ।୩।

ଯାହା କିଛି ଅଛି ମୋ ଭିତରେ
ବାଧା ଆଉ ବନ୍ଧନର ଗ୍ରନ୍ଥି
ତୁମେ ନିଶ୍ଚେ ଛିନ୍ନ କରିଦେବ
ତୁମ ଦିବ୍ୟ ପରଶରେ
ତୁମରି ସାନ୍ନିଧ୍ୟେ ।୪।

ଶୂନ୍ୟ ମୋର ଜୀବନକୁ ପୂର୍ଣ୍ଣ କରିଦେବ
ମାଟିର ମଣିଷଟାକୁ
ଅରୂପର ସ୍ୱରୂପରେ
ରୂପ ଦେବ ତୁମେ
ତୁମର ସେ ଦିବ୍ୟ ସଂକଳ୍ପରେ ।୫। ❑



ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା

## (୯)

**ଏକ ଦୃଢ଼ ଅଗ୍ର ପଦକ୍ଷେପ :**

'ଏକଲବ୍ୟର ସାଧନା'ର ଧାରାବାହିକ ପ୍ରବନ୍ଧମାଳାର ଉପସଂହାର ପର୍ଯ୍ୟାୟରେ ଆମେ ସୁଧୀ ପାଠକମାନଙ୍କୁ ଏକଲବ୍ୟର ପରବର୍ତ୍ତୀ ଜୀବନ-ବୃତ୍ତାନ୍ତ ସମ୍ବନ୍ଧରେ ପଧେ-ଅଧେ କହିବାକୁ ଆଶା ପୋଷଣ କରିଛୁ । ବିଶେଷତଃ ଯୁବ ପିଢ଼ିର ପାଠକମାନଙ୍କ ସକାଶେ ଏହା ଉପାଦେୟ ହେବ ବୋଲି ଦୃଢ଼ ପ୍ରତ୍ୟୟ ହେବାରୁ ଏଥିରେ ଆଗ୍ରହାନ୍ୱିତ ହୋଇଛୁ –

ପ୍ରଥମରୁହିଁ ଏକଲବ୍ୟଙ୍କ ଜୀବନର ଏକ ମହଦାକାଙ୍କ୍ଷା ଥିଲା ତଦାନୀନ୍ତନ ପୃଥିବୀରେ ଏକ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ହୋଇ ଉଠିବା । ... ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ଗୁରୁ-ଦକ୍ଷିଣା ସ୍ୱରୂପ ତାଙ୍କରି ନିର୍ଦ୍ଦେଶରେ ନିଜର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଷ୍ଠି ଅର୍ପଣ କରିବା ପରେ ମଧ୍ୟ ତାଙ୍କର ସେହି ଆକାଂକ୍ଷା ଆହୁରି ବଳବତ୍ତର ହୋଇଉଠିଛି । ତାଙ୍କ ଭବିଷ୍ୟତ୍ ଜୀବନର ଏକମାତ୍ର ଲକ୍ଷ୍ୟ ହୋଇ ଉଠିଛି – ବିନା ବୃଦ୍ଧାଙ୍ଗୁଷ୍ଠିରେ ସେ (ଅର୍ଜୁନଙ୍କ ଠାରୁ ବି) ଅଧିକତର ଅସାଧାରଣ ସାମର୍ଥ୍ୟଯୁକ୍ତ ଅପରାଜେୟ ଧନୁର୍ଦ୍ଧର ହେବେ । କିନ୍ତୁ ପ୍ରକୃତରେ ଏହା ଥିଲା ତାଙ୍କର ସ୍ୱାଭିମାନ । ଏହା ଅସମ୍ଭବ ଭାବରେ ବୃଦ୍ଧି ପାଇବାରୁ ସେ କ୍ରମଶଃ ଧର୍ମ-ପଥରୁ ବିଚ୍ୟୁତ ହୋଇ ତାଙ୍କର ପାରଦର୍ଶିତାକୁ ପ୍ରମାଣ କରିବା ଉଦ୍ଦେଶ୍ୟରେ ଅଗ୍ର ପଦକ୍ଷେପ ନେଇଛନ୍ତି । ... ଏପରିକି ଯାଦବ ବଂଶର ସମ୍ଭାବ୍ୟ ଶତ୍ରୁ ରୂପେ ଭୟ ଦେଖାଇ ସେ ସେମାନଙ୍କ ଭିତରେ ଆତଙ୍କ ସୃଷ୍ଟି କରିଛନ୍ତି ଏବଂ ଭବିଷ୍ୟତରେ ନିଜେ ହସ୍ତିନାପୁରର ଏକ ସନ୍ତ୍ରାସବାଦୀ ରୂପେ ଗଣ୍ୟ ହୋଇ ଉଠିଛନ୍ତି ।

ଆରମ୍ଭରୁହିଁ ଉଲ୍ଲେଖ କରିଛୁ ଯେ ଏକଲବ୍ୟ ଥିଲେ ଶ୍ରୀକୃଷ୍ଣଙ୍କର ସମ୍ପର୍କୀୟ ଭାଇ; କିନ୍ତୁ ସେ ହୋଇ ଉଠିଥିଲେ ନିଶାଦ ରାଜା ହିରଣ୍ୟଧନୁସ୍‌ଙ୍କର ପାଳିତ ପୁତ୍ର ଏବଂ ହିରଣ୍ୟଧନୁସ୍ ଥିଲେ ଜରାସନ୍ଧଙ୍କର ଘନିଷ୍ଠ ବନ୍ଧୁ ।

ଶ୍ରୀକୃଷ୍ଣ ନିଜର ଦିବ୍ୟ-ଦୃଷ୍ଟିରେ ଅବଗତ ହୋଇଥିଲେ ଯେ ନିକଟ ଭବିଷ୍ୟତରେ ପୃଥିବୀରେ ଧର୍ମ ସଂସ୍ଥାପନାର୍ଥେ 'ମହାଭାରତ ଯୁଦ୍ଧ' ଅବଶ୍ୟମ୍ଭାବୀ ଏବଂ ଏହି ଯୁଦ୍ଧରେ ଅଧର୍ମର ପକ୍ଷ ନେବେ ଜରାସନ୍ଧ, ଶିଶୁପାଳ ଏବଂ ଏକଲବ୍ୟ । ତେଣୁ ଏମାନଙ୍କୁ ବଧ କରିବାକୁ ହେବ । 'ମହାଭାରତ ଯୁଦ୍ଧ' ଘୋଷଣାର ଅବ୍ୟବହିତ ପୂର୍ବରୁ ଏକଲବ୍ୟ ଦ୍ୱାରକା ଉପରେ ଆକ୍ରମଣ କରିଛନ୍ତି ଏବଂ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହୋଇଛନ୍ତି । ...

ତେଣୁ ଆମେ ଏହି ପରିପ୍ରେକ୍ଷୀରେ କହିପାରୁ ଯେ ଏକଲବ୍ୟ ତାଙ୍କ ସାଧନାର ପ୍ରାରମ୍ଭ କାଳରେ ଥିଲେ ଜଣେ ନୈଷ୍ଠିକ ସାଧକ; ଗୁରୁଙ୍କ କୃପା ଉପରେ ଏକାଗ୍ର ହୋଇ ନିଜର ଲକ୍ଷ୍ୟ ସାଧନରେ ପ୍ରଭୂତ ମାତ୍ରାରେ ସଫଳକାମ ବି ହୋଇଥିଲେ । ... କିନ୍ତୁ ପରବର୍ତ୍ତୀ ସାଧନା ଜୀବନରେ ଏକଲବ୍ୟ ହୋଇ ଉଠିଥିଲେ 'ଅର୍ଥାର୍ଥୀ' ସାଧକ, ଅର୍ଥାତ୍ ଅହଂପ୍ରସୂତ ଉଚ୍ଚାଭିଳାଷ ରଖି ସାଧନାରେ ବ୍ରତୀ ହୋଇଥିଲେ ।

ଆମେ କିନ୍ତୁ ଆମର 'ସୌନ୍ଦର୍ଯ୍ୟର ତପସ୍ୟା'ରେ କୌଣସି ଅହଂମୂଳକ ଉଦ୍ଦେଶ୍ୟ ରଖି ଏହାକୁ ସାଧନ କରିବାକୁ କସ୍ମିନ୍‌କାଳେ ଅଗ୍ରସର ହେବୁ ନାହିଁ । ପ୍ରଥମରୁହିଁ ଆମେ ଆମର ସାଧନା ମାର୍ଗରେ ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀଟିକୁ ସ୍ମରଣରେ ରଖିଥିବୁ । ଏହି ବାଣୀଟି ୧୯୬୨ରେ ଆଶ୍ରମରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରୀଡ଼ା-ପ୍ରତିଯୋଗିତା ନିମନ୍ତେ ଶ୍ରୀମା'ଙ୍କର ବାଣୀ ଥିଲା –

''ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବାର କୌଣସି ମହଦାକାଙ୍କ୍ଷା (ambition) ରଖିବା ପରିବର୍ତ୍ତେ ତୁମେମାନେ ଯଥାସମ୍ଭବ ନିଜର ସର୍ବୋତ୍ତମ ସାମର୍ଥ୍ୟର ପରିଚୟ ଦେବା ଲାଗିହିଁ ଏକ ବଳିଷ୍ଠ ସଂକଳ୍ପ (will) ରଖିଥିବ ।

''ସଫଳତା ଲାଭ କରିବା ଲାଗି ରହିଥିବା ବାସନା (desire) ପରିବର୍ତ୍ତେ ଅଗ୍ରଗତି ଲାଗି ଏକ ବଳବତୀ ଏଷଣା (yearning) ରହିଥିବ ।

''ଖ୍ୟାତି ଅର୍ଜନ କରିବା ସକାଶେ ରହିଥିବା ଉତ୍ସୁକତା (eagerness) ପରିବର୍ତ୍ତେ ଅଧିକରୁ ଅଧିକ ପରିପୂର୍ଣ୍ଣତା ହାସଲ କରିବା ସକାଶେ ଏକ ଆସ୍ପୃହା (aspiration) ରହିଥିବ ।

''ଶାରୀରିକ ଶିକ୍ଷାର ମୌଳିକ ଅଭିପ୍ରାୟ ହେଉଛି

ଶରୀର ମଧ୍ୟରେ ଚେତନା ଓ ନିୟନ୍ତ୍ରଣ ଶକ୍ତି, ଶୃଙ୍ଖଳା ଓ ପ୍ରଭୁତ୍ୱ ଏବଂ ଏକ ଉଚ୍ଚତର ଓ ମହତ୍ତର ଜୀବନ ସକାଶେ ଆବଶ୍ୟକ ହେଉଥିବା ସବୁକିଛିକୁ ଆଣିଦେବା ।

''ତୁମେମାନେ ଏହିସବୁ କଥାକୁ ମନରେ ରଖିଥିବ – ପୂର୍ଣ୍ଣ ନିଷ୍ଠାର ସହିତ ଅଭ୍ୟାସ କରିଚାଲ ଏବଂ ତୁମେ ନିଶ୍ଚୟ ଜଣେ ଉତ୍ତମ କ୍ରୀଡ଼ାବିତ୍ ହୋଇଉଠିବ । ଜଣେ ଯଥାର୍ଥ ମଣିଷ ହୋଇ ଉଠିବା ସକାଶେ ଏହାହିଁ ହେଉଛି ଲକ୍ଷ୍ୟ ପଥରେ ପ୍ରଥମ ପଦକ୍ଷେପ ।

''ଆଶୀର୍ବାଦ ।''

(CWM, Vol. 12, p. 274, ଦ୍ରଷ୍ଟବ୍ୟ)

*

୧୯୫୯ର ଜିମ୍‌ନାଷ୍ଟିକ୍ ପ୍ରତିଯୋଗିତାକୁ ପ୍ରଦତ୍ତ ବାଣୀରେ ଶ୍ରୀମା ଉଲ୍ଲେଖ କରିଛନ୍ତି : ''ମୁଁ ତୁମମାନଙ୍କ ସହିତ (ସୂକ୍ଷ୍ମ ଶରୀରରେ) ସବୁବେଳେ ରହିଥିବି, ତୁମମାନଙ୍କ ପ୍ରଚେଷ୍ଟାରେ ସହାୟତା କରୁଥିବି ଏବଂ ତୁମମାନଙ୍କର କ୍ରୀଡ଼ାକୌଶଳର ପ୍ରଦର୍ଶନଗୁଡ଼ିକୁ ବେଶ୍ ଉପଭୋଗ କରୁଥିବି ।

''ମୋର ଆଶୀର୍ବାଦ ସହ ।''

ତେଣୁ ଆମର 'ସୌନ୍ଦର୍ଯ୍ୟର ତପସ୍ୟା'ର ଅନୁଶୀଳନରେ ଆମେ ଆମର ଲକ୍ଷ୍ୟ ସମ୍ବନ୍ଧେ ସଚେତନ ରହିଥବା ସଙ୍ଗେ ସଙ୍ଗେ ଆମେ ପ୍ରତ୍ୟେକେ ଆମର କ୍ରୀଡ଼ାଙ୍ଗନରେ ଶ୍ରୀମା'ଙ୍କ ଦିବ୍ୟ ସାନ୍ନିଧ୍ୟକୁ ମଧ୍ୟ ସଦାବେଳେ ଅନୁଭବ କରିବାକୁ ସତତ ପ୍ରୟାସ କରି ଚାଲିଥିବୁ ।

ଏହି ଅବସରରେ ୯ ସେପ୍‌ଟେମ୍ବର, ୧୯୪୩ରେ ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ଏକ ବାଣୀ ସ୍ମରଣରେ ଆସେ : ''ଦିବ୍ୟ ଆଲୋକ ପ୍ରତି ସର୍ବଦା ଉନ୍ମୁକ୍ତ ହୋଇ ରହିବାରେ ଅଧ୍ୟବସାୟୀ ହୋଇ ଉଠିବା – ଏହାହିଁ ପ୍ରଧାନତଃ ଅତ୍ୟାବଶ୍ୟକ । କଳ୍ପନାତୀତ ଭାବରେ ଏହି ଦିବ୍ୟ ଆଲୋକ ଆମର ଅଧିକତର ନିକଟରେହିଁ ସଦା ବିଦ୍ୟମାନ ଏବଂ ଯେକୌଣସି ସମୟରେ ଆମ ମଧ୍ୟରେ ଅନୁପ୍ରବେଶ କରିବା ସକାଶେ ଏହାର ଦିବ୍ୟ ମୁହୂର୍ତ୍ତଟି ଆସି ଉପସ୍ଥିତ ହୋଇପାରେ ।''

ଏହାହିଁ ହେଉଛି ଆମ ଶାରୀରିକ ଶିକ୍ଷାର ଏକ ସ୍ୱତନ୍ତ୍ର ଧାରା – ଚିରାଚରିତ ଧାରାରେ ସର୍ବତ୍ର ଅନୁଶୀଳନ କରାଯାଉଥିବା କ୍ଷେତ୍ରରେ ଏହାକୁହିଁ ଆମ ଅଭ୍ୟାସର ଏକ ଅଗ୍ର ପଦକ୍ଷେପ ବୋଲି କହିପାରୁ ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ମୋଟ ଉପରେ କହିବାକୁ ଗଲେ ପୂର୍ଣ୍ଣଯୋଗ ସକାଶେ ରାଜଯୋଗ ଓ ହଠଯୋଗ (ବିଶେଷ କରି ଆସନ, ପ୍ରାଣାୟାମ ଓ ଧ୍ୟାନ ଧାରଣା)ର ବିଶେଷ ବିଶେଷ ପଦ୍ଧତିଗୁଡ଼ିକ ସମୟ ସମୟରେ ଏବଂ ଅଗ୍ରଗତିର କେତେକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ହୁଏତ ଉପଯୋଗୀ ହୋଇ ପାରିବ, ମାତ୍ର ସେଗୁଡ଼ିକୁ ଅପରିହାର୍ଯ୍ୟ ବୋଲି କୁହାଯିବ ନାହିଁ । ସେଗୁଡ଼ିକର ମୁଖ୍ୟ ଧେୟସବୁକୁ(aims) ଯୋଗର ସମଗ୍ରତା ମଧ୍ୟରେ ଅବଶ୍ୟ ଅନ୍ତର୍ଭୁକ୍ତ କରି ରଖାଯିବ, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଏହାର ସାଧନ (ଅର୍ଥାତ୍ ଶରୀର ଓ ପ୍ରାଣ ଉପରେ ମନର ନିର୍ଭରଶୀଳତା ସ୍ୱୀକାର)ଠାରୁ ଭିନ୍ନ ଏକ ସାଧନ ଦ୍ୱାରା ମଧ୍ୟ ସେହି ଧେୟଗୁଡ଼ିକୁ ଲାଭ କରାଯାଇ ପାରିବ । କାରଣ ପୂର୍ଣ୍ଣଯୋଗର ପଦ୍ଧତିଗୁଡ଼ିକ ମୁଖ୍ୟତଃ ଆଧାତ୍ମିକ ହୋଇ ରହିବାକୁ ପଡ଼ିବ । ଏବଂ ବ୍ୟାବହାରିକ ଭୌତିକ ପଦ୍ଧତି ଅଥବା କେତେକ ଅପରିବର୍ତ୍ତନୀୟ ଚୈତ୍ୟ ବା ଚୈତ୍ୟିକ-ଭୌତିକ ପଦ୍ଧତିସବୁ ଉପରେ ଅଧିକ ନିର୍ଭରଶୀଳ ହୋଇ ରହିଲେ ଉଚ୍ଚତର କ୍ରିୟାର ବିକଳ୍ପ ରୂପେ ନିମ୍ନତର କ୍ରିୟାକୁ ଗ୍ରହଣ କରିନେବା ପରି ହେବ ।''

('ଯୋଗ ସମନ୍ୱୟ', ପୃ. ୮୭୭)

ଏହି ପରିପ୍ରେକ୍ଷୀରେ ଆମେ ଶ୍ରୀଅରବିନ୍ଦଙ୍କର ଏକ ଚିତ୍ତାକର୍ଷକ ଅନୁଭୂତିର କଥା ବର୍ଣ୍ଣନା କରୁଛୁ :

''... ଚାରି ବର୍ଷର ପ୍ରାଣାୟାମ ଅଭ୍ୟାସ ଓ ଅନ୍ୟାନ୍ୟ ଯୋଗାଭ୍ୟାସ ପରେ ସ୍ୱାସ୍ଥ୍ୟର ଉନ୍ନତି ଓ ଶକ୍ତିର ପ୍ରବାହ, କିଛି ମାନସିକ-ଶାରୀରିକ ଅନୁଭୂତି, କାବ୍ୟସୃଷ୍ଟିର ଏକ ବିରାଟ ପ୍ଲାବନ, ମୁଖ୍ୟତଃ ଜାଗ୍ରତ୍ ଅବସ୍ଥାରେ ଆସୁଥିବା ସୂକ୍ଷ୍ମ ଦର୍ଶନର ସୀମିତ ଶକ୍ତି (ଉଜ୍ଜ୍ୱଳ ଆକୃତି ଓ ରୂପ) ବ୍ୟତୀତ ଆଉ ଅଧିକ କିଛି ହେଉ ନଥିଲା । ମୋର ସାଧନାର ଗତି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିଲା ଏବଂ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡୁଥିଲି । ଏହି ସନ୍ଧିକ୍ଷଣରେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରିବାର ମୁହୂର୍ତ୍ତ ଆସିଲା ଯାହାଙ୍କର ବିଶେଷ କୌଣସି ପ୍ରସିଦ୍ଧି ନଥିଲା ଓ ତାଙ୍କୁ ପୂର୍ବରୁ ମଧ୍ୟ ମୁଁ ଜାଣି ନଥିଲି । (ବ୍ୟକ୍ତିଟି ଥିଲେ ଜଣେ ମରହଟ୍ଟା ଯୋଗୀ, ବିଷ୍ଣୁଭାସ୍କର ଲେଲେ ।) ସେ ଥିଲେ ଜଣେ ଭକ୍ତ; ମାନସିକ ଶକ୍ତି ସୀମିତ ଥିଲେ ମଧ୍ୟ ତାଙ୍କର କେତେକ ଅନୁଭୂତି ଓ ଆବାହନ କରିବାର ଶକ୍ତି ମଧ୍ୟ ଥିଲା । ଆମେ ଦୁହେଁ ଏକତ୍ର ବସିଲୁ ଏବଂ ସେ ମୋତେ ଯାହା ନିର୍ଦ୍ଦେଶ ଦେଲେ ସେଇଟିକୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ଅନୁସରଣ

କରିବାକୁ ଲାଗିଲି । ମୁଁ ନିଜେ ଜାଣିପାରୁ ନଥିଲି ଯେ ସେ ମୋତେ କେଉଁ ପଥରେ ନେଇ ଯାଉଛନ୍ତି ବା ମୁଁ ନିଜେ କେଉଁ ପଥରେ ଯାଉଛି । ଏହାର ପ୍ରଥମ ପରିଣାମ ସ୍ୱରୂପ ଅନେକ ଶକ୍ତିଶାଳୀ ଅନୁଭୂତି ଆସିଲା ଏବଂ ଚେତନାର ଅନେକ ଆମୂଳ ପରିବର୍ତ୍ତନ ଘଟିବାକୁ ଲାଗିଲା ଯାହା ସେ ମଧ୍ୟ କେବେ ଆଶା କରି ନଥିଲେ । ... ଏହାର ଶେଷ ପରିଣାମ ଏପରି ହେଲା ଯେ ସେ ନିଜ ଅନ୍ତରର 'ବାଣୀ' ମଧ୍ୟରୁ ଏକ ନିର୍ଦ୍ଦେଶ ପାଇ ମୋତେ ମୋର ଅନ୍ତରସ୍ଥ ଭଗବାନଙ୍କ ହସ୍ତରେ ଅର୍ପଣ କଲେ ଏବଂ ତାଙ୍କରି ଇଚ୍ଛା ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିବା ପାଇଁ ଆଦେଶ ଦେଲେ । ଏହା ଥିଲା ଏକ ସିଦ୍ଧାନ୍ତ ବରଂ ଏକ ବୀଜ-ଶକ୍ତି ଯାହାକୁ ମୁଁ ଅଟଳ ଭାବରେ ଅଧିକରୁ ଅଧିକ ଧରି ରଖିଥିଲି; ଏହା ମୋତେ କୌଣସି ନିର୍ଦ୍ଦିଷ୍ଟ ନିୟମ, ପଦ୍ଧତି, ନୀତି ବା ଶାସ୍ତ୍ର ଦ୍ୱାରା ଆବଦ୍ଧ ନଥିବା ଏକ ଅପରିମେୟ ଯୌଗିକ ବିକାଶ ମଧ୍ୟଦେଇ ଏପରି ଏକ ସ୍ତରକୁ ନେଇ ଆସିଥିଲା ଯେଉଁଠି ମୁଁ ବର୍ତ୍ତମାନ ଅଛି ଓ ଯାହା ହୋଇଛି ଏବଂ ଭବିଷ୍ୟତରେ ଯାହା ହେବି । ତଥାପି ସେ (ମୋ ସକାଶେ) ଯାହାସବୁ କରୁଥିଲେ ସେବିଷୟରେ ଏତେ କମ୍ ବୁଝିଥିଲେ ଯେ ପ୍ରାୟ ମାସକରୁ ଅଧିକ ପରେ ଯେତେବେଳେ ମୋର ତାଙ୍କ ସହିତ ପୁଣି ସାକ୍ଷାତ୍ ହୁଏ, ସେ ଶଙ୍କିତ ହୋଇ ପଡ଼ିଲେ ଓ ଯାହାସବୁ ମୋ ସକାଶେ କରିଥିଲେ, ସେସବୁକୁ ବନ୍ଦ କରିଦେବାକୁ ଚେଷ୍ଟା କଲେ ଏବଂ କହିଲେ ଯେ ମୋତେ ଭଗବାନ୍ ନୁହନ୍ତି ବରଂ ସଇତାନ ଅଧିକାର କରିଛି । ... ମୋର କହିବାର ଅର୍ଥ ହେଉଛି ଯେ ଭଗବାନଙ୍କ କାର୍ଯ୍ୟଧାରା ମନୁଷ୍ୟର ମନୋଗତ କାର୍ଯ୍ୟ ପରି ନୁହେଁ କିଂବା ଆମରି ଢଙ୍ଗର ଅନୁରୂପ ନୁହେଁ । ... କାରଣ ଭଗବାନ୍ ଆମ ଅପେକ୍ଷା ଅଧିକ ଭଲ ଭାବରେ ସବୁ ଜାଣନ୍ତି ।''

(''ନିଜ ସମ୍ବନ୍ଧେ ଓ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'', ପୃ. ୯୧-୯୨)

ଏକଥା ଉଲ୍ଲେଖଯୋଗ୍ୟ ଯେ ଆମେ ଆମର ସାଧନା ମାର୍ଗରେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛୁ, ଏହି ସ୍ଥିତିଟି କେବେହେଲେ ଆମର ଅଭିଳଷିତ ସ୍ଥିତି ନୁହେଁ, ଏହାଠାରୁ ଏକ ଉଚ୍ଚତର ସ୍ଥିତି ରହିଛି । ନିଷ୍ଠାପର ଭାବରେ ସାଧନାରେ ବ୍ରତୀ ହୋଇ କ୍ରମଶଃ ଆମେ ଦିନେ ଉପଲବ୍ଧି କରିବାକୁ ସକ୍ଷମ ହେବୁ ଯେ ଆଧ୍ୟାତ୍ମିକ ଜୀବନ ସକାଶେ ଏକ ତୀବ୍ର ଆସ୍ପୃହାଶୀଳ ଜୀବନହିଁ ଆମର ଯଥାର୍ଥ ଉଦ୍ଦେଶ୍ୟ । ସେହି ସ୍ଥିତିରେ ପୃଥିବୀପୃଷ୍ଠରେ କ୍ରିୟାଶୀଳ ଅତିମାନସ ଶକ୍ତି ପ୍ରତି ଆମେ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଉନ୍ମୁକ୍ତ ହୋଇ ରହିଥିବୁ ।

ପ୍ରଥମେ ଆମମାନଙ୍କ ମଧ୍ୟରୁ କତିପୟ ବୀର ଅଗ୍ରଣୀ ନୈଷ୍ଠିକ ମାତୃସନ୍ତାନ ଏପରି ଏକ ମଧ୍ୟବର୍ତ୍ତୀ ସ୍ଥିତିରେ ଯାଇ ଉପନୀତ ହେବେ ଯେଉଁଠି ଏହି ପୁରୁଣା ପୃଥିବୀ, ଅର୍ଥାତ୍ ଆମର ବର୍ତ୍ତମାନର ଜଗତ୍ ଏବଂ ନୂତନ ଅତିମାନସ ଶକ୍ତି ପ୍ରତି ଉନ୍ମୀଳିତ ରହିଥିବା ସେହି ଊର୍ଦ୍ଧ୍ୱତର ଜଗତ୍ – ଏହି ଦୁଇଟିର ପ୍ରଭାବ ଓତପ୍ରୋତ ଭାବରେ ପରସ୍ପରକୁ ଭେଦି କରି ରହିଛି । ଏହି ମଧ୍ୟବର୍ତ୍ତୀ ସ୍ଥିତିଟିକୁ ଶ୍ରୀମା କହିଛନ୍ତି, 'Intermediary Zone' ଏବଂ ଏହା ନିର୍ମିତ ହୋଇ ସାରିଛି । ତେଣୁ ଶ୍ରୀମା ଘୋଷଣା କରିଛନ୍ତି : '... a new world is *born, born, born.'* (MCW., Vol. 9 p. 149 - 272)

ଶ୍ରୀମା ନବସୃଷ୍ଟି କହିଲେ ଏହି ମଧ୍ୟବର୍ତ୍ତୀ ଜଗତର ସୃଷ୍ଟିକୁ ସୂଚାଇଛନ୍ତି ।

ତେଣୁ ଶ୍ରୀମା ଗୁରୁତ୍ୱ ଦେଇ କହିଥିବା କଥାନୁସାରେ, ''ଯେଉଁମାନେ ଅତିମାନସ ଶକ୍ତିକୁ ଗ୍ରହଣ କରିବା ଲାଗି, ସେହି ଶକ୍ତିକୁ ନିଜ ମଧ୍ୟରେ ଧାରଣ କରିବା ଲାଗି, ତା'ର ନିର୍ଦ୍ଦେଶକୁ ମାନିବା ଲାଗି ଯଥୋଚିତ ଭାବରେ ପ୍ରସ୍ତୁତ କରିବାର ଶ୍ରମଟିକୁ ଅବ୍ୟାହତ ରଖିଥିବେ ସେମାନେ ସମସ୍ତେ ବର୍ତ୍ତମାନ ମଧ୍ୟ ଏହି ନୂତନ ସ୍ଥିତିଟିର ଉପଲବ୍ଧି କରିପାରିବେ ।''

(୨୯ମେ ୧୯୫୭ 'ପ୍ରଶ୍ନୋତ୍ତର')

– ଏହାହିଁ ହେଉଛି ଆମମାନଙ୍କର ସୌନ୍ଦର୍ଯ୍ୟ ତପସ୍ୟାର ମାର୍ଗରେ ଆଗକୁ ଏକ ଦୃଢ଼ ଅଗ୍ର ପଦକ୍ଷେପ । କିନ୍ତୁ ଆମର ଚରମ ବିବେଚନାରେ ଅନ୍ତିମ ଲକ୍ଷ୍ୟ ହେଉଛି : 'ଏକ ଦିବ୍ୟ ଶରୀରରେ ଏକ ଦିବ୍ୟ ଜୀବନର ପ୍ରତିଷ୍ଠା ।'

ଆଉ ଏକ ଅତ୍ୟାବଶ୍ୟକ କଥା ଉଲ୍ଲେଖ ନ କଲେ ମନେହୁଏ ଆମର ଏହି ଉପସଂହାର ପର୍ବଟି ଅସମ୍ପୂର୍ଣ୍ଣ ରହିଯିବ – ସେଇଟି ହେଉଛି 'ସ୍ୱଧର୍ମ'ରେ ଅନୁପ୍ରାଣିତ ହୋଇ ଯେଉଁମାନଙ୍କର ଶରୀରଚର୍ଚ୍ଚା କରିବାକୁ ଘୁଣାକ୍ଷରରେ ପ୍ରବୃତ୍ତି ନଥାଏ ଅଥବା ଯେଉଁମାନେ ପ୍ରକୃତରେ ଶାରୀରିକ ଭାବରେ ଏବେ ଅପାରଗ ଅଥବା ଯେଉଁମାନଙ୍କର ଶରୀରଚର୍ଚ୍ଚା କରିବା ନିମିତ୍ତ ପ୍ରକୃତରେ ପ୍ରବୃତ୍ତି ରହିଛି, କିନ୍ତୁ କର୍ମତତ୍ପର ଜୀବନଧାରାର ଚାପରେ କୌଣସି ପ୍ରକାରେ ସୁଯୋଗଲାଭରୁ ସତକୁ ସତ ବଞ୍ଚିତ ରହିଛନ୍ତି, ଏମାନଙ୍କ ସକାଶେ 'ସୌନ୍ଦର୍ଯ୍ୟର ତପସ୍ୟା'ର ଧାରାଟି କେଉଁ ଧରଣର ହୋଇ ରହିଥିବା ଆବଶ୍ୟକ ? ଏଠାରେ

ତାମସିକ ସ୍ୱଭାବର ବ୍ୟକ୍ତିଙ୍କର ଅବହେଳା ଓ ଫାଙ୍କି ଦେବାର କଥା ଆଦୌ ପ୍ରସଙ୍ଗକୁ ଆସୁ ନାହିଁ । ଆମ ବିବେଚନାରେ ଏମାନଙ୍କ ସକାଶେ ସ୍ୱତନ୍ତ୍ର ଧାରା ହେବ – ଶ୍ରୀମାଙ୍କ ଉକ୍ତିରେ : 'Let us work as we pray, for indeed work is the body's best prayer to the Divine.'

(CWM, Vol. 14, p. 299)

ଉପସଂହାରରେ ଏକ ପୌରାଣିକ ଜାପାନୀ ଜୀବନଧାରା ସମ୍ପର୍କରେ ବର୍ଣ୍ଣନା କରୁଛୁ :

ଅଷ୍ଟାଦଶ ଶତାବ୍ଦୀରେ ଜାପାନର ଏକେବାରେ ଦକ୍ଷିଣାଞ୍ଚଳରେ ଅବସ୍ଥିତ ଓକିନାୱା ଦ୍ୱୀପପୁଞ୍ଜର ଅଧିବାସୀମାନେ ସାଧାରଣତଃ ସର୍ବାଧିକ ସଂଖ୍ୟାରେ ଦୀର୍ଘଜୀବୀ ଥିଲେ । ଏହି ଓକିନାୱାର ପରିସୀମା ମଧ୍ୟରେ ଛୋଟ ଗ୍ରାମଟିଏ, କିଜୋକା । ଏହାର ବାସିନ୍ଦାମାନେ (ପୁରୁଷ ଓ ନାରୀ) ଶତାଧିକ ବର୍ଷରୁ ଊର୍ଦ୍ଧ୍ୱକାଳ ନିଜ ନିଜର କର୍ମତତ୍ପର ଜୀବନରେ ଅନାୟାସରେ କର୍ମଠ, ବିବିଧ କାର୍ଯ୍ୟରେ ସୁନିପୁଣ, ସୁଠାମ ସ୍ୱାସ୍ଥ୍ୟ ଓ ଚରିତ୍ରବାନ୍ ଥିଲେ । ପ୍ରାକୃତିକ ପ୍ରଣାଳୀରେ ଧାନ ଓ ଶାକସବ୍‌ଜି ଆଦି ଶକ୍ତିବର୍ଦ୍ଧକ ଖାଦ୍ୟ ସାମଗ୍ରୀ ଅମଳ କରି ଭୋଜନ ଦ୍ରବ୍ୟରେ ଲଘୁ-ଲବଣ ବ୍ୟବହାର କରୁଥିଲେ । ... ବର୍ଷ ପରେ ବର୍ଷ, ସାରା ବର୍ଷ ଧରି ଏହି ଉଷ୍ଣମଣ୍ଡଳୀୟ ଗ୍ରାମାଞ୍ଚଳର ବାୟୁମଣ୍ଡଳରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସାମଞ୍ଜସ୍ୟପୂର୍ଣ୍ଣ ଜୀବନ ବିତାଉଥିଲେ ।

ଏମାନଙ୍କ ମଧ୍ୟରେ ପ୍ରଚଳିତ ଅତି ପ୍ରିୟ ପ୍ରବଚନ ଥିଲା : 'ଯଦି ତୁମେ ତୁମର ଚାଷବାସରେ କ୍ଷତିଗ୍ରସ୍ତ ହୋଇଯାଇଛ, ତଥାପି ତୁମେ କେବେ ବି କ୍ଷୁଧାର୍ତ୍ତ ରହିବ ନାହିଁ ।'

ଏହି ଗ୍ରାମବାସୀମାନେ ପ୍ରତ୍ୟୁଷରେ କର୍ମକ୍ଷେତ୍ରକୁ ଯିବା ବେଳେ ଗାଁ ରାସ୍ତାରେ ଆନନ୍ଦରେ ସମବେତ କଣ୍ଠରେ ବିଭିନ୍ନ ଧରଣର ଆଗ୍ରହୋଦ୍ଦୀପକ ସଂଗୀତ ଗାଇ ଗାଇ ଯାଉଥିଲେ । ରାତିରେ ମଧ୍ୟ ସେମାନେ ସମବେତ କଣ୍ଠରେ ସଙ୍ଗୀତ ଗାଉଥିଲେ । ଏହା ପରିବେଶରେ ଥିବା ବିଷଧର ସର୍ପକୁ ଘଉଡ଼ାଇବା ସକାଶେ ଉଦ୍ଦିଷ୍ଟ ଥିଲା ।

ସେମାନଙ୍କର ସ୍ୱତନ୍ତ୍ର ଏକ ସମବେତ ସଂଗୀତ ଥିଲା କେଉଁ ଅଦୃଶ୍ୟ ଜଗତର ଅବାଞ୍ଛିତ କୌଣସି ମୃତ୍ୟୁଦୂତଙ୍କୁ ସତର୍କବାଣୀ ଦେବା ଉଦ୍ଦେଶ୍ୟରେ । ଉକ୍ତ ସଙ୍ଗୀତର ମର୍ମାନୁବାଦ ଏହିପରି –

''ଜଣେ ଯେତେବେଳେ ଷାଠିଏ ବର୍ଷର
ତଥାପି ସେ ଶିଶୁ ହୋଇ ରହିଥିବ,
ଅଶୀ ବର୍ଷ ବୟସରେ ଉପନୀତ ହେବା ପରେ
ତୁମକୁ ବୟସ୍କ ବୋଲି କୁହାଯାଇ ପାରେ ।
ତୁମେ ଯେତେବେଳେ ପଞ୍ଚାନବେ ବୟସରେ
ହେବ ଉପନୀତ
ଊର୍ଦ୍ଧ୍ୱ ଜଗତରୁ ଅବତରି ଆସି ଯମଦୂତଗଣ
ଉଭା ହେବେ ତୁମ ସମ୍ମୁଖରେ,
ସେମାନଙ୍କୁ କହିଦିଅ :
'ଏବେ ନୁହେଁ, ନୁହେଁ ମୁଁ ଆଗ୍ରହୀ,
ଆଉ କିଛି ବର୍ଷ ପରେ ପୁଣି ଆସିପାର !' ''

('Guardian Weekly' : 1998, June 14, P. 25)

(ସମାପ୍ତ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑


**ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ**

ସମ୍ପାଦିକା, ଶାଶ୍ୱତୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୋମଗିରି, କେଉଁଝର, ଓଡ଼ିଶା, ପିନ୍ : ୭୫୮ ୦୭୯, ଦୂରଭାଷ : ୯୭୭୭୦ ୭୦୪୬୧ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ମ୍ୟାଟ୍ରିକ୍‌ରୁ ତଦୂର୍ଦ୍ଧ୍ୱ (ଉଭୟ କଳା ଓ ବିଜ୍ଞାନରେ) ହୋଇଥିବା ଚାହି, ବିଶେଷକରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଶାକାହାରୀ ଓ ମାଂସାହାରୀ ବାଚାଳତା

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଶାକାହାରୀ ଓ ମାଂସାହାରୀ ବାଚାଳତା**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

'ଛାତ୍ର ଜୀବନରୁହିଁ ମୋର ଅଭ୍ୟାସ ସ୍ୱଷ୍ଟ ଭାଷାରେ ସମାଲୋଚନା କରିବା । ଅନ୍ୟର ହିତ କାମନା କରୁଥିବା ଯୋଗୁଁହିଁ ମୁଁ ତା'ର ଦୋଷତ୍ରୁଟି ଦର୍ଶାଇ ଦିଏ । କିନ୍ତୁ ମୁଁ ଅନ୍ୟର ନିନ୍ଦା କରୁଛି ବୋଲି ମୋତେ ଅପବାଦ ସହିବାକୁ ପଡ଼େ । ମୋର ଦଶ ବର୍ଷର ଚାକିରି ଜୀବନ ଭିତରେ ବନ୍ଧୁ କେହି ନାହାନ୍ତି କହିଲେ ଚଳେ । କିନ୍ତୁ ମୁଁ ସେଥିପାଇଁ ଚିନ୍ତା କରେ ନାହିଁ ।'

ଏହା ଥିଲା ଜଣେ ଯୁବ ଅଧ୍ୟାପକଙ୍କ ବକ୍ତବ୍ୟ । ଏହା ଯେତିକି ମାତ୍ରାରେ ଅଭିଯୋଗ, ସେତିକି ମାତ୍ରାରେ ଆତ୍ମ-ସନ୍ତୋଷର ପରିଚୟ । ତାଙ୍କର କେହି ବନ୍ଧୁ ନାହାନ୍ତି ବୋଲି ସେ ଚିନ୍ତିତ ନୁହନ୍ତି କହୁଛନ୍ତି । ପ୍ରକୃତରେ ସେ ଚିନ୍ତିତ । ଖୁବ୍ ସଚେତନ ଭାବରେ ନହେଲେ ମଧ୍ୟ ଅବଚେତନରେ ସେ ଚିନ୍ତିତ ।

ଯୁବକର ଜଣେ ପ୍ରକୃତ ହିତାକାଙ୍କ୍ଷୀହିଁ ଯୁବକଙ୍କ ଏ ବକ୍ତବ୍ୟକୁ ଏ ଲେଖକର ଗୋଚରକୁ ଆଣିଛନ୍ତି । ହିତାକାଙ୍କ୍ଷୀ କହୁଛନ୍ତି ଯୁବ ଅଧ୍ୟାପକ ବାସ୍ତବିକ କାହାର ହାନି କରିବା ଲୋକ ନୁହନ୍ତି । ଅପରନ୍ତୁ ସେ ଅଜାତରେ ଅନ୍ୟକୁ ସାହାଯ୍ୟ କରନ୍ତି, କୌଣସି ସହକର୍ମୀ ଅଭାବରେ ପଡ଼ିଥିଲେ ତାଙ୍କୁ ଆର୍ଥିକ ସହାୟତା ଦିଅନ୍ତି । କିନ୍ତୁ ତାଙ୍କର ସ୍ୱଭାବ ହେଲା ସେ ଯାହା ବିଷୟରେ ଯେତିକି ନେତିବାଚକ କଥା ଶୁଣିବେ, ତାକୁ ସେ ଅବସର ପାଇବା ମାତ୍ରେ ଅନ୍ୟ ପରିଚିତ ଲୋକଙ୍କ ଆଗରେ ଗପିବେହିଁ ଗପିବେ ।

ଆମେ ଯେତେ କଥା କହୁ, ତା'ର ଏକ ଚତୁର୍ଥାଂଶ କହିଲେ ମଧ୍ୟ ଚଳନ୍ତା, ଏହା ଏକ ସାଧାରଣ ମନସ୍ତାତ୍ତ୍ୱିକ ପର୍ଯ୍ୟବେକ୍ଷଣ । କିନ୍ତୁ ଅଧିକାଂଶ ମଣିଷ ଊଣା ଅଧିକେ ବାଚାଳ । ମୋର ଜଣେ ମିତ୍ର ମନସ୍ତତ୍ତ୍ୱ ଚିକିତ୍ସକଙ୍କ ଭାଷାରେ କେହି କେହି ଶାକାହାରୀ ବାଚାଳ, ଆଉ କେହି କେହି ମାଂସାହାରୀ ବାଚାଳ । ତୁଚ୍ଛା ବକ୍‌ବକ୍ ହେବାରେ ଯେଉଁମାନେ ସନ୍ତୋଷ ଆହରଣ କରନ୍ତି ସେମାନେ ଶାକାହାରୀ ବାଚାଳ, ଅନ୍ୟର ସମାଲୋଚନାହିଁ ଯେଉଁମାନଙ୍କ ବାଚାଳତାର ପ୍ରାଣ, ସେମାନେ ମାଂସାହାରୀ ବାଚାଳ !

ଅନ୍ୟର ଦୋଷତ୍ରୁଟି ଦେଖାଇବାକୁ ସ୍ୱଷ୍ଟବାଦିତା ବୋଲି କହି ଆମେ ଆତ୍ମପ୍ରସାଦ ଲାଭ କରିପାରୁ, କିନ୍ତୁ ପ୍ରକୃତରେ ତାହା ପଶ୍ଚାତରେ ଥାଏ ଆମର ନ୍ୟୂନ ମନୋଭାବ, ଆମ ନିଜର ଅପୂର୍ଣ୍ଣତାକୁ ଘୋଡ଼ାଇବାର ବିକଳ ପ୍ରୟାସ ।

ଯେତେବେଳେ ମୁଁ କହେ ଅମୁକ ଲୋକଟି ସ୍ୱାର୍ଥପର ସେତେବେଳେ ଯାହା ମୋତେ ହୃଷ୍ଟ କରୁଥାଏ, ତାହା ହେଲା ମୁଁ ନିଃସ୍ୱାର୍ଥପର ହୋଇଥିବାର ଅବ୍ୟକ୍ତ ବିଜ୍ଞାପନ ।

ଏହା ଏକ ବ୍ୟାପକ ପ୍ରସଙ୍ଗ । ଆପାତତଃ ଆମେ ଏ ପ୍ରସଙ୍ଗର ଗୋଟିଏ ସୀମିତ ଦିଗ ଉପରେ ଦୃଷ୍ଟିପାତ କରିବା । ମୁଁ କାହାରି ଆଗରେ ଜଣଙ୍କର ସମାଲୋଚନା କଲାବେଳେ ଶ୍ରୋତାଟିକୁ କହିପାରେ ଯେ ଏହା ଏକ ଗୋପନ କଥା । କିନ୍ତୁ ଶ୍ରୋତା ଶହେରୁ ନବେ କ୍ଷେତ୍ରରେ ଅନ୍ୟ କାହାରି ଆଗରେ ତାହା ନିଶ୍ଚୟ ପରିବେଷଣ କରିବେ, ଅବଶ୍ୟ ତାହା 'ଗୋପନ କଥା' ବୋଲି ଭୂମିକା ଦେଇ । ମହାନ୍ ଚିନ୍ତାନାୟକ ସକ୍ରେଟିସ୍ (ଖ୍ରୀ:ପୂ: ୫ମ ଶତାବ୍ଦୀରେ) ଏ ସମ୍ପର୍କରେ ଆମେ ଅନୁସରଣ କଲା ଭଳି ଦୃଷ୍ଟାନ୍ତଟିଏ ରଖି ଯାଇଛନ୍ତି ।

ଦିନେ ଜଣେ ଭଦ୍ରଲୋକ ସକ୍ରେଟିସ୍‌ଙ୍କୁ ବେଶ୍ ଗମ୍ଭୀର କଣ୍ଠରେ କହିଲେ, 'ତୁମେ ତ 'କ' ମହାଶୟଙ୍କୁ ତୁମର ବନ୍ଧୁ ଭାବରେ ଦେଖ । ମୁଁ ତାଙ୍କ ବିଷୟରେ ଆଜି ଯାହା ଶୁଣିଲି ସେକଥା ତୁମକୁ ଜଣାଇ ଦେବା ମୋ କର୍ତ୍ତବ୍ୟ ବୋଲି ମନେ କରେ । ଶୁଣ ...''

''ଟିକିଏ ରୁହ ବାବୁ । କଥାଟି ଗପିବା ପୂର୍ବରୁ ମୋର ତିନିଗୋଟି ସନ୍ଦେହ ମୋଚନ କର ।'' ସକ୍ରେଟିସ୍ କହିଲେ ।

''ଯଥା ?''

''ପ୍ରଥମ ପ୍ରଶ୍ନ, ତୁମେ ମୋର ବନ୍ଧୁଟି ବିଷୟରେ ମୋତେ ଯାହା କହିବ ତାହା ସମ୍ପୂର୍ଣ୍ଣ ସତ୍ୟ ବୋଲି ନିଶ୍ଚିତ ଟି ?''

''କଥା ହେଲା, ମୁଁ ଯାହା ଶୁଣିଲି ...''

''ରୁହ ବାବୁ, ରୁହ । ଅର୍ଥାତ୍, ତୁମେ ତାହା ସତ୍ୟ ବୋଲି ସ୍ୱୟଂ ଜାଣନା । ବେଶ୍ ।''

ଭଦ୍ରଲୋକ ଚୁପ୍ ରହିଲେ ।

ଦ୍ୱିତୀୟ ପ୍ରଶ୍ନ : ''ତୁମେ ମୋ ବନ୍ଧୁଙ୍କ ସମ୍ପର୍କରେ ଯାହା କହିବାକୁ ଯାଉଛ ତାହା ଭଲ କଥା ତ ?''

''ନା, ବରଂ ଓଲଟା ...''

''ଆଚ୍ଛା, ତୁମେ ମୋ ବନ୍ଧୁ ସମ୍ପର୍କରେ କିଛି ମନ୍ଦ କଥା କହିବାକୁ ଉତ୍ସୁକ, ଅଥଚ ତାହା ସତ୍ୟ କି ନୁହେଁ ତୁମେ ଜାଣନା ।''

ଭଦ୍ରଲୋକ ଚୁପ୍ ରହିଲେ ।

ତୃତୀୟ ପ୍ରଶ୍ନ : ''ତୁମେ ଯାହା କହିବାକୁ ଯାଉଛ ତାହା ଜାଣିବାଟା ଅନିବାର୍ଯ୍ୟ ଭାବେ ମୋର ଆବଶ୍ୟକ କି ?''

''ସେକଥା ତ କହିପାରିବିନି । କଥା ହେଲା ...''

''ବେଶ୍ ବାବୁ, ବେଶ୍ । ତୁମେ ମୋର ବନ୍ଧୁଟି ସମ୍ପର୍କରେ ଯାହା କହିବ ତାହା ସତ୍ୟ କି ନୁହେଁ ତୁମେ ଜାଣନା, ତାହା କିନ୍ତୁ ମନ୍ଦ ବୋଲି ଜାଣ । ତାହା ଜାଣିବା ମୋର ଆବଶ୍ୟକ ବୋଲି ମଧ୍ୟ ତୁମେ କହୁ ନାହିଁ । ତେବେ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଲୁ : କଥାଟି ତୁମେ କହିବା ଜରୁରୀ ନୁହେଁ କି ମୁଁ ଶୁଣିବା ଜରୁରୀ ନୁହେଁ ।''

ଭଦ୍ରଲୋକ, ଆଶା କରାଯାଉ କିଞ୍ଚିତ୍ ଶିକ୍ଷାଲାଭ କରିଥିବେ ।

ଯୁବ ଅଧ୍ୟାପକ ଜଣକ ବନ୍ଧୁହୀନ ହେବାର କାରଣ ସମ୍ଭବତଃ ତାଙ୍କର ମାଂସାହାରୀ ବାଚାଳତା । ଅଭ୍ୟାସଟି ସେ ତ୍ୟାଗ କରନ୍ତୁ । ପାଇବେ ଭିନ୍ନ ଧରଣର ସନ୍ତୋଷ । ବାଚାଳତା ନୁହେଁ, ବାକ୍ ସଂଯମ ଏବଂ ଅନ୍ୟ ପ୍ରତି ସହାନୁଭୂତିଶୀଳ ଓ ସହନଶୀଳ ମନୋଭାବହିଁ ଆମ ବ୍ୟକ୍ତିତ୍ୱକୁ ମଧୁମୟ କରିପାରେ, ଆମ ବନ୍ଧୁବଳୟକୁ ଦୃଢ଼ କରିପାରେ ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୨୬ - ୩୦) ❑

ତୁମେ କେବେ ବି ତୁମର ମନକୁ ନିମ୍ନଗାମୀ ହେବା ଲାଗି ପ୍ରଶ୍ରୟ ଦେବ ନାହିଁ : ନିରର୍ଥକ ଗପସପ ତୁମକୁ ନିମ୍ନଗାମୀ କରାଏ ଏବଂ ଯଦି ତୁମେ ଯୋଗ କରିବାକୁ ଚାହଁ ତେବେ ନିଜକୁ ଏଥିରୁ ନିବୃତ୍ତ କରିବା ଉଚିତ ।

— ଶ୍ରୀମା

# ପ୍ରେମର ପ୍ରତୀକ ରାମସେତୁ


## ଧର୍ମକୁମାର ଶତପଥୀ


ଆମ ସମାଜରେ ଏମିତି ଜଣେ ଜଣେ ବ୍ୟକ୍ତି ଥାଆନ୍ତି, ଯେଉଁମାନେ ଅନ୍ୟମାନଙ୍କ ଠାରୁ ବେଶ୍ ସ୍ୱତନ୍ତ୍ର ହୋଇଥା'ନ୍ତି । ସେମାନଙ୍କର ଭାବଭଙ୍ଗୀ, ଚାଲିଚଳଣ ଇତ୍ୟାଦି ଅତି ସାଧାରଣ ପରି ଜଣାଯାଉଥିଲେ ମଧ୍ୟ ବିଭିନ୍ନ ଘଟଣାବଳୀ ଅଥବା କାର୍ଯ୍ୟକ୍ରମରେ ସେମାନେ ଏପରି ଏକ ଖାପଛଡ଼ା ଅକାଟ୍ୟ ଟିପ୍ପଣୀ ଦିଅନ୍ତି ଯେ ଯାହା ଉପରକୁ ଅଯଥାର୍ଥ ଜଣାପଡ଼େ ସିନା, ପ୍ରକୃତରେ ତାହା ଉପଯୁକ୍ତ, ଠିକ୍‌ଠାକ୍ ହିଁ ବିବେଚିତ ହୋଇଥାଏ । ସମାଜରେ ସେଭଳି ଛାତ୍ର ଅଥବା ଅଭିଭାବକଙ୍କୁ କେହି କେହି ବଦ୍ଧପାଗଳ ଆଖ୍ୟା ମଧ୍ୟ ଦେଇଥା'ନ୍ତି । ସେମାନଙ୍କର ବ୍ୟକ୍ତିଗତ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଜସ୍ୱ, ଗଭୀର ଜ୍ଞାନଭିତ୍ତିକ ହୋଇଥାଏ । ତେଣୁ ସେସବୁ ଅନ୍ୟମାନଙ୍କୁ ଅବାନ୍ତର ଅଥବା ପାଗଳାମିର ଏକ ଲକ୍ଷଣ ସଦୃଶ ଲାଗେ ।

ଏଇ ଅବାନ୍ତର ଲୋକମାନଙ୍କର ଉତ୍ତରରେ ଯଥାର୍ଥ ଯୁକ୍ତି ବା ସହ-ବାକ୍ୟ ଯେ ନଥାଏ ତାହା କହିବା ଠିକ୍ ହେବ ନାହିଁ । ସେମାନଙ୍କର ଯୁକ୍ତିରେ ଯଥାର୍ଥତା ଥାଏ କିନ୍ତୁ ତାହାକୁ ଗ୍ରହଣ କରିବାକୁ ମନ ଅଥବା ବିବେକ କେତେକାଂଶରେ ଦ୍ୱିଧା ପ୍ରକାଶ କରେ । ଯେମିତି ଚୁଡ଼ାକୁ ଅନେକ ସମୟ ଧରି ପାଟିରେ ଚୋବାଇଲେ ତାହା ଅଧିକାଧିକ ମିଠା ଲାଗେ, ଠିକ୍ ସେମିତି ଏମାନଙ୍କ ଯୁକ୍ତିକୁ ବିଭିନ୍ନ ଦିଗରୁ ତର୍ଜମା କଲେ କଥାର ଯଥାର୍ଥ ଦିଗ, ଯୌକ୍ତିକତା ଉପଲବ୍ଧି କରି ହୁଏ ।

ଆମେ କହୁଥିବା କଥାଟିକୁ ସରଳ ଭାବରେ ବୁଝିବା ପାଇଁ ଏକ ଉଦାହରଣ ନେବା –

ଥରେ ଶ୍ରେଣୀରେ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ କଲେ – ଦୁନିଆରେ ପ୍ରେମର ନିଦର୍ଶନ ସ୍ୱରୂପ କାହାକୁ ନିଆଯାଇପାରେ । ଛାତ୍ରମାନେ ପରସ୍ପରକୁ ଚାହିଁଲେ । ଜଣେ ଛାତ୍ର (ସିଏ ଇତିହାସରେ ରୁଚି ରଖିଥିଲା) କହିଲା – ''ସାର୍ ତାଜମହଲ ହେଉଛି ପ୍ରେମର ଏକ ଆଦର୍ଶ ଇମାରତ୍ ।'' ଏକଥାକୁ ଅନ୍ୟ ଛାତ୍ରମାନେ ମଧ୍ୟ ଅନୁରୂପ ଭାବେ ସ୍ୱୀକାର କଲେ ଓ ସମର୍ଥନ ଜଣାଇଲେ । ମାତ୍ର ଆମର ଉପର ଆଲୋଚିତ ଅଖାଡ଼ୁଆ ଚିନ୍ତାଧାରର ଜଣେ ଛାତ୍ର ଥିଲା, ସେ ଏକଥାକୁ ସମର୍ଥନ କଲା ନାହିଁ । ବରଂ ତା'ର ଯେତେବେଳେ ଉତ୍ତର ଦେବାକୁ ପାଳି ଆସିଲା ସେ ନିର୍ବିକାର ଭାବେ ଠିଆ ହୋଇ କହିଲା, ''ନାଇଁ ସାର୍ ପ୍ରେମର ପ୍ରତୀକ ହିସାବରେ 'ରାମସେତୁ'କୁ ନିଆ ଯାଇପାରେ । ଏ ଅବାନ୍ତର ଉତ୍ତରରେ ଅନ୍ୟ ଛାତ୍ରମାନେ ବେଶ୍ ହସିଲେ, ଅଧିକନ୍ତୁ ଶିକ୍ଷକ ରାଗି ଗଲେ । ପିଲାଟି ଆଗରେ ବେତକୁ ହଲାଇ ହଲାଇ ସିଏ ତା'ର ଉତ୍ତରର ଯଥାର୍ଥତା ଜାଣିବାକୁ ଚାହିଁଲେ । ପିଲାଟି ଅବିଚଳିତ କଣ୍ଠରେ ଉତ୍ତର ଦେଲା, ''ସାର୍, ପ୍ରଭୁ ରାମଚନ୍ଦ୍ର ସୀତାମାତାଙ୍କୁ ଲଙ୍କାରୁ ଫେରାଇ ଆଣିବା ପାଇଁ ରାମସେତୁ ନିର୍ମାଣ କରିଥିଲେ । ତାଜମହଲ ତ ଶାହାଜାହାନଙ୍କ ପତ୍ନୀଙ୍କ ସମାଧି ସ୍ଥଳ ଅଟେ । ପୁଣି ପ୍ରଭୁ ରାମଚନ୍ଦ୍ର ରାମସେତୁ ନିର୍ମାଣ କରିଥିଲେ ସମୁଦ୍ର ବକ୍ଷରେ, କାହାରି ଇଜମାଲି ଜମି ଉପରେ ନୁହେଁ । ତାଜମହଲ ଯେଉଁ ସ୍ଥାନରେ ତିଆରି ହୋଇଛି, ତାହା ମଧ୍ୟ କାହାରି ଇଜମାଲି ଜମି ନୁହେଁ; ମାତ୍ର ଏଇ ଜମି ବିବାଦକୁ ନେଇ ତାଜମହଲ ପରବର୍ତ୍ତୀ ସମୟରେ ବିବାଦୀୟ ସ୍ଥିତିକୁ ଟାଣି ହୋଇ ଯାଇଛି । ଅସଂଖ୍ୟ ବାନର ସେନାଙ୍କୁ ନେଇ କାର୍ଯ୍ୟରେ ଲଗାଇ ପ୍ରଭୁ ରାମଚନ୍ଦ୍ର ରାମସେତୁ ତିଆରି କରିଥିଲେ । ଏହାର ନିର୍ମାଣ ସରିବା ପରେ ପ୍ରଭୁ ରାମଚନ୍ଦ୍ର ବାନର ସେନାଙ୍କୁ ସମ୍ମାନିତ କରିଥିଲେ । ଏପରିକି ସାଧାରଣ ଗୁଣ୍ଡୁଚି ମୂଷାର ସେବା ଗୁଣରେ ମୁଗ୍ଧ ହୋଇ ତା' ପିଠିକୁ ଆଉଁଶି ଦେଇଥିଲେ । ମାତ୍ର ତାଜମହଲର ସ୍ରଷ୍ଟା ଶିଳ୍ପୀମାନେ ଆଉ ଏକ ଦ୍ୱିତୀୟ ଇମାରତ୍ ତିଆରି ନ କରନ୍ତୁ ବୋଲି ଶାହାଜାହାନ ସେମାନଙ୍କୁ ଛିନ୍ନହସ୍ତ, ବିକଳାଙ୍ଗ କରି ଦେଇଥିଲେ । ଏଣୁ ରାମସେତୁହିଁ ଯଥାର୍ଥ ପ୍ରେମର ଚିହ୍ନ ହୋଇ ପାରିବ ।

ଛାତ୍ରର ଉତ୍ତରରେ ଶିକ୍ଷକ ତଥା ଛାତ୍ରମାନେ ନିର୍ବାକ୍ ରହିଗଲେ । ଶିକ୍ଷକଙ୍କ ଅଜାଣତରେ ତାଙ୍କ ହାତରୁ ବେତଟି ଖସି ପଡ଼ିଲା ।

❑❑❑

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

[ଛୋଟ ପିଲାଙ୍କ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀ]

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ – ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦା'ଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୨ ମସିହା ଜୁଲାଇ ୧୮ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

## ବାରୁଣି – ଗୋଟିଏ ଭାଲୁ ଛୁଆ

ଛୋଟ ଭାଲୁ ଛୁଆଟିଏ, ନାଁ ତା'ର ବାରୁଣି । ଏ ପୃଥିବୀରେ ସେ ଏକାନ୍ତ ଏକୁଟିଆ, ବଣ ଭିତରେ ଛୋଟ କୁଡ଼ିଆ ଘରେ ସିଏ ରହେ । ତା'ର ସମ୍ପତ୍ତି ମଧ୍ୟରେ ଅଛି କେବଳ ଗୋଟିଏ ବାଲତି, ସେଥିରେ ତା'ର ଖାଇବା ଜିନିଷ ରହୁଥିଲା, ପୁଣି କେବେ କେବେ ପାଣି ବି ରହୁଥିଲା । ଆଉ ଥିଲା ଗୋଟିଏ ଦୋଳି । ଯେବେ ବି ତା'ର ମନ ହେଉଥିଲା, ସେଇ ଦୋଳିରେ ବସି ସେ ବେଶ୍ ଖୁସିରେ ଝୁଲୁଥିଲା । ପ୍ରଥମେ ପ୍ରଥମେ ଯେବେ ସେ ଏଇ ବନପ୍ରାନ୍ତକୁ ଆସିଲା ନୂଆ କରି, ସେତେବେଳେ ଏ ବଣର କିଛି ବି ତାକୁ ଜଣା ନ ଥିଲା; ପ୍ରତିଦିନ ସିଏ ଘୂରା-ଘୂରି କରି ଏ ଜଙ୍ଗଲର ଚାରିଆଡ଼ର ସବୁ ଜିନିଷର, ସବୁ ଜାଗାର ଖବର ସଂଗ୍ରହ କଲା – କେଉଁଠି ଢିପ, କେଉଁଠି ଖାଲ, କେଉଁଠି ଧୂ ଧୂ କରୁଛି ଶୁଖିଲା ବାଲି ତ କେଉଁଠି ପାଣିକାଦୁଅ, କେଉଁଠି ପାହାଡ଼-ପର୍ବତ, କେଉଁଠି ପାତାଳପୁରୀ । ଦିନ ପରେ ଦିନ, ତା'ପରେ ସପ୍ତାହ, ତା'ପରେ ମାସ ... ଏଇ ପରି କେତେ ମାସ କଟିଗଲାଣି – ଏହା ଭିତରେ ବାରୁଣି ବନଭୂଇଁର ସବୁ ଖବର ଜାଣି ଗଲାଣି । ମାତ୍ର ତା'ପରେ ଆଉ କି ଭଲ ଲାଗେ ତାକୁ ସେ ଜାଗା ? ଯାହା ଥିଲା ନବୀନ, ଯାହା ଥିଲା ଅଜଣା ସେସବୁ ତ ପୁରୁଣା ଓ ଜଣାଶୁଣା ହୋଇଗଲା । ଏଣିକି ଜୀବନଟା ଲାଗିଲା ଘୋଷରା ସମାନ ବାଟରେ ଟଣା ହେଉଥିବା ରଥ ଭଳି । ସେଇ ବଣରାଜ୍ୟର ସମାନ ନିତିଦିନିଆ ଗଛପତ୍ର, ଆକାଶ, ନଦୀ, ପାହାଡ଼, ଫୁଲ-ଫଳ ଏବଂ ତା'ର ସେଇ ଛୋଟ କୁଡ଼ିଆ ଘର, ତା'ର ସେଇ ଦୋଳଣାରେ ବସି ଝୁଲା-ଖାଇବା ଏବଂ ତା'ର ସେଇ ଟିକି ବାଲତିଟା – ଏଗୁଡ଼ାକ ନେଇ କେତେଦିନ ଆଉ ମନ ଭରିବ ? ବାରୁଣିର ପ୍ରାଣ ଛଟପଟ ହେଲାଣି, ତା'ର ମନରେ ଗୋଟାଏ ଇଚ୍ଛା ମୁଣ୍ଡ ଟେକିଲାଣି – ସେ ଆଉ ଜଣେ ସଙ୍ଗୀ ଚାହେଁ, ଯାହା ସାଙ୍ଗରେ ସେ କଥା କହିପାରିବ, ଆଳାପ-ଆଲୋଚନା କରିପାରିବ, ଯାହା ଉପରେ ଆପଣାର ଭାର ଛାଡ଼ି ଦେଇ ନିଶ୍ଚିନ୍ତ ହୋଇପାରିବ । କେବଳ ନିଜକୁ ନେଇ ସେ ଆଉ ସୁଖ ପାଉ ନାହିଁ, ପାରି ଉଠୁ ନାହିଁ । ଏହାହିଁ ତା'ର ଅନ୍ତରର ଏକମାତ୍ର ଆକାଙ୍କ୍ଷା, ଏକାନ୍ତ ଆସ୍ପୃହା । ଅଥଚ କେହି କେଉଁଠି ନାହାଁନ୍ତି, ଯାହା ଉପରେ ସେ ନିର୍ଭର କରିପାରିବ । ଏକା, ଏକେବାରେ ଏକା ସିଏ; ଅନ୍ୟମନସ୍କ ହୋଇ ବଣର ଏପାଖରୁ ସେପାଖ ଯାଏଁ ଘୂରି ବୁଲୁଥାଏ, ହଠାତ୍ ତା'ର କାନକୁ ଆସିଲା ଭ୍ରମରର ଶବ୍ଦ – ଭେଁଓ-ଓ; ସେଇ ଭୀମରୁଲର ଶବ୍ଦଟା ବଢ଼ି ବଢ଼ି ଚାଲିଲା, ସ୍ପଷ୍ଟରୁ ସ୍ପଷ୍ଟତର ହେଲା । ବାରୁଣି ଚାହିଁଲା ଏଣିକି ତେଣିକି – ଗୋଟିଏ ବିରୁଡ଼ି ପୋକ ତାହାରି ଆଡ଼କୁ ମାଡ଼ି ଆସୁଛି, ତା'ର ଭୟ ହେଲା ।

ବିରୁଡ଼ିର ହୁଳାଫୋଡ଼ିବା କଥା କିଏ ଅବା ନ ଜାଣେ ? ବିଚରା ବାରୁଣି ଡରି ପଳାଇଲା । ସେତେବେଳେ ସେଇ ବିରୁଡ଼ି ପୋକ ଧୀର ମିଠା ଗଳାରେ ତାକୁ ଡାକିଲା – ବାରୁଣି, ଏ ବାରୁଣି, ଡରନା, ମୁଁ ତୋ ଦେହରେ ମୋ ଶୁଣ୍ଢ ଫୁଟାଇବି ନାହିଁ । ତୋ'ରି ପାଖକୁ ଆସିଛି – ମୁଁ ବିରୁଡ଼ି ପରୀ, ତୋ'ର ଅଭିଳାଷ ପୂର୍ଣ୍ଣ କରିବାରେ ସାହାଯ୍ୟ କରିବି । ଭୀମା ବିରୁଡ଼ିର ଆକାର ନେଇଛି ମୁଁ, ମୋର କାମ ହେଉଛି ଲୋକଙ୍କର ମନସ୍କାମନା ପୂରଣ କରିବା – ଯେଉଁସବୁ ମନ-କାମନା ଖାଣ୍ଟି ଓ ନିର୍ଦୋଷ ସେଗୁଡ଼ିକୁ ପୂରଣ କରିବାକୁ ମୁଁ ଆଗେଇ ଆସେ । ବାରୁଣି ଲୁଚିବା ଜାଗାରୁ କଥାଟା ଶୁଣିଲା – ଅବାକ୍ ହେଲା, ଏଇଟା ପୁଣି କି କାଣ୍ଡରେ ବାବା ! ଏ ବଣକୁ ଆସିବା ଛ'ମାସ ହୋଇଗଲା – ଏମିତି ଘଟିବା କଥା ଆଗରୁ ଶୁଣିନି କି ଦେଖିନି । ଏକେବାରେ ନୂଆ କଥା,– କିଛି ସଂକୋଚ ତା'ର କଟିଲା, ତଥାପି ଭୟ ପୂରା ଯାଇ ନାହିଁ । ବିରୁଡ଼ି-ପରୀ ଟିକିଏ ପାଖକୁ ଆସି ବଁ ବଁ କରି ପଚାରିଲା, କ'ଣ ତୋର ମନୋବାଞ୍ଛା କହିଲୁ ସ୍ୱଷ୍ଟ କରି ? ତହୁଁ ବାରୁଣି କହି ପକାଇଲା – ମୁଁ ଏକାନ୍ତ ଏକା, ଏକା, ଏକା ବୋଧ କରୁଛି, କାହାକୁ ପାଉ ନାହିଁ ଯିଏ ମୋର ଭାର ନେବ ଓ ମୁଁ ମଧ୍ୟ ସେପରି ତା' ହାତରେ ନିଜର ଭାର ପୂରାପୂରି ଛାଡ଼ି ଦେବି – ନିଶ୍ଚିନ୍ତ ନିର୍ଦ୍ୱନ୍ଦ ହୋଇ । ପରୀ କହିଲା, ''ଏଇ କଥା ତ, ସହଜ ଉପାୟ ମୁଁ ବତାଇ ଦେଉଛି । କିଛି ଖାଇବା ପିଇବାର ଜିନିଷ ଧରି ବାହାରି ପଡ଼ ଘରୁ, ନାକ ସଳଖ ଚାଲି ଚାଲି ଯିବୁ, ଯାହା ସାଙ୍ଗରେ ଦେଖାହେବ ପଥରେ, ପଚାରିବୁ ତାକୁ ଓ ମନକଥାଟି କହିବୁ । ଏବଂ ସେ ଯଦି ଥରକରେ ସବୁ ଶୁଣି 'ହଁ' କରିଦିଏ, ସେଇ ଜାଣିବୁ ତୋର ମନସ୍କାମନା ପୂରଣ କରିବ । ବେଶ୍ ଏଥର ଘରୁ ବାହାରି ଯିବାର ଯୋଗାଡ଼ କର ।''

ତା' କଥା ଶୁଣି ବାରୁଣିର ଖୁସି କାହିଁରେ କ'ଣ । ଯେତେ ଶୀଘ୍ର ପାରେ କୁଡ଼ିଆ ଘରେ ପହଞ୍ଚି ତା'ର ଛୋଟ ବାଲଟିଟା ଭର୍ତ୍ତି କରି ଖାଇବା ଜିନିଷ ପୂରାଇଲା ଓ ରାତି ପାହୁ ପାହୁ ବାହାରି ପଡ଼ିଲା ଅଜଣାର ଉଦ୍ଦେଶ୍ୟରେ । ପ୍ରଥମେ ଦୌଡ଼ି ଦୌଡ଼ି, ପୁଣି ଚାଲି ଚାଲି, କେତେବେଳେ ଡେଇଁ ଡେଇଁ ଆନନ୍ଦରେ ସେ ଆଗେଇ ଚାଲିଲା । ଯାଉ ଯାଉ ପ୍ରଥମେ ଯାହା ସାଙ୍ଗରେ ଦେଖାହେଲା – ନାମ ତା'ର 'ପୋପ୍', ସେଇଟି ଗୋଟିଏ ଗୁଣ୍ଡୁଚି ମୂଷା । ବାରୁଣି ତାକୁ ଅଭିବାଦନ ଜଣାଇ କହିଲା, ''ନମସ୍କାର ଭାଇ ପୋପ୍, ମୋ ଭାର ତୁମେ ନେବ ?'' ପୋପ୍ ସଙ୍ଗେ ସଙ୍ଗେ ମୁଣ୍ଡ ହଲାଇ ଉତ୍ତର ଦେଲା, ''ନା, ନା, ମୁଁ ରହେ ଗଛ ଡାଳରେ, ସେଠି ତୁମେ ରହିବ କିପରି ? ତୁମ ଭାର ମୁଁ ନେବି, ତା' କେମିତି ହେବ ? ସେଥିରେ ମୋ ସ୍ତ୍ରୀ ତୁମ ଭଳି ଭାଲୁକୁ ଦେଖିଲେ ଡରିଯାଏ । ସେକଥା ହୋଇପାରିବ ନାହିଁ ।'' ବାରୁଣି ଆଶାହତ ହେଲା, ଆହୁରି ଆଗକୁ ପାଦ ବଢ଼ାଇଲା । ପ୍ରାଣରେ ତା'ର ଅଦମ୍ୟ ଉତ୍ସାହ । ଛ'ମାସର ଏକା ଭଳି ଘୋଷରା ଜୀବନ ପରେ ଏଇ ପ୍ରଥମ କରି ଅଭିଯାନ ନୂତନର ସନ୍ଧାନରେ । ଚାଲି ଚାଲି ଯାଇ ଗୋଟିଏ ଛୋଟ ନଦୀକୂଳରେ ପହଞ୍ଚିଲା, ଶୁଣିଲା – କିଏ ଯେମିତି ଗୀତ ଗାଉଛି । ସେଇ ଦିଗରେ ଆଗେଇଲା, ଦେଖିଲା ଗୋଟାଏ ପ୍ରକାଣ୍ଡ ବ୍ରାହ୍ମଣୀ ବେଙ୍ଗ, ପାଣି ପାଖରେ ଘାସବୁଦା ଉପରେ ବସି ସ୍ୱର-ସାଧୁଛି । ବାରୁଣି ତା' ପାଖକୁ ଯାଇ ନମସ୍କାର କଲା ଓ ତା'ର ପ୍ରାଣର ଇଚ୍ଛା ନିବେଦନ କଲା । ତା' ଶୁଣି ବେଙ୍ଗ ଟିକିଏ ବଡ଼ପାଟି କରି କହିଲା, ''ଇୟେ କେମିତି କଥା, ବୋକାଟାଏ ନା କ'ଣ ? ତୁ ଗୋଟାଏ ଭାଲୁ ଛୁଆ, ପାଣି କୂଳରେ ମୋର ଛୋଟିଆ ଗାତ-ଘର ଭିତରେ କେମିତି ରହିବୁ ତୁ ? ମୁଁ ପାହାଡ଼ ଦେହରେ ପଥର ଫାଙ୍କରେ ହାଓଆବଦଳ କରିବାକୁ ରହେ ବେଳେ ବେଳେ, ସେଠି ବା ତୁ ପଶିବୁ କେମିତି ସେଇ ଫାଙ୍କ ଭିତରେ ? ନା, ନା, ମୋ ସଙ୍ଗେ ରହିବା ତୋ'ର ହୋଇ ପାରିବ ନାହିଁ ।'' ଭାଲୁ ଛୁଆ ପ୍ରଥମ କରି ବିରକ୍ତି ବୋଧ କଲା ।

ବାରୁଣି ପୁଣି ଆଗକୁ ଚାଲିଲା – ପ୍ରକାଣ୍ଡ ଗୋଟେ ଗଛର କାଣ୍ଡର କୋରଡ଼ ପାଖରେ ବସିଥିଲେ ଠେକୁଆ ଦମ୍ପତିଟିଏ । ବାରୁଣି ତାଙ୍କ ପାଖକୁ ଯାଇ ସିଧା ସମ୍ଭ୍ରମର ସହ ପଚାରିଲା, 'ତୁମ୍ଭେମାନେ ମୋ ଭାର ନେବ ।' ଶଶକ ଦମ୍ପତି ରାଗି ଗଲେ ତା' କଥା ଶୁଣି – ଯେମିତି ଖଡ୍ଗହସ୍ତ – କାନକୁ ଠିଆ କରି ଦେଇ ମୁଣ୍ଡ ହଲାଇ ତୁରନ୍ତ ଜବାବ ଦେଲେ, ''ବାବା, ରିହାଇ ଦିଅ ଆମକୁ । ଆପଣା ପ୍ରାଣ ନେଇ ବଞ୍ଚିବା ଦାୟ, ସେଥିରେ ପୁଣି ଇଏ ଆସି ଜୁଟିଛି । ଆମେ ପାରିବୁ ନାହିଁ, ପଳା ଏଠାରୁ ।''

ବାରୁଣିର ତ ନାସ୍ତି ବାଣୀ ଶୁଣିବା ଦେହଘଷା ହୋଇଗଲାଣି ଏତେ ସମୟ ଧରି – ଏଇ ଯେତେ 'ନା' 'ନା' ଶବ୍ଦ । ସେ ନିର୍ବିକାର ହୋଇ ଚାଲିଲା ନାକ ସଳଖେ – ଆଗକୁ ଆଗକୁ । କିଛି ବାଟ ଯିବା ପରେ ଦେଖିଲା ମୋଟା ଏକ ଗଛର ଡାଳରେ ବସିଛି କାଠହଣା ଚଢ଼େଇଟିଏ, ଗୋଟିଏ ଡାଳରେ ନାଲି ଟୁକ୍ ଟୁକ୍ ଥଣ୍ଟ ଠକ୍ ଠକ୍ କରି ବାଡ଼ାଉଛି ଓ

ଗର୍ତ୍ତ କରି ସେଥିରୁ ପୋକ ବାହାର କରି ଖାଉଛି । ବାରୁଣି ତାକୁ ଦେଖି ଗଛ ତଳେ ଯାଇ ଠିଆହେଲା, ମୁଣ୍ଡଟେକି ଉପରକୁ ଚାହିଁ ପଚାରିଲା ଆପଣାର ମନକଥା । କିନ୍ତୁ, ହାୟ ! କାଠହଣା ଚଢ଼େଇଟା ବି ତା'ର ଅନୁରୋଧକୁ ନାକଚ କରିଦେଲା – ''ତୁମେ କ'ଣ ମୋ ଭଳି ଉଡ଼ିପାରିବ – କେମିତି ରହିବ ମୋ ସାଙ୍ଗରେ ? ସେ ସବୁ ବାଜେ କଳ୍ପନା ଛାଡ଼ି ଦିଅ ।''...

ହାୟ, ଏ କି ଜବାବ ? ଯାହାକୁ ଦେଖିଲି ପଚାରିଲି ମୋ ଏକାନ୍ତ ଇଚ୍ଛାର କଥାଟି, ସମସ୍ତେ ଏ ଯାଏଁ କହିଗଲେ – 'ନା', 'ନା', 'ନା', ... ଉପାୟ କ'ଣ ଏଇକ୍ଷଣି । ପରୀଟା କ'ଣ ମୋତେ ବୋକା ବନାଇ ଦେଲା ? ସନ୍ଦେହଟା ମନର ଗୋଟାଏ ପାଖରେ ଉଙ୍କି ମାରିଲାଣି । ତେବେ ସେଇ ସନ୍ଦେହଟାକୁ ବାରୁଣି ମୁଣ୍ଡ ଟେକିବାକୁ ଦେଉ ନାହିଁ । ଏବେ ବି ତା'ର ବିଶ୍ୱାସ ଦୃଢ଼ ଯେ ପରୀ ଭୀମା-ବିରୁଡ଼ି ନିଶ୍ଚିତ କଥା କହିଛି । ମାତ୍ର ତା'ର ଅଭିଯାନର ପ୍ରତି ପଦକ୍ଷେପର ବ୍ୟର୍ଥତା ଯେମିତି ତାକୁ ଆଘାତ ପରେ ଆଘାତ ଦେଉଛି – ଆଖିରେ ଲୁହ ଆସିଗଲାଣି, ପ୍ରାଣର ଉଦ୍ଦୀପନା ମରି ଯାଉଛି । କେବେଠୁ ସେ ଘର ଛାଡ଼ିଲାଣି, ସୂର୍ଯ୍ୟ ଉଠିବାର ବହୁ ଆଗରୁ ଆଉ ଏବେ ପ୍ରାୟ ଦିନ ଗଡ଼ିଯିବା ଉପରେ । ହାତରେ ଅନେକ ଖାଇବା ଜିନିଷ ଅଥଚ ଖାଇବା କଥା ମନେହିଁ ନାହିଁ – ଛୋଟ ବାଲତି ଭର୍ତ୍ତି ହୋଇ ସେମିତି ରହିଛି । ଅନ୍ୟମନସ୍କ ହୋଇ ସେ ଚାଲିଛି ଯେମିତି କଳମୋଡ଼ା କଣ୍ଢେଇଟିଏ । ଏସବୁ ଥିବା ସତ୍ତ୍ୱେ ବି ତା'ର ଅଜ୍ଞାତରେ ମନ-ପ୍ରାଣରେ ଦୃଢ଼ ହୋଇ ବନ୍ଧା ହୋଇଛି ଏକ ଅଟଳ ବିଶ୍ୱାସ – ଏତେ ବ୍ୟର୍ଥ ପ୍ରୟାସ ପରେ ବି ସେଇ ବିଶ୍ୱାସହିଁ ତାକୁ ଏଇ ଦୁଃସମୟରେ ଏକ ଯନ୍ତ୍ର ଭଳି ଠେଲି ନେଇ ଆଗେଇ ଚାଲିଛି ସମ୍ମୁଖକୁ ।

ବାରୁଣି ଚାଲି ଚାଲି ଯାଇ ଗୋଟିଏ ସବୁଜ କ୍ଷେତରେ ପହଞ୍ଚିଲା, ସନ୍ଧ୍ୟା ହେବା ଉପରେ । ସେଇ ଶ୍ୟାମଳ କ୍ଷେତର ମଝିରେ ଗୋଟିଏ ଘର । ସେ ସିଧା ଯାଇ ସେଇଠି ହାଜର । ଅବାକ୍ ହୋଇ ଚାହିଁଲା – ଗୋଟିଏ ଭଲ୍ଲୁକ ଦମ୍ପତି – ବୁଢ଼ା, ବୁଢ଼ୀ, ପ୍ରକାଣ୍ଡ ଆକାରର – ଆରାମରେ ବସି ଗଳ୍ପ ଯୋଡ଼ି ଦେଇଛନ୍ତି । ବାରୁଣି ପାଖକୁ ଯାଇ ପ୍ରଣାମ କଲା ଓ କହିଲା – ଆସିଛି ଆପଣମାନଙ୍କ ପାଖକୁ ଆଶ୍ରୟ ନେବାକୁ । ମୋ ଭାର ନେବେ କି ? ବୁଢ଼ୀ ଭାଲୁଟି ତା' ଜାଗାରୁ ଉଠି ଆସିଲା ଛୁଆଟି ପାଖକୁ ଓ କହିଲା, ''ପୁଅ ମୋର, ଥରେ କ'ଣ ଶହେ ଥର ତୋ ଭାର ନେବାକୁ ପ୍ରସ୍ତୁତ ମୁଁ । ମୋର ତ ପିଲାଛୁଆ ନାହିଁ, ତୁ ତ ଏଣିକି ଆମର ଆଦରର ଧନ ହେଲୁ !''

ବାରୁଣି ମନେ ପକାଇଲା ସେଇ ବିରୁଡ଼ି-ପରୀର କଥା – ''ପରୀର ପ୍ରତିଶ୍ରୁତିଟା ମିଥ୍ୟା ହେଲା ନାହିଁ, ମୋର ମନୋବାଞ୍ଛା ପୂର୍ଣ୍ଣ ହେଲା ।'' ସେଦିନ ରାତିରେ ପ୍ରଥମ ଥର ଲାଗି ପରିଷ୍କାର ଧୋବ ଫରଫର ବିଛଣାରେ ନିଘୋଡ଼ ନିଦରେ ସେ ଶୋଇ ପଡ଼ିଲା ବେଶ୍ ଆରାମରେ ଓ କେତେ କ'ଣ ସୁଖ-ସ୍ୱପ୍ନ ଦେଖିଲା । ଏବେ ସେ ତା'ର ନିଜର ମା ଓ ବାପାକୁ ପାଇଲା, ସେମାନଙ୍କଠୁ ପ୍ରଚୁର ସ୍ନେହ ଆଦର ପାଇଲା, ଯାହାର ଶେଷ ନାହିଁ । ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ବିତିଗଲା, ତା'ପରେ ମାସ ପରେ ମାସ ଏମିତି କଟିଗଲା – ବାରୁଣିକୁ ତା' ଜୀବନ ଆଉ ଅତିଷ୍ଠ ବା ଏକଘରିଆ ଲାଗି ନାହିଁ କେବେ ହେଲେ । ପୁରୁଣା ସବୁ ଜିନିଷ ଭିତରେ ନୂତନର ସନ୍ଧାନ ପାଇବାର କଳା ସେ ଶିଖିଗଲା, ଜାଣିଗଲା – କେବଳ ପରୀର କଥାରେ ଆସ୍ଥା ରଖିଥିବାରୁ । ❑

ତୁମର ଯାହାକିଛି ସୁଖ ଓ ଆନନ୍ଦ ତାହା କେବଳ ଭଗବାନଙ୍କଠାରୁ ପାଇବା ଲାଗି ପ୍ରତୀକ୍ଷା କରିବ । କେବଳ ତାଙ୍କରି ମଧ୍ୟରେ ତୁମେ ଖୋଜିବ ଓ ପାଇବ ତୁମର ଆଶ୍ରୟ । ତୁମର ସମସ୍ତ ଦୁଃଖ ମଧ୍ୟରେ ସେ ତୁମକୁ ସାନ୍ତ୍ୱନା ଦେବେ, ହାତ ଧରି ପଥ କଢ଼ାଇ ନେବେ, ଯଦି ଝୁଣ୍ଟି ପଡ଼ ତୁମକୁ ତଳୁ ଉଠାଇ ନେବେ, ଯଦି ବ୍ୟର୍ଥତା ଓ ଅତିଶୟ କ୍ଳାନ୍ତିର ମୁହୂର୍ତ୍ତ ଆସେ ତେବେ ସେ ତୁମକୁ ତାଙ୍କର ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ବାହୁଯୁଗଳରେ ତୋଳି ନେବେ ଏବଂ ତାଙ୍କର ଶାନ୍ତିପ୍ରଦାନକାରୀ ମଧୁରତା ମଧ୍ୟରେ ତୁମକୁ ଆଲିଙ୍ଗନବଦ୍ଧ କରିବେ ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଗ୍ରହାନ୍ତରେ ଜୀବ ଜଗତର ସମ୍ଭାବନା

**ପ୍ରଶ୍ନ :** *ବିଶ୍ୱ ବ୍ରହ୍ମାଣ୍ଡରେ ଆମ ପୃଥିବୀ ବ୍ୟତୀତ ଅନ୍ୟ କୌଣସି ଗ୍ରହ ନକ୍ଷତ୍ରରେ ଜୀବଜଗତ୍ ଅଛି କି ? ଯଦି ଅଛି, ତେବେ ଏ ପୃଥିବୀରେ ଜୀବଧାରୀ ମୃତ୍ୟୁ ପରେ ଅନ୍ୟ ଗ୍ରହରେ ଜନ୍ମ ନିଅନ୍ତି କି ? ଆମ ପ୍ରାରବ୍ଧ ସମାପ୍ତ ହେବାକୁ କେତେ ଜନ୍ମ ନେବାକୁ ପଡ଼ିବ ?*

**ଉତ୍ତର :** ବିଜ୍ଞାନ ଆପଣଙ୍କ ପ୍ରଥମ ପ୍ରଶ୍ନର ଉତ୍ତର ସନ୍ଧାନରେ ବ୍ୟାପୃତ ରହିଛି ଏବଂ ତା'ର ବିବରଣୀ ସମ୍ବାଦ-ପତ୍ରମାନଙ୍କରେ ପ୍ରକାଶ ପାଉଛି । ସେ ଦିଗରେ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ଏଯାବତ୍ ସମ୍ଭବପର ହୋଇ ନାହିଁ; କିନ୍ତୁ କଳ୍ପନାର ଅନ୍ତ ନାହିଁ । ସେଭଳି ସମ୍ଭାବନା ଉପରେ ଅସଂଖ୍ୟ ବିଜ୍ଞାନଭିତ୍ତିକ କାହାଣୀ (Science fiction) ଲେଖା ହେଉଛି ଏବଂ ଗୁଡ଼ିଏ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଛି । ମଧ୍ୟେ ମଧ୍ୟେ 'ଉଡ଼ନ୍ତା ଥାଳିଆ' (Flying Saucer, UFO ବା Unidentified Flying Object) ଭଳି ରହସ୍ୟମୟ ଚିଜ ଆମ କଳ୍ପନାକୁ ଇନ୍ଧନ ଯୋଗାଏ । ଆମେରିକା ମୁଲକ ଉପରିସ୍ଥ ଆକାଶରେ ପ୍ରାୟତଃ ଅସ୍ୱାଭାବିକ ଜ୍ୟୋତିଃ ବିକିରଣକାରୀ ଭିନ୍ନ ଭିନ୍ନ ଆକୃତିର ଏହି ବସ୍ତୁ ବାରଂବାର ଦୃଷ୍ଟିଗୋଚର ହୁଅନ୍ତେ ଏହା ଉପରେ ଦୃଷ୍ଟି ରଖିବା ନିମନ୍ତେ ସରକାର Project Blue Book ନାମକ ଏକ ପ୍ରତିଷ୍ଠାନ ବସାଇଲେ ଏବଂ ବିଶେଷଜ୍ଞମାନଙ୍କ ମତ ଅନୁସାରେ ୧୯୫୨ ବେଳକୁ ଘୋଷଣା କଲେ ଯେ ସେସବୁ ଦୃଶ୍ୟ ବାତାବରଣର ବୈଚିତ୍ର୍ୟ ମାତ୍ର । ଆମେରିକାର ଜାତୀୟ ବିଜ୍ଞାନ ପରିଷଦ ମଧ୍ୟ ସେସବୁ ରହସ୍ୟମୟ ଉଡ଼ନ୍ତା ଯାନକୁ ଗ୍ରହାନ୍ତରର କୌଣସି ସଭ୍ୟତାର ସନ୍ଧାନୀ ଅଭିଯାନ ବୋଲି ମନେ କରନ୍ତି ନାହିଁ ।

ସ୍ୱନାମଧନ୍ୟ ମନସ୍ତତ୍ତ୍ୱବିଦ୍ କାର୍ଲ୍ ଗୁସ୍ତଭ୍ ୟୁମ୍ ସେସବୁ ଦୃଶ୍ୟର ବ୍ୟାଖ୍ୟା ଦେଇଛନ୍ତି ଏହି ମର୍ମରେ : ମଣିଷ ପାଇଁ ସାମ୍ପ୍ରତିକ ପୃଥିବୀର ପରିସ୍ଥିତି ଅସହ୍ୟ ହୋଇ ଉଠନ୍ତେ ତା'ର ଅବଚେତନ କୌଣସି ଅଜ୍ଞାତ ମହାଶକ୍ତିର ହସ୍ତକ୍ଷେପ କାମନା କରୁଚି । ସେହି ସମବେତ ଅବଚେତନ ବାସନା ଊର୍ଦ୍ଧ୍ୱରୁ ସେଭଳି ରହସ୍ୟମୟ ଆଗନ୍ତୁକର ଭ୍ରମ ସୃଜନ କରୁଛି ।

କିନ୍ତୁ ଏଭଳି ବ୍ୟାଖ୍ୟା ଆମେରିକାର ଜଣେ ପୂର୍ବତନ ରାଷ୍ଟ୍ରପତି ଜିମ୍ମି କାର୍ଟର୍ ଗ୍ରହଣ କରନ୍ତେ କି ? ୧୯୬୯ର କଥା । କାର୍ଟର୍ ସେତେବେଳେ ଜର୍ଜିଆ ରାଜ୍ୟର ରାଜ୍ୟପାଳ ଥିଲେ । ଦିନେ ସନ୍ଧ୍ୟାରେ ଲିଆରି ସହର ଉପରେ ସେ ଏବଂ ତାଙ୍କ ସହ ଥିବା କେତେଜଣ ବିଶିଷ୍ଟ ବ୍ୟକ୍ତି ଆକାଶରେ ଗତିମାନ ଯେଉଁ ଉଜ୍ଜ୍ୱଳ ଯାନଟି ଦଶ ମିନିଟ ପର୍ଯ୍ୟନ୍ତ ଦେଖି ପାରିଥିଲେ, ତାହା କୌଣସି ବାତାବରଣ-କୈନ୍ଦ୍ରିକ ଦୃଶ୍ୟ ନୁହେଁ କି ମାନସିକ ଭ୍ରମ ହୋଇ ପାରେନା ବୋଲି ସେ ନିଶ୍ଚିତ — ତାହା କୌଣସି ଗ୍ରହରୁ ଆସୁ ବା ନ ଆସୁ ।

ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ସମ୍ପର୍କରେ : ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସମଗ୍ର ସୃଷ୍ଟି, ବିଶ୍ୱବ୍ରହ୍ମାଣ୍ଡ ପ୍ରାଣଶକ୍ତିସମ୍ପନ୍ନ । କିନ୍ତୁ ଜୀବନର ଯେଉଁ କ୍ରମବିକାଶ ଆମ ପୃଥିବୀରେ ଅବ୍ୟାହତ ରହିଛି, ତାହା ଅନ୍ୟ କୌଣସି ଗ୍ରହରେ ଘଟୁ ନାହିଁ । ଅତଏବ ଏ ଧରାପୃଷ୍ଠରେ ଜାତ ଆମ୍ଭେମାନେ ଏହି ଧରାପୃଷ୍ଠରେହିଁ ପୁନର୍ଜନ୍ମ ନେଉଥିବୁ । ଭବିଷ୍ୟତରେ ଯଦି ଏହି ପୃଥିବୀର ମଣିଷ ଅନ୍ୟ କୌଣସି ଗ୍ରହ ବା ଉପଗ୍ରହରେ ବସତି ସ୍ଥାପନ କରେ, ତେବେ ଗ୍ରହାନ୍ତରେ ପୁନର୍ଜନ୍ମ ସମ୍ଭବପର ହୋଇପାରେ ।

ଆପଣଙ୍କ ତୃତୀୟ ପ୍ରଶ୍ନର ପର୍ଯ୍ୟାୟ ଭିନ୍ନ । ସଂକ୍ଷେପରେ : ପ୍ରାରବ୍ଧର ସମାପ୍ତି ନିମନ୍ତେ ଏକାଧିକ ମାର୍ଗ ରହିଛି; ବୁଦ୍ଧଙ୍କ ପ୍ରବର୍ତ୍ତିତ ମାର୍ଗ ସ୍ୱଷ୍ଟ । ସେ ମାର୍ଗ ଅନୁଧାବନର ଫଳ ନିର୍ବାଣ । କିନ୍ତୁ ଜଣକର କର୍ମ କ୍ରମେ କ୍ରମେ ଅହଂ ମୁକ୍ତ ତଥା ଭଗବତ୍-ନିବେଦିତ ହୋଇ ଚାଲିଲେ ଜଣେ ସମସ୍ତ ବନ୍ଧନ ଅତିକ୍ରାନ୍ତ ଏକ ମୁକ୍ତ ଆତ୍ମା ରୂପେ ରହିପାରିବ । ସେ ପୁନର୍ଜନ୍ମ ନ ନେଇପାରେ କିଂବା ସଂକଳ୍ପ କଲେ ନେଇପାରେ ।

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୭୩ - ୭୪) ❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 5** **R.N.I. No. 18163/70.**
Navaprakash (Monthly), May, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍‌କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Gopal Chandra Mahana
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**